# ଅନୁସ୍ୱାର

The Anuswaar
Monthly e-Magazine
Vol - 1/Issue- X
October -2026

## ମାସିକ ଇ-ପତ୍ରିକା

ଅକ୍ଟୋବର -୨୦୨୬

ସମ୍ପାଦନା : ସରୋଜ କୁମାର ଶତପଥୀ

Publisher :
Newtra Creations, Bhubaneswar

Contact Us : +91 9937128547 / Email : anuswaar.emagazine@gmail.com / Website : www.anuswaar.com

ଅନୁସ୍ୱାର
ମାସିକ ଇ-ପତ୍ରିକା



# ଅନୁସ୍ୱାର

## ମାସିକ ଇ-ପତ୍ରିକା

ପ୍ରଥମ ବର୍ଷ, ଦଶମ ସଂଖ୍ୟା, ଅକ୍ଟୋବର - ୨୦୨୬

ସମ୍ପାଦନା: ସରୋଜ କୁମାର ଶତପଥୀ

ପ୍ରକାଶକ: ନ୍ୟୁଟ୍ରା କ୍ରିଏସନ୍ସ
ପ୍ଲଟ୍ ନଂ-୫, ଜୟଦେବ ନଗର,
ଭୁବନେଶ୍ୱର-୭୫୧୦୦୨

ଯୋଗାଯୋଗ:
ମୋ: +୯୧ ୯୯୩୭୧୨୮୫୪୭

Vol. - I, Issue-X,October-2026
Editing :Saroj Kumar Satpathy
Publisher: Newtra Creations,Plot no-5, Jayadev Nagar,Bhubaneswar - 751002
Mob :+91 9937128547/e-mail : editor.anuswaar@gmail.com/
website : www.anuswaar.com/ www.newtracreations.com

# ଆମ ପୃଷ୍ଠପୋଷକ

ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡଙ୍ଗୀ

ପ୍ରତିମା ମିଶ୍ର

ପ୍ର. ମଣୀନ୍ଦ୍ର କୁମାର ମେହେର

ବିରଞ୍ଚି ମିଶ୍ର

ବିନୋଦିନୀ ଗଉଡ଼

ଅପରାଜିତା

ଗୀତା ପଟ୍ଟନାୟକ

ପ୍ରତିତୀ ମହାନ୍ତି

ପ୍ରଫେସର ଅଭୟ ବେହେରା

ବିଦ୍ୟାଧର ଗୁରୁ

ଭୁବନେଶ୍ୱର ବିଶି

ମାନଗୋବିନ୍ଦ ବାରିକ୍

ସାବିତ୍ରୀ ଦାସ

କମଳିନୀ ଦେବୀ

ରାଧାରାଣୀ ପଟ୍ଟନାୟକ

ପ୍ରଫେସର ବୀଣାପାଣି ତ୍ରିପାଠୀ

ନିହାରୀକା ରାୟ ବରାଳ

ସରୋଜଲକ୍ଷ୍ମୀ ମହାନ୍ତି

ଅସୀମା ରାୟ ଖୁଣ୍ଟିଆ

ନୀନା ବଳିୟାରସିଂ

ମଧୁସ୍ମିତା ମହାପାତ୍ର

ମନୋରମା ପଣ୍ଡା

ଶୁଭଶ୍ରୀ ସିଂ

ଶ୍ରୀମତୀ ହରପ୍ରିୟା ପଣ୍ଡା

ଗଦାଧର ନିଆଳ

ଶମ୍ଭୁନାଥ ରାଉଳ

ବୀରେଶ୍ୱର ମହାନ୍ତି

ଜୟନ୍ତୀ ନାୟକ

ରୀତା ମିଶ୍ର

ସ୍ୱର୍ଣ୍ଣଲତା ମହାପାତ୍ର

ସୁବ୍ରତା ମିଶ୍ର

ଡକ୍ଟର ରଶ୍ମି ଦାସ

ମନୋରମା ମିଶ୍ର

# ନିବେଦନ

ପ୍ରିୟ ସୃଜନଶୀଳ ସ୍ରଷ୍ଟାଙ୍କୁ ବିନମ୍ର ପ୍ରଣାମ।

ଜାଣି ଖୁସି ହେବେ ଆମ ପ୍ରିୟ ମାସିକ ଡିଜିଟାଲ ସାହିତ୍ୟ ପତ୍ରିକା 'ଅନୁସ୍ୱାର'ର ଶୁଭ ଲୋକାର୍ପଣ ଗତ ୨୨.୦୫.୨୦୨୫ ତାରିଖରେ ବରେଣ୍ୟ ଅତିଥିମାନଙ୍କ କରକମଳରେ ପ୍ରିୟ ପାଠକ/ପାଠିକା ତଥା ଆପଣମାନଙ୍କ(ଲେଖକ/ଲେଖିକା) ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି ଏବଂ ଗତ ୧୯.୦୮.୨୦୨୫ ତାରିଖରେ ପତ୍ରିକାର ୱେବ୍ ସାଇଟ୍ www.anuswaar.com ମଧ୍ୟ ଲୋକାର୍ପିତ ହୋଇଛି। ଏହାର ଏକମାତ୍ର ଉଦ୍ଦେଶ୍ୟ ହେଲା ଆମେ ଏଭଳି ଏକ ପ୍ଲାଟ୍‌ଫର୍ମ ସୃଷ୍ଟି କରିବା, ଯେଉଁଥିରେ ଓଡ଼ିଆ ସାହିତ୍ୟକୁ ଭଲପାଉଥିବା ସମସ୍ତ ସୃଜନଶୀଳ ସ୍ରଷ୍ଟା ଓ ପାଠକଙ୍କର ସମନ୍ୱୟରେ ଓଡ଼ିଆ ସାହିତ୍ୟର ବିଶ୍ୱ ସ୍ତରରେ ପ୍ରଚାର ଓ ପ୍ରସାର ସହଜ ହୋଇପାରିବ। ଏହି ପରିପ୍ରେକ୍ଷୀରେ 'ଅନୁସ୍ୱାର', ଆପଣମାନଙ୍କ ବଳିଷ୍ଠ ଲେଖନୀ ଚାଳନା, ଦେଇଥିବା ଅନୁଦାନ ରାଶି ଓ ପ୍ରକାଶକ ସଂସ୍ଥା 'ନ୍ୟୁଟ୍ରା କ୍ରିଏସନ୍ସ'ର ସହଭାଗିତା ତଥା ନିରନ୍ତର ପ୍ରୟାସ ଯୋଗୁଁ ୫୨୦୦୦ ରୁ ଉର୍ଦ୍ଧ୍ୱ ନିୟମିତ ପାଠକ ହାସଲ କରିପାରିଛି। ବର୍ତ୍ତମାନ ସୁଦ୍ଧା ବାଇଶି ଲକ୍ଷରୁ ଉର୍ଦ୍ଧ୍ୱ ଆମ ପୋର୍ଟାଲର views ରହିଛି । ଦିନକୁ ଦିନ 'ଇ-ମ୍ୟାଗାଜିନ୍'ର ଚାହିଦା ବିଶ୍ୱସ୍ତରରେ ବଢ଼ିବାରେ ଲାଗିଛି। ନିଜର user friendly interface ଯୋଗୁଁ ଏହା ସମଗ୍ର ବିଶ୍ୱରେ ଥିବା ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ବେଶ୍ ଉପଯୋଗୀ ହୋଇପାରୁଛି। ଆମ ପତ୍ରିକା ପାଇଁ କରାଯାଇଥିବା ପୋର୍ଟାଲ ଡିଜାଇନ ଭାରତବର୍ଷରେ ପ୍ରଥମ ଓ କେବଳ ଆମ ପାଖରେ ହିଁ ଅଛି। ଆଜି ଯାଏ ଅନ୍ୟ କୌଣସି ସାହିତ୍ୟ ସଂସଦ କିମ୍ୱା ପ୍ରକାଶନୀ ସଂସ୍ଥା ଏଭଳି ଏକ ବ୍ୟୟବହୁଳ ପୋର୍ଟାଲ ତିଆରି କରିନାହାନ୍ତି। କହିବା ବାହୁଲ୍ୟ ଯେ, ଆଜିର ଏଇ ଡିଜିଟାଲ୍ ଯୁଗରେ 'ଇ-ମ୍ୟାଗାଜିନ୍' ପ୍ରତ୍ୟେକଟି ସାହିତ୍ୟପ୍ରେମୀଙ୍କ ପାଖରେ ପହଞ୍ଚିବା ସହିତ ନୂତନ ଯୁବପିଢ଼ିର ଲେଖକ/ଲେଖିକାମାନଙ୍କୁ ଓଡ଼ିଆ ସାହିତ୍ୟ ପ୍ରତି ଆକୃଷ୍ଟକରିବା ତଥା ବିଶ୍ୱ ଦରବାରରେ ସେମାନଙ୍କ ଲେଖାଗୁଡ଼ିକୁ ପହଞ୍ଚାଇବାର ଦାୟିତ୍ୱ ବହନ କରି ନିଜର ନିରନ୍ତର ପ୍ରୟାସ ଜାରି ରଖିଛି।

ଆସନ୍ତୁ, ଆମେ ସମସ୍ତେ 'ଇ-ମ୍ୟାଗାଜିନ୍'ର ଏହି ଯାତ୍ରାରେ ସାମିଲ୍ ହୋଇ 'ଅନୁସ୍ୱାର' ମାସିକ ଇ-ମ୍ୟାଗାଜିନ ବା ଡିଜିଟାଲ ମ୍ୟାଗାଜିନ ମାଧ୍ୟମରେ ଓଡ଼ିଆ ଭାଷା-ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଯଥା ସମ୍ଭବ ପ୍ରୟାସ କରିବା।

ବିନୀତ,
ସମ୍ପାଦକ 'ଅନୁସ୍ୱାର'

## ସମ୍ପାଦକୀୟ...

# ଶାରଦୀୟ ଆବାହନୀ : ବାହ୍ୟ ଆଡ଼ମ୍ବର ମଧ୍ୟରେ ଅତିରଞ୍ଜିତ ଆରାଧନା

ଆକାଶରେ ପ୍ରସ୍ଫୁଟିତ କାଶତଣ୍ଡୀର ଶୁଭ୍ରତାରେ ଶରତର ବାର୍ତ୍ତା, ଶିଶିରସିକ୍ତ ଗଙ୍ଗଶିଉଳିର ପବିତ୍ର ସୁବାସ ଏବଂ ମନ୍ଦ ମନ୍ଦ ଶାରଦୀୟ ସମୀରଣରେ ଭାସିଆସୁଥିବା ଶଙ୍ଖ,ବାଦ୍ୟ ଓ କାହାଳୀର ମୋହନ ମୂର୍ଚ୍ଛନା, ଏ ସବୁ କେବଳ ଋତୁପରିବର୍ତ୍ତନର ସୂଚନା ନୁହେଁ; ଏହା ହେଉଛି ଜଗତ୍‌ଜନନୀ ମହିଷମର୍ଦ୍ଦିନୀ ମା’ ଦୁର୍ଗାଙ୍କର ଧରାବତରଣର ଆଧ୍ୟାତ୍ମିକ ସଙ୍କେତ। ଏହି ପବିତ୍ର ମୁହୂର୍ତ୍ତରେ ସମଗ୍ର ସୃଷ୍ଟି ଭକ୍ତି, ଆନନ୍ଦ ଓ ପ୍ରଶାନ୍ତିରେ ଆନ୍ଦୋଳିତ ହୋଇଉଠେ। ମାତ୍ର, ଆଧୁନିକତାର ଅନ୍ଧାନୁକରଣରେ ଆଜି ପର୍ବପର୍ବାଣୀର ଆତ୍ମା କ୍ରମଶଃ ହଜିବାକୁ ବସିଛି। ପୂଜାର ସେହି ନିର୍ମଳ ଅନ୍ତରଙ୍ଗତା, ଗାମ୍ଭୀର୍ଯ୍ୟ ଏବଂ ଆଧ୍ୟାତ୍ମିକ ସାଧନା ଆଜି ବାହ୍ୟ ଚକଚକ୍ୟ ଓ ଆଡ଼ମ୍ବରପୂର୍ଣ୍ଣ ପ୍ରଦର୍ଶନୀ ମଧ୍ୟରେ ସଙ୍କୁଚିତ ହୋଇପଡ଼ିଛି।

ଆଜି ଦଶହରା କେବଳ ମା’ଙ୍କ ଆରାଧନା କିମ୍ବା ଆତ୍ମଶୁଦ୍ଧିର ପବିତ୍ର ପର୍ବ ହୋଇ ରହିନାହିଁ; ବରଂ ଏହା ସାମାଜିକ ପ୍ରତିସ୍ପର୍ଦ୍ଧାର ଏକ କ୍ଷେତ୍ରରେ ପରିଣତ ହୋଇଛି। ଗଗନଚୁମ୍ବୀ ତୋରଣ, କୋଟି କୋଟି ଟଙ୍କାର ବ୍ୟୟବହୁଳ ମଣ୍ଡପସଜ୍ଜା ଏବଂ ଆଖିଝଲସା ଆଲୋକର ପ୍ରଦର୍ଶନୀ ଆଜି ଭକ୍ତିଭାବକୁ ଗୌଣ କରି ଅହଂକାରକୁ ପ୍ରାଧାନ୍ୟ ଦେଉଛି। ମା’ଙ୍କ ଶ୍ରୀଚରଣରେ ନିଷ୍ପାପ ଶ୍ରଦ୍ଧାକୁ ସମର୍ପଣ କରିବା ବଦଳରେ, ବାହ୍ୟ ଦେଖାଣିଆପଣର ମନୋବୃତ୍ତି ଆମର ଭକ୍ତିମାର୍ଗକୁ ବିପଥଗାମୀ କରୁଛି। ପ୍ରଶ୍ନ ଉଠେ, ଏହି ଅତିରଞ୍ଜିତ ଆଡ଼ମ୍ବରପ୍ରିୟତା କ’ଣ ପ୍ରକୃତରେ ମା’ଙ୍କ ଆଶୀର୍ବାଦ ପ୍ରାପ୍ତିର ସାଧନ, ନା ଏହା ମାନବୀୟ ଦେଖାଣିଆପଣର ଅତ୍ୟାଧିକ ପ୍ରକାଶ ?

ଏହି ଆଡ଼ମ୍ବର ଏବଂ ଅସୀମ ଦେଖାଣିଆପଣର ପ୍ରଭାବ କେବଳ ଆମର ମାନସିକ ଓ ଚିନ୍ତନ ପ୍ରକ୍ରିୟାକୁ କଳୁଷିତ କରୁନାହିଁ, ବରଂ ସାମାଜିକ ଜୀବନ ଓ ପରିବେଶକୁ ଅତ୍ୟନ୍ତ ବିପନ୍ନ କରିତୋଳୁଛି। ପୂଜା ନାମରେ ଦିନଦିନ ଧରି ରାସ୍ତାଘାଟ ଅବରୋଧ, ଅସହ୍ୟ ଯାନବାହାନ ସଂଘଟଣ (ଟ୍ରାଫିକ୍ ଜାମ୍) ଏବଂ ଜରୁରୀକାଳୀନ ପରିସ୍ଥିତିରେ ରୋଗୀଙ୍କ ଯାତାୟାତରେ ଗୁରୁତର ବ୍ୟାଘାତ ଇତ୍ୟାଦି ଆଜିର ନାଗରିକ ଜୀବନର ଦୁର୍ବିସହ ଯନ୍ତ୍ରଣା ପାଲଟିଛି। ଏହା ବ୍ୟତୀତ, ଅତ୍ୟାଧିକ ଆଲୋକ ପ୍ରଦୂଷଣ ଏବଂ ଶ୍ରବଣଶକ୍ତି ସୀମା ବାହାରେ ଥିବା ଉଚ୍ଚସ୍ୱରର କର୍କଶ କୋଳାହଳ ସାଧାରଣ ଜନଜୀବନକୁ ଅତିଷ୍ଠ କରିପକାଉଛି। ଯେଉଁ ଧ୍ୱନିରେ ଅନ୍ତରାତ୍ମା ସ୍ପନ୍ଦିତ ହେବା କଥା, ଯେଉଁ ସଂଗୀତରେ ଭକ୍ତିର ଅମୃତସ୍ରୋତ ବହିବା କଥା, ସେହି ଧ୍ୱନି ଆଜି ନବଜାତ ଶିଶୁ, ବୃଦ୍ଧବୃଦ୍ଧା, ହୃଦ୍‌ରୋଗୀ ଏବଂ ନିରୀହ ପଶୁପକ୍ଷୀଙ୍କ ପାଇଁ ଅସହ୍ୟ ମାନସିକ ଓ ଶାରୀରିକ ସନ୍ତାପ ସୃଷ୍ଟି କରୁଛି।

ଏହି ସମସ୍ୟା କୌଣସି ନିର୍ଦ୍ଦିଷ୍ଟ ପୂଜା କମିଟି କିମ୍ବା ବ୍ୟକ୍ତିବିଶେଷଙ୍କର ନୁହେଁ; ଏହା ଆମ ସମଗ୍ର ସମାଜର ମୂଲ୍ୟବୋଧ ଓ ସାମାଜିକ ଅନୁଶାସନର ଅବକ୍ଷୟକୁ ସୂଚିତ କରୁଛି। ଆମେ ମନେରଖିବା ଉଚିତ୍ ଯେ, ଧର୍ମ ଏବଂ ଉତ୍ସବର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଆନ୍ତରିକ ସଂଯମ, ଆଧ୍ୟାତ୍ମିକ ଶାନ୍ତି, ଭ୍ରାତୃଭାବ ଏବଂ ବିଶ୍ୱକଲ୍ୟାଣ। ଯାହା ଅନ୍ୟର ଦୁଃଖ, କ୍ଳେଶ ଏବଂ ପରିବେଶର ବିନାଶର କାରଣ ହୁଏ, ତାହା କେବେ ହେଲେ ‘ଆରାଧନା’ ଶବ୍ଦର ଯୋଗ୍ୟ ହୋଇନପାରେ।

ତେଣୁ, ଏବେ ଆତ୍ମସମୀକ୍ଷାର ସମୟ ଆସିଛି। ପୂଜାର ପବିତ୍ରତାକୁ ଅକ୍ଷୁର୍ଣ୍ଣ ରଖି, ଆଡ଼ମ୍ବର ଓ ପ୍ରଦୂଷଣରୁ ମୁକ୍ତ ହୋଇ, ଆମକୁ ସରଳତା, ନିଷ୍ଠା ଓ ସାମାଜିକ ଦାୟିତ୍ୱବୋଧର ସହିତ ମା’ଙ୍କ ଆବାହନ କରିବାକୁ ହେବ। ଆସନ୍ତୁ, ଶାରଦୀୟ ଆବାହନୀର ଏହି ପବିତ୍ର ଲଗ୍ନରେ ଆମେ ଶପଥ ନେବା; ଆମର କାର୍ଯ୍ୟ ଯେପରି କାହାରି ପାଇଁ କଷ୍ଟଦାୟକ ନ ହୋଇ ସମସ୍ତଙ୍କ ପାଇଁ ସୁଖ ଓ ଶାନ୍ତିର କାରଣ ହେବ।

**ସରୋଜ କୁମାର ଶତପଥୀ**
**ସମ୍ପାଦକ**

ଅନୁସ୍ୱାର
ମାସିକ ଇ-ପତ୍ରିକା
ଶାରଦୀୟ ଦୁର୍ଗାପୂଜାର
ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା
ମା' ଜଗତଜନନୀଙ୍କ କୃପାରୁ ଆପଣଙ୍କ ଜୀବନରେ
ଆନନ୍ଦ - ଉଲ୍ଲାସ ଓ ସୁଖ - ସମୃଦ୍ଧିରେ ଭରିଯାଉ ।
- 'ଅନୁସ୍ୱାର' ପରିବାର
Web: www.anuswaar.com | Email: editor@anuswar. com

# ମୁଖଶାଳା


| କ.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୦୧. | ସମ୍ପାଦକୀୟ: ଶାରଦୀୟ ଆବାହନୀ: ବାହ୍ୟ ଆଡ଼ମ୍ବର ମଧ୍ୟରେ ଅତିରଞ୍ଜିତ ଆରାଧନା | ସରୋଜ କୁମାର ଶତପଥୀ | ୦୧ |
| | **ଗଦ୍ୟ ବିଭାଗ** | | |
| ୦୨. | ଆଉ ଏକ ପୃଥିବୀ | ପ୍ରଫେସର ମଣୀନ୍ଦ୍ର କୁମାର ମେହେର | ୦୬ |
| ୦୩. | ଆମ ବିଦ୍ୟାଳୟ, ଶିକ୍ଷା ଓ ନିଷ୍ପତ୍ତିଗତ ସଙ୍କଟ | ଡକ୍ଟର ଦିଗରାଜ ବ୍ରହ୍ମା | ୦୯ |
| ୦୪. | ବଳଦର ଦୁଃଖ | ବିରଞ୍ଚି ମିଶ୍ର | ୧୨ |
| ୦୫. | ନଜର ନ ଲାଗୁ | ଛନ୍ଦା ମିଶ୍ର | ୧୪ |
| ୦୬. | କଥାରେ କଥାରେ-୨୧ | ମନୋରମା ମିଶ୍ର | ୧୬ |
| ୦୭. | ସଂଘର୍ଷ | ବିନୋଦିନୀ ଗଉଡ଼ | ୧୮ |
| ୦୮. | ସତ୍ୟର କୌଣସି ରଙ୍ଗ ନାହିଁ | ଶମ୍ଭୁନାଥ ରାଉଳ | ୨୧ |
| ୦୯. | ଡେଲିଭରି ବୟ | ସ୍ୱସ୍ତି ଜି. ମହାପାତ୍ର | ୨୩ |
| ୧୦. | ଥୁ' | ଅଜୟ କୁମାର ମହାନ୍ତି | ୨୫ |
| ୧୧. | ଶକ୍ତି ସ୍ୱରୂପା - ଦୁର୍ଗତି ନାଶିନୀ ଦୁର୍ଗା | ମାନଗୋବିନ୍ଦ ବାରିକ୍ | ୨୬ |
| ୧୨. | ବିବେକର ଅଦାଲତ | ଯଶୋବନ୍ତି ସା | ୨୯ |
| ୧୩. | ୟୁ ଟର୍ଣ୍ଣ | ପ୍ରମୋଦ କୁମାର ମହାପାତ୍ର | ୩୦ |
| ୧୪. | ଦ୍ରୀଷ୍ଟି | ଶୁଭଶ୍ରୀ ସିଂ | ୩୨ |
| | **ପଦ୍ୟ ବିଭାଗ** | | |
| ୧୫. | ବୃଦ୍ଧାବସ୍ଥା | ପ୍ରଫୁଲ୍ଲ କୁମାର ତ୍ରିପାଠୀ | ୩୪ |
| ୧୬. | ପାର୍ବଣରେ ବର୍ଷା | ଡକ୍ଟର ଅଶୋକ ମହାନ୍ତି | ୩୫ |
| ୧୭. | କିଏ ତୁମେ ! | ପ୍ରଫେସର ବୀଣାପାଣି ତ୍ରିପାଠୀ | ୩୬ |
| ୧୮. | ଆଖି | ଡକ୍ଟର ରଶ୍ମି ଦାଶ | ୩୭ |
| ୧୯. | ଶାରଦୀୟ ଆବାହନୀ | ସରୋଜ ଶତପଥୀ | ୩୮ |
| ୨୦. | ମୋ' ଗାଆଁ ଶୀତ | ବିପିନ୍ ମହାନ୍ତି | ୩୯ |
| ୨୧. | ଆଖିପତା ତଳେ ଠିଆ | ବସନ୍ତ ଦାସ | ୪୦ |
| ୨୨. | ପୂଣ୍ୟର ପ୍ରଦୀପ | ଯୋଗେଶ ଚନ୍ଦ୍ର ମିଶ୍ର | ୪୧ |
| ୨୩. | ପ୍ରେମଭରା ଏ ପୃଥିବୀ | ସଚି ବେହେରା | ୪୨ |
| ୨୪. | କବିର ଆତ୍ମକଥା | ଅପରାଜିତା | ୪୩ |
| ୨୫. | ଦୁର୍ଗେ ଦୁର୍ଗେ ଦୁର୍ଗେ ଦୁର୍ଗତି ନାଶିନୀ | ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ | ୪୪ |
| ୨୬. | ଆସ ବୁଲିଯିବା ଦଶହରା | ଶ୍ରୀମତୀ ଶୈଳାଧିରାଜତନୟା ଶତପଥୀ | ୪୫ |
| ୨୭. | ସମର୍ପଣ | କମଳିନୀ ଦେବୀ | ୪୬ |
| ୨୮. | ଭାବିଦେଲେ | ନିହାରିକା ରାୟବରାଳ | ୪୭ |
| ୨୯. | ଅଶିଣର ଶୁଭ୍ରମେଘ | ଶରତ କୁମାରୀ ମିଶ୍ର | ୪୮ |

# ମୁଖଶାଳା


| କ.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୩୦. | ମାଆ | ପ୍ରତିମା ମିଶ୍ର | ୪୯ |
| ୩୧. | ଜଗନ୍ନାଥ | ସରୋଜଲକ୍ଷ୍ମୀ ମହାନ୍ତି | ୫୦ |
| ୩୨. | ପାଷାଣୀ କନ୍ୟା | ମଧୁସ୍ମିତା ମହାପାତ୍ର | ୫୧ |
| ୩୩. | ପ୍ରେମର ପରିଭାଷା | ସୁବ୍ରତା ମିଶ୍ର | ୫୨ |
| ୩୪. | କବି ଓ କବିତା | ଶ୍ୱାତି ମହାନ୍ତି | ୫୩ |
| ୩୫. | ଶରତର ଆଗମନ | ଦମୟନ୍ତୀ ଷଡ଼ଙ୍ଗୀ | ୫୪ |
| ୩୬. | ମହୋଦଧି ପାପ ଧୁଏ | ଗୀତା ପଟ୍ଟନାୟକ | ୫୫ |
| ୩୭. | ମାଆ ଦୁର୍ଗାଁ ଓ ମାନବୀ କନ୍ୟା | ଜୟନ୍ତୀ ନାୟକ | ୫୬ |
| ୩୮. | ହାତ ନାହିଁ ମହାବାହୁ | ସ୍ୱର୍ଣ୍ଣଲତା ମହାପାତ୍ର | ୫୭ |
| ୩୯. | ଏଇ ତ ଜୀବନ | ଶ୍ରୀମତୀ ଗୋପା ଦାସ | ୫୮ |
| ୪୦. | ସବୁଥର ପରି ପୂଜା ଆସେ | ନୀଳମଣି ଚାନ୍ଦ | ୫୯ |
| ୪୧. | ଆସ ମାଆ ତୁମେ ଏ ଧରା ଧାମକୁ | ଅଜୟ କୁମାର ସେଠୀ | ୬୦ |
| ୪୨. | ଛେଳି | ଭୁବନେଶ୍ୱର ବିଶି | ୬୧ |
| ୪୩. | ଦେବୀ | ହରପ୍ରିୟା ପଣ୍ଡା | ୬୨ |
| ୪୪. | ମା’ ଦୁର୍ଗେ ଦୁର୍ଗତି ନାଶିନୀ | ରାଧାରାଣୀ ପଟ୍ଟନାୟକ | ୬୩ |
| ୪୫. | ଜୀବନ ଓ ମୃତ୍ୟୁର କାହାଣୀ | ନୀନା ବଳିୟାରସିଂ | ୬୪ |
| ୪୬. | ନୈବେଦ୍ୟ | ଅନୀତା ମିଶ୍ର | ୬୫ |
| ୪୭. | ମଆ ଦଶଭୁଜା | ହେମଲତା ଜେନା | ୬୬ |
| ୪୮. | ଶକ୍ତି ସ୍ୱରୂପିଣୀ- ଦେବୀ ଦୁର୍ଗା | ବାସନ୍ତି ବାରିକ୍ | ୬୭ |
| ୪୯. | ମା’ ଦୁର୍ଗା | ଶ୍ରୀମତୀ ରୀତା ମିଶ୍ର | ୬୮ |
| ୫୦. | ପାର୍ବଣରେ ପ୍ରକୃତି | ମନୋରମା ପଣ୍ଡା | ୬୯ |
| ୫୧. | ଲେଖା | ଶ୍ରୀମତୀ ବ୍ରଜେଶ୍ୱରୀ ସିଂହ | ୭୦ |
| ୫୨. | ଧରାବତରଣ | ସାବିତ୍ରୀ ଦାସ | ୭୧ |
| ୫୩. | ଶକ୍ତି ସ୍ୱରୂପିଣୀ ନାରୀ | ଅନୁରାଧା ମହାପାତ୍ର | ୭୨ |
| ୫୪. | ଦିନକୁ ଦିନ ବଢୁଛି ତାତି | ନିବେଦିତା ଭଦ୍ର | ୭୩ |
| ୫୫. | ଆମେ ବୋଧେ ଶେଷ ପିଢ଼ି | ରାମଚନ୍ଦ୍ର ପ୍ରଧାନ | ୭୪ |
| ୫୬. | ମୋଟା ମଲାଟଟିଏ | ଡ. ବାମନ ଚନ୍ଦ୍ର ଦୀକ୍ଷିତ | |
| ୭୫- | | | |

# ଗଦ୍ୟ ବିଭାଗ

# ଆଉ ଏକ ପୃଥିବୀ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

କେଉଁ କାରଣରୁ ଦୀପ୍ତି ରଞ୍ଜନ ସେଦିନ ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ଅଧା ପଢ଼ି ଚାଲି ଆସିଥିଲା ତାହା ସ୍ୱଷ୍ଟରୁ ସ୍ୱଷ୍ଟତର ହୋଇଯାଉଥିଲା ମୋ ମାନସ ପଟରେ। ସେତେବେଳେ ତା ମୁହଁରେ ଯେଉଁ ହସ ଦେଖୁଥିଲି ସେଥିରେ ଯଦିଓ ଅନ୍ତରର ଆନନ୍ଦ କିଛି ମାତ୍ରାରେ ଫୁଟି ଉଠୁଥିଲା ତଥାପି ତାହା ଥିଲା ଦ୍ୱିତୀୟା ତିଥିର ଜହ୍ନ ପରି। ପୂର୍ଣଚନ୍ଦ୍ରର ଆଲୋକ ଦେଖିଲି ସମ୍ପୂର୍ଣ୍ଣ ଭାବରେ ବାଣୀବିହାର ଠାରେ।

ମୋ ହୃଦୟ ଭିତରେ ଧ୍ୱନିତ ହେଉଥାଏ ତପସ୍ୱିନୀର ଏକ ପ୍ରିୟ ପଦପଂକ୍ତି :

‘ମାତା ବୁଝେ ସୂତା ବେଦନା
ମାତାନେତ୍ରେ ଦସ୍ୱମୁଖୀ ଚନ୍ଦ୍ର ବଦନା।’

ମନେ ମନେ ପ୍ରଣାମ ଜଣାଉଥାଏ ଦୀପ୍ତିର ମାଙ୍କୁ। ଆହା !! କି ଉଦାର, କି ସମ୍ବେଦନଶୀଳ ତାଙ୍କ ଆକାଶୋପମ ହୃଦୟ ! ଏ ସଂସାରରେ କେତେ ଜଣ ମା ବାପା ଅଛନ୍ତି ଯେଉଁମାନେ ସନ୍ତାନଟିର ଅନ୍ତର୍ବେଦନା ବୁଝି ପାରନ୍ତି ? ଯାହା ନିରାଟ ସତ୍ୟ ତାହାକୁ ମାନିନେବାର ମହାନତା କେତେ ଜଣଙ୍କ ଭିତରେ ଥାଏ ? ମହାନ ଭାବରେ ସାମାଜିକ ସମ୍ମାନ ଲାଭ କରିବା ଆଉ ବାସ୍ତବରେ ମହାନ ହେବା ମଧ୍ୟରେ ଆକାଶ ପାତାଳ ପ୍ରଭେଦ। ପ୍ରତ୍ୟେକେ ଚାହାଁନ୍ତି ସାମାଜିକ ପ୍ରତିଷ୍ଠା। ତା ଆଗରେ ସନ୍ତାନଟିର ଦୁଃଖ ମୂଲ୍ୟହୀନ। କୌଣସି କାରଣରୁ ବି ନିଜ ସମ୍ମାନରେ ସାମାନ୍ୟ ଆଞ୍ଚ ଆସୁ ଏହା ଚାହାଁନ୍ତି ନାହିଁ ଅଭିଭାବକମାନେ। ଛୋଟଟି ବେଳରୁ ନିଜ ପୁଅ ଝିଅ ଙ୍କୁ ସମାଜର ମତିଗତି ସହ ପରିଚିତ କରାଇବା ଓ ତଦନୁଯାୟୀ ଜୀବନ ବଂଚିବା ସକାଶେ କି କି କ୍ରୂରତା ପୂର୍ଣ୍ଣ ତାଗିତ ନ ଶୁଣିବାକୁ ପଡ଼େ ପିଲାଙ୍କୁ। ମୁଁ ଜାଣିନି ଯେ ଦୀପ୍ତିକୁ

ସେପରି ବ୍ୟବହାରର ସମ୍ମୁଖୀନ ହେବାକୁ ପଡିଛି କି ନାହିଁ ? ତେବେ ଏକଥା ସତ୍ୟ ଯେ, ଦୀପ୍ତିକୁ ଜନ୍ମରୁ ପୁଅ ଭାବରେ ହିଁ ପରିଚିତ କରିବାର ଇଚ୍ଛା ଥିଲା ତାଙ୍କର। ନହେଲେ ଦୀପ୍ତି ପୁଅ ବେଶରେ ଘରୁ ବାହାରିଥାନ୍ତା କିପରି ? ସେ ପୁଅମାନଙ୍କ ପ୍ୟାଣ୍ଟ ସାର୍ଟ ପିନ୍ଧି ସ୍କୁଲ ଯାଏ ସତ। ମାତ୍ର ଝିଅ ମାନଙ୍କ ପୋଷାକ ପ୍ରତି ଖୁବ ଲୋଭିଲା ଆଖିରେ ଦେଖେ। ଝିଅମାନେ ବ୍ୟବହାର କରୁଥିବା ସବୁ ଜିନିଷ ତାକୁ ଭଲ ଲାଗେ। କେବେ ଏକୁଟିଆ ରହିବାର ସୁଯୋଗ ପାଇଲେ ଝିଅ ବେଶରେ ସେ ନିଜକୁ ସଜାଏ। ପାଉଡର ବୋଳି ହୁଏ ମୁହଁରେ। ଘରେ ଥିବା ମାଙ୍କ ଶାଢ଼ୀ ଗୁଡ଼ାଇ ଦିଏ ନିଜ ଦେହରେ। କପାଳରେ ଲଗାଇ ଦିଏ ବିନ୍ଦି। ଦୁଇ ଆଖିରେ କଜ୍ୱଳ ଗାର। ଦର୍ପଣରେ ନିଜମୁହଁକୁ ବହୁତ ବେଳ ଯାଏଁ ଚାହିଁ ରହେ।

କେତେ ସୁନ୍ଦର ନ ଦିଶୁଛି ସେ ! !ଏଭଳି ଏକାନ୍ତ ମୁହୂର୍ତ୍ତରେ ଯଦି ଘରର ଅଭିଭାବକ କେହି ଦେଖି ପକାନ୍ତି, ତାହେଲେ କ୍ଷଣକ ମଧ୍ୟରେ ପାଣି ଫୋଟକା ପରି ଫାଟିଯାଏ ସେ। ଆଖିର କଳା କଜ୍ଜ୍ୱଳ ଲୁହ ଧାର ସହିତ ମିଶି ଯାଇ ବହି ଯାଆନ୍ତି ତାର ଚିବୁକ ଓ ଓଠ ପର୍ଯ୍ୟନ୍ତ। ଏଭଳି ପରିସ୍ଥିତିରେ ମା ତା ପାଖକୁ ପହଞ୍ଚିଗଲେ ତାର ରକ୍ଷା। ବାପାଙ୍କ ପ୍ରାଣପକ୍ଷୀ ତ କେବେଠୁ ଉଡି ଯାଇଛି ମହାକାଶରେ। ମା ହିଁ ତା ପାଇଁ ସୁରକ୍ଷାର ବଳୟ। ଏକମାତ୍ର ସାହା ଭରସା। ପୁଅର ପରିଚୟରେ ସେ ସମାଜରେ ଠିଆ ହୋଇ ପାରିବ -ଏପରି ଭାବନା ଥିଲା ତାଙ୍କର। ଏମିତି ତ ଗଡିଗଲା କଲେଜ ଜୀବନ ସରିବା ପର୍ଯ୍ୟନ୍ତ। ମାତ୍ର ତାକୁ ଲାଗେ ଯେମିତି ସେ ଏକ ବନ୍ଦୀ କଏଦୀ। ପୁଅ ସାଙ୍ଗମାନଙ୍କ ସହ ମିଶି ପାରେନା କି ଝିଅ ମାନଙ୍କ ସହ ବି। ସମସ୍ତେ ତ କେବଳ ଟାହି ଟାପରା କରିବାରେ ଖୁସି ପାଆନ୍ତି। ଜଣକୁ କଷ୍ଟ ଦେଇ ଯେଉଁ ଆନନ୍ଦ ଲାଭ କରାଯାଏ ତାହା କି ପ୍ରକାର ପୁଲକ ତାହା ଜାଣି ପାରେନା ସେ। ପଞ୍ଜୁରୀ ମଧ୍ୟରେ ଶୁଆ ପକ୍ଷୀଟିଏ ଛାଟି ପିଟି ହୋଇ ଯେମିତି ଆକାଶକୁ ଉଡିଯିବା ପାଇଁ ବିକଳ ଆର୍ତ୍ତନାଦ କରୁଛି -ତାହା ହିଁ ତାର ହୃତ ସ୍ପନ୍ଦନକୁ ବଢ଼ାଇଦିଏ। କୌଣସି ଏକ ମାଙ୍ଗଳିକ ମୁହୂର୍ତ୍ତରେ ସେ ତ ନୁହେଁ, ତା ଭିତରେ ଛଟପଟ ହେଉଥିବା ଏକ କୋମଳ ଅଂଶ ଚୂଡାନ୍ତ ନିଷ୍ପତ୍ତି ନେଇଗଲା ଯେ ସେ ପ୍ରକୃତରେ ଯାହା ସେଇ ସ୍ୱରୂପ ନେଇ ବଂଚିବ ଏଇ ବିରଳ ମଣିଷ ଜନ୍ମଟିକୁ। ସାହସ ଜୁଟାଇ ନିଜ ଜନ୍ମଦାତ୍ରୀଙ୍କ ପାଖରେ ପ୍ରକଟ କରିଦେଲା ଏହି ଅନ୍ତରର ଆକାଂକ୍ଷା। ମା ତାଙ୍କ ମନରେ କଣ ଭାବିଥିବେ ସେ ଜାଣେନା। ଦେଖେ ଦିନେ ରାତି ସାରା ମାଙ୍କ ଶୁଭାଶିଷ ଭରା ହାତ ତାକୁ ବାରମ୍ବାର ଆଉଁସି ଚାଲିଛି। ସାରା ରାତି କଟିଗଲା ଏକ ଅଦ୍ଭୁତ ନୀରବତା ମଧ୍ୟରେ। ନିଦ ଭାଙ୍ଗିବା ପରେ ଦେଖେ ମା ତା ମୁହଁକୁ ନିର୍ନିମେଷ ନୟନରେ ଚାହିଁ ରହିଛନ୍ତି। ତାଙ୍କ ଆଶୀର୍ବାଦର ହାତ ଆଉ ଥରେ ବୁଲାଇ ଆଣିଲେ ସେ ନିଜ ଏକମାତ୍ର ସନ୍ତାନଟିର ମୁଣ୍ଡ, ମୁହଁ ଓ ସର୍ବାଙ୍ଗରେ। ତାର ହାତ ଉପରେ ହାତ ଥାପିଲେ ନିବିଡ଼ ଭାବରେ। ଆଖି ଓ ମୁହଁରେ ଅପୂର୍ବ ଏକ ପ୍ରଶାନ୍ତି ଓ ପରିତୃପ୍ତିର ଭାବ ପ୍ରକାଶ କରି କହିଲେ : ତୋର ମନସ୍କାମନା ପୂର୍ଣ୍ଣ ହେଉ। ବଂଚିଥିବା ପର୍ଯ୍ୟନ୍ତ ଆଉ ଏ ସଂସାର ତ୍ୟାଗ କରିଦେବା ପରେ ବି ମୁଁ ରହିଥିବି ତୋର ଚାରିକଡେ ସୁରକ୍ଷା ପ୍ରାଚୀର ହୋଇ। ତୁ ହିଁ ମୋର ସବୁ କିଛି ମୋ ସୁନା। ତୁ ମୋର ପୁଅବି। ତୁ ମୋର ଝିଅ ବି। ମୁଁ କି ଭାଗ୍ୟବତୀ ଭାବିଲୁ ? ଗୋଟିଏ ସନ୍ତାନ ଭିତରେ ମୁଁ ଉଭୟଙ୍କୁ ପାଇଛି। ମୋ ଧନରେ ! ତୁ ଯେଉଁ ରୂପରେ ଯେଉଁ ପରିଚୟ ନେଇ ବଞ୍ଚିଲେ ବି ମୁଁ ତୋର ମାଆ।

ମାଆ ସହ ବର୍ଷ ବର୍ଷ ଧରି କେତେ ଭାବ ବିନିମୟ ନ ହୋଇଛି ! ଦୀପ୍ତିର ସାରା ଶରୀର, ଶରୀରର ପ୍ରତିଟି ଜୀବକୋଷ ଭିତରେ କି ଅବର୍ଣ୍ଣନୀୟ ରୋମାଞ୍ଚ ! !କି ଅପୂର୍ବ ପୁଲକ। ଦୁଇ ଆଖିରୁ ଝରି ଆସିଲା ଧାର ଧାର ଲୁହ। ତାର ମନେହେଲା ମା ତାକୁ ନୂଆଁ କରି ଆଉଥରେ ସତେ କି ଜନ୍ମ ଦେଲେ ସେହି ନବୀନ ପ୍ରଭାତରେ। ଜନ୍ମବେଳେ କେମିତି ଲାଗେ କେଉଁ ଶିଶୁ ବା ଜାଣିପାରେ ତାହା ? ମାତ୍ର ନବଜନ୍ମର ଅନୁଭୂତି କେମିତି ତାହା ଯଦିଓ ପ୍ରକାଶ କରିବାରେ ସେ ଅକ୍ଷମ, ଏତିକି ଜାଣିପାରୁଛି ତାର ପ୍ରତିଟି ରକ୍ତ କଣିକାରେ ନୂତନ ନୂପୁର ଧ୍ୱନି ଶୁଣି ପାରୁଛି। ଓଃ ! ଗୋଟିଏ ଜନ୍ମ ନୁହେଁ ସତେକି ଅନେକ ଜନ୍ମର ମର୍ମଦାହୀ ଉତ୍ତାପକୁ ବର୍ଷାର ପ୍ରଥମ ତୀବ୍ର ବର୍ଚ୍ଛା ଧାରା ସମ୍ପୂର୍ଣ୍ଣ ଭାବରେ ଧୋଇ ନେଇ ଯାଉଛି କାହିଁ କେତେ ଦୂର, ସୀମାହୀନ ସାଗର ସେପାରିକୁ।

ମୋତେ କଣ ଦୀପ୍ତି ଏସବୁ କହୁଥିଲା ? ନା ମୋର ମନର ଭାବନାରେ ହଜି ଯାଇଥିଲି ମୁଁ ? ଜାଣେନା। ଦେଖୁଥିଲି

ଗୋଟିଏ ମଣିଷ ଭିତରେ ଏତେ ଆନନ୍ଦ ସାମୁଦ୍ରିକ ଜୁଆର ରୂପରେ ରହିଥିଲା କିପରି ପ୍ରଚ୍ଛନ୍ନ ହୋଇ। କିନ୍ତୁ ତାହାକୁ ପ୍ରକାଶିତ ହେବାରେ ସାହାଯ୍ୟ କରିବା ଦୂରେ ଥାଉ, ସେସବୁ ଅବଦମିତ କରି ରଖିଥିଲା। କିଏ ? କିଏ ଆଉ ? -ଆମେ, ଆମର ସମାଜ, ପରିବାର, ଆତ୍ମୀୟ ସ୍ୱଜନ। ଦୀପ୍ତି ତାର ସଂଘର୍ଷମୟ ଜୀବନ ସମ୍ପର୍କରେ କେତୋଟି ଶବ୍ଦ ଉଚ୍ଚାରଣ କରୁଥିଲା। ମୁଁ ତାକୁ ସେସବୁ ପୁଙ୍ଖାନୁପୁଙ୍ଖ ଭାବରେ ବର୍ଣ୍ଣନା କରିବା ପାଇଁ ଆଦୌ କୌଣସି ଅନୁରୋଧ କରିନାହିଁ। ଯେଉଁମାନେ ଗଳ୍ପ ଉପନ୍ୟାସ ଲେଖନ୍ତି ସେମାନେ ପରଦା ଅନ୍ତରାଳର ସେ ସବୁ ଅକୁହା ଅନୁଭୂତି ଆଦାୟ କରନ୍ତି। ମୁଁ କଦାପି ତାହା କରିପାରିଲିନି। ମୋ ଭିତରେ କେହି ଜଣେ ଛାତି ଫଟାଇ କ୍ରନ୍ଦନ କରୁଥାଏ। ଆଉ ପୁଣି ହୃଦୟ ଭର୍ତ୍ତି ଉଲ୍ଲାସରେ ହୋଇଉଠୁଥାଏ ଅଧୀର, ଉଚ୍ଛଳ। କେତେ କଣ୍ଟକିତ ଦୁର୍ଗମ ପଥ ଅତିକ୍ରମ କରିବା ପରେ ଜଣେ ଏହି ପୁଷ୍ପିତ ପଥରେ ପାଦ ଥାପି ପାରେ, ତାହା କଣ ମୋତେ ଜଣା ନଥିଲା ? ଅତୀତର ସେ ଦିନ ଗୁଡିକକୁ ଫେରାଇ ନେବାକୁ ମୁଁ ଦୀପ୍ତିକୁ କିଛି କହି ପାରୁ ନ ଥିଲି। ଛାତିରୁ ଅହରହ ରକ୍ତ କ୍ଷରିତ ହେବାର, ଦୁଇ ଆଖିରୁ ମୂଷଳ ଧାରାରେ ବୋହୁଥିବା ବର୍ଷଧାରାକୁ ଦେଖିବାକୁ ଚାହୁଁ ନଥିଲି। ମୋ ଭିତରେ ଯିଏ ଅଶ୍ରୁ ବିସର୍ଜନ କରୁଥିଲା ସେ କିଏ, ତାହା କଣ ମୋତେ ଅଜଣା ଥିଲା ? କେତେ କରୁଣ କ୍ରନ୍ଦନ ପରେ ଦୀପ୍ତିର ଓଠରୁ ଝରୁଥିଲା ଅଜସ୍ର ଶୁଭ୍ର ଗୋଲାପ ତାହା ଦେଖିପାରିବାର ସାମାନ୍ୟ ଶକ୍ତି ମୋର କଣ ନଥିଲା ? ଦୀପ୍ତିର ଶାରୀରିକ ଗଠନ, ମାନସିକ ଭିନ୍ନତା ବିଷୟରେ କାହାଣୀ ଶୁଣିବାର ନିଷ୍ଠୁରତା ନଥିଲା ମୋ ପାଖରେ। ନିଜ ଅଲିଅଳି କନ୍ୟାଟି ମୁହଁରୁ କେଉଁ ପିତା କେବେ ଅତୀତର ରକ୍ତଝରା ବେଦନା ଶୁଣିବାକୁ ଚାହେଁ ? ଦୀପ୍ତିର ବିନା ଶବ୍ଦ ଉଚ୍ଚାରଣରେ ଯେଉଁ ଛାତି ଦୋହଲି ଉଠୁଥିଲା ସେଇ ଛାତିର ଆଉ ଦମ୍ଭ ଥିଲା ସିଧା ସଳଖ ଦୀପ୍ତି ମୁହଁରୁ ଶୁଣି ପାରିଥାନ୍ତା ଅଗ୍ନିଦଗ୍ଧା ସୀତାଙ୍କ ଅକ୍ଷମ୍ୟାନୁଭୂତି ?

ପୁଅ ବେଶରେ ସେ ଏତେ କଥା କହି ପାରୁ ନଥିଲା। ଝିଅ ବେଶ ତାର ପାଟି ଫିଟାଇ ଦେଇଛି। ତା ଅନ୍ତରର ଅବରୁଦ୍ଧ ଦ୍ୱାର ଓ

ବାତାୟନ ସବୁକୁ ଉନ୍ମୁକ୍ତ କରି ଦେଇଛି । ତା ମସ୍ତିଷ୍କର ସ୍ନାୟୁ ତନ୍ତ୍ରୀକୁ କରି ତୋଳିଛି ସକ୍ରିୟ । ପୁଅ ହୋଇ ବି ସେ ରହୁଥିଲା କେତେ ସଂକୋଚରେ । ଝିଅ ହେବା ପରେ ସତେ କି ହାବୁକାଏ ପବନରେ ସେ ପରିଣତ ହୋଇଯାଇଛି । ମୁକ୍ତ ଭାବରେ ଘୁରି ବୁଲୁଛି । ପକ୍ଷୀଟିଏ ପରି ନୀଳ ଆକାଶ ବକ୍ଷରେ ପହଁରୁଚି । ରଙ୍ଗୀନ ପ୍ରଜାପତି ହୋଇ ଯାଇଛି ସେ । ସଁବାଳୁଆ ଜୀବନରୁ ପାଇଛି ପରିତ୍ରାଣ । ଏ ଗଛରୁ ସେ ଗଛ, ଏ ଫୁଲରୁ ସେ ଫୁଲକୁ ମନ ଇଚ୍ଛା ଛୁଇଁ ଛୁଇଁ ଯାଉଛି । ପୁଅ ବେଶରେ ତାକୁ ଯେତିକି ସ୍ମାର୍ଟ ରୂପେ ଦେଖିବାକୁ ଚାହିଁଥିଲି, ଝିଅ ବେଶରେ ତାଠାରୁ କାହିଁ କେତେ ଗୁଣରେ ସେ ପରିଣତ ହୋଇଯାଇଛି ମୁକ୍ତ ବିହଙ୍ଗ ହୋଇ । ଆକାଶର କେତେ ଉପରକୁ ଉଡିଯାଇ ଦୁଇ ଡେଣାମେଲି ପରିଶୁଦ୍ଧ ସମୀରଣରେ ପହଁରି ବୁଲୁଛି ମହାନନ୍ଦରେ । ଏଠାରୁ ବଳି ଆଉ କି ସୁଖ, କି ସଫଳତା ଥାଏ ମଣିଷ ଜୀବନରେ ?

ଆଉ ମୋ ଭିତରେ କିଏ ସେ ପୁଣି ରୂପାନ୍ତରିତ ହୋଇ ଯାଉଛି ? ଜନ୍ମଦାତ୍ରୀ ମାତୃ ହୃଦୟ ଯଦି ନିଜ ସନ୍ତାନଟିର ଭିନ୍ନ ପରିଚୟରେ ହୋଇ ଉଠିଛନ୍ତି ମହିମାନ୍ୱିତା ତାହେଲେ ଦୀପ୍ତିର ଶିକ୍ଷକ ଭାବରେ ମୋ ଅନ୍ତଃରୂପ ବଦଳି ଯିବାରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? ମୋର ପ୍ରିୟ ଛାତ୍ରଟିଏ ଯଦି ଛାତ୍ରୀର ପରିଚିତି ନେଇ ଏ ମାଟିରେ ଚାଲି ପାରୁଛି, ମହାକାଶ ବକ୍ଷରେ ଡେଣା ମେଲାଇ ଉଡ଼ିପାରୁଛି ସବୁ ସଂକୀର୍ଣ୍ଣତାର ବହୁ ଉପରକୁ ଉଠିଯାଇ, ସେହି ସ୍ଥଳରେ ଦୀପ୍ତିର ପ୍ରିୟ ଶିକ୍ଷକ ଭାବରେ ମୋ ଅନ୍ତଃସ୍ଥଳର ମାତୃସତ୍ତା ଉଜ୍ଜୀବିତ ହୋଇ ନ ଉଠିବ କିପରି ? ଦୀପ୍ତିର ମା ଆଉ ମୋ ଭିତରେ କଣ ବା ପାର୍ଥକ୍ୟ ଅଛି ? ମୋ ଅନ୍ତରତମ କକ୍ଷରେ ମୁଁ ଶୁଣି ପାରୁଛି ଆତ୍ମବାଣୀ : ସ୍ନେହର ଦୀପ୍ତି ! ତୁମେ ମୋ ପାଇଁ ଦୀପ୍ତିରଂଜନ । ତୁମେ ମୋ ପାଇଁ ଦୀପ୍ତି ବି । ତୁମେ ମୋର ଛାତ୍ର । ତୁମେ ଛାତ୍ରୀ ବି । ତୁମେ ଯେଉଁ ପରିଚୟ ନେଇ ଏ ପୃଥିବୀରେ ବଂଚିବାକୁ ଚାହିଁଲେ ବି ସେଥିରେ ରହିଛି ମୋର ସାନନ୍ଦ ସ୍ୱୀକୃତି । ଯେ କୌଣସି ପରିସ୍ଥିତିରେ ବି ମାତୃଆତ୍ମାର ଅନନ୍ତ ରୂପ ପରିଗ୍ରହ କରି ଏକ ତେଜସ୍କ୍ରିୟ ଆଲୋକ ରେଖା ମଧ୍ୟରେ ତୁମକୁ ରଖିଥିବି ମୁଁ ଅତି ଯତ୍ନରେ । କୌଣସି ଅଶୁଭଙ୍କର ଅପଶକ୍ତିକୁ ଛୁଇଁବା ପାଇଁ ବି ଦେବିନି ସାମାନ୍ୟ ସୁଯୋଗ । ମୁଁ ଦେଖି ପାରୁଛି ତୁମର ଏକ ମହିମୋଜ୍ଜ୍ୱଳ ଭବିଷ୍ୟତ । ମା ତୁମକୁ ନବ ଜନ୍ମ ଦେଇଛନ୍ତି । ଆଉ ତୁମକୁ ଆଣି ସମର୍ପିତ କରିଦେଇଛନ୍ତି ମୋ ପାଖରେ । ଏହି ସୂକ୍ଷ୍ମ ସଂଯୋଗ ନ ଥିଲେ ମୁଁ କଣ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ତୁମକୁ ମୋର ପ୍ରିୟ ଛାତ୍ର ଭାବରେ ପାଇଥାନ୍ତି ? ପୁନଶ୍ଚ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରିୟ ଛାତ୍ରୀ ଭାବରେ ଲାଭ କରିପାରିଥାନ୍ତି ?

ମୋ ଆଖିରେ ଅନ୍ତରର ଭାବାନ୍ତର କଣ ଫୁଟି ଉଠୁଥିଲା ? ଦୀପ୍ତି କଣ ସେଇ ଆଲୁଅରେ ଦିବ୍ୟ ମାତୃତ୍ୱ ଅନୁଭବ କରୁଥିଲା ? ତାର ଆଖି ଦୁଇଟିରେ କୃତଜ୍ଞତାର କି ପବିତ୍ର ସଂକେତ ! !

ଦେଖିଲି ଝରକା ଆରପଟେ ଛୋଟ ହଳଦୀବସନ୍ତ ପକ୍ଷୀଟିଏ ସତକୁ ସତ କୋମଳ କଣ୍ଠରେ ବୋଲୁଛି କି ପ୍ରାଣସ୍ପର୍ଶୀ ଗୀତ ଟିଏ । ପକ୍ଷୀ ଯଦି ଗୀତ ଗାଇଲା କ୍ଲାସ ନେଉଥିଲେ ବି ମୁଁ ନୀରବ ହୋଇଯାଏ । କାରଣ ପିଲାମାନେ ସେଇ ସୁମିଷ୍ଟ ସଂଗୀତ ସୁସ୍ପଷ୍ଟ ଭାବରେ ଶୁଣି ପାରିବେ ବୋଲି । ମୁଁ ଯେତିକି ଧ୍ୟାନରସହ ଅନାଉଥିଲି ପକ୍ଷୀ ପ୍ରତି, ଦୀପ୍ତି ତାହାର ଆଉ କେତେପାଦ ଆଗକୁ ଯାଇ ତା ସହ ସତେ କି ନିଜ କଣ୍ଠ ମିଳାଇ ଦେଲା ।

ସେଇ ସମ୍ମିଳିତ ଗାନର ଅପୂର୍ବ ତାନରେ ଉଦଘାଟିତ ହୋଇ ଯାଉଥିଲା ପୃଥିବୀ ମଧ୍ୟସ୍ଥ ଆଉ ଏକ ପୃଥିବୀର ସମ୍ପ୍ରସାରଣ ।

**ଗଙ୍ଗାଧର-ଶାନ୍ତା-ସଦନ**
**ଖଣ୍ଡଗିରି, ଭୁବନେଶ୍ୱର**
**ମୋ -୯୯୩୭୩୬୫୬୯୮**

# ଆମ ବିଦ୍ୟାଳୟ ଶିକ୍ଷା ଓ ନିଷ୍ପତ୍ତିଗତ ସଙ୍କଟ

ଡକ୍ଟର ଦିଗରାଜ ବ୍ରହ୍ମା

କେଜାଣି କେମିତି ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କେତେକ ନିଷ୍ପତ୍ତି ଆଜି ଆଉ ଓଡ଼ିଶାର ଜନସାଧାରଣଙ୍କ ଦ୍ୱାରା ସହଜରେ ଗ୍ରହଣୀୟ ହେଉନାହିଁ। ସେସବୁ ନିଷ୍ପତ୍ତି ଉପରେ ବିଭିନ୍ନ ସମୟରେ ବୁଦ୍ଧିଜୀବୀ ମହଲ ଓ ଅଭିଭାବକଗଣ ପ୍ରଶ୍ନବାଚୀ ଲଗାଉଛନ୍ତି। ବିଭିନ୍ନ ଆଲୋଚନାଚକ୍ରରେ ମଧ୍ୟ ବିଭାଗର କାର୍ଯ୍ୟଧାରା ଓ ବିଭିନ୍ନ ସମୟରେ ଶିକ୍ଷା ସମ୍ପର୍କୀୟ ନିଆଯାଇଥିବା ସଂକଳ୍ପ ଆଲୋଚନା ପରିସର ମଧ୍ୟକୁ ଆସୁଅଛି। ଏହା ଫଳରେ ସରକାରଙ୍କ ଶିକ୍ଷାର ଏଇ ସର୍ବବୃହତ୍ ବିଭାଗଟି ସମାଲୋଚିତ ହେବା ସହିତ ମଧ୍ୟ ନିଜର ବିଚାରକୁ ବଦଳାଇବାର ଅନେକ ଦୃଷ୍ଟାନ୍ତ ଅଛି। ପ୍ରଶାସନିକ କ୍ଷେତ୍ରରେ ସାଧାରଣତଃ ଭାବିଚିନ୍ତି ନିଷ୍ପତ୍ତି ନିଆଯାଏ। ତତ୍ସମ୍ପର୍କୀୟ ନିଷ୍ପତ୍ତି ନେଇଥିବା କର୍ମକର୍ତ୍ତା ଓ ସଦସ୍ୟଗଣ ଅଭିଜ୍ଞ ଓ ଦୂରଦ୍ରଷ୍ଟା ବୋଲି ମୁଖ୍ୟତଃ ଶିକ୍ଷକ, ଶିକ୍ଷାର୍ଥୀ ଏବଂ ଅଭିଭାବକଗଣ ବିବେଚନା କରିଥାନ୍ତି। ତେଣୁ ସେମାନେ ଯାହା ନିଷ୍ପତ୍ତି ନିଅନ୍ତି, ତାହା ସାଦରେ ସମସ୍ତେ ଗ୍ରହଣ କରି ନେଇଥାନ୍ତି। କିନ୍ତୁ ପ୍ରଶାସନିକ ନିଷ୍ପତ୍ତି ଯଦି ବାରମ୍ବାର ବଦଳେ, ତେବେ ତାହା ସମ୍ପୃକ୍ତ ବିଭାଗକୁ ଅପନିନ୍ଦିତ କରିବା ସହିତ ସରକାରଙ୍କୁ ମଧ୍ୟ ଅଡୁଆରେ ପକାଇଥାଏ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଅଡୁଆରେ ପକାଇଥିବା ଅନେକ ଛୋଟବଡ଼ ପ୍ରସଙ୍ଗ ମଧ୍ୟରୁ ବର୍ଣ୍ଣବୋଧ ପ୍ରସଙ୍ଗଟି ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କାରଣ, ବର୍ଣ୍ଣବୋଧ ପ୍ରସଙ୍ଗ ସହିତ ଓଡ଼ିଆ ଭାଷା, ଶିକ୍ଷାର କଥା ଓ କାହାଣୀ ଲିପିବଦ୍ଧ। ୧୮୯୫ ମସିହାରେ ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ଲିଖିତ ପିଲାମାନଙ୍କ ପାଇଁ ଶିକ୍ଷଣର ଆୟୁଧ ହୋଇଥିବା ଏହି ପ୍ରଥମ ବର୍ଣ୍ଣଶିକ୍ଷା ବହିଟିର ଅଦ୍ୟାବଧି ହଜାର ହଜାର ସଂଖ୍ୟା ଦୀର୍ଘ ଏକ ଶତାବ୍ଦୀରୁ ଅଧିକ କାଳ ଓଡ଼ିଆ ପିଲାମାନଙ୍କ ଓଡ଼ିଆ ଅକ୍ଷର ଶିକ୍ଷାରେ ସହାୟକ ହୋଇଅଛି। କାରଣ ଅଦ୍ୟାବଧି ଅକ୍ଷର ଶିକ୍ଷାର କୌଣସି ନୂତନ କୌଶଳ ଓ ପଦ୍ଧତି ତା'ର ସ୍ଥାନ ନେଇ ପାରିନି କିମ୍ବା ଆଗାମୀ ବର୍ଷମାନଙ୍କରେ ଯେ ନେଇ ପାରିବ, ତାହା ମଧ୍ୟ ଗବେଷକମାନଙ୍କ ସନ୍ଦେହର ବଳୟ ମଧ୍ୟରେ ଅଛି। କହିବା ବାହୁଲ୍ୟ, ଏହା ଅକ୍ଷର ଶିକ୍ଷାର ପ୍ରଥମ ମାଧ୍ୟମ ସାଜିଥିବା ବେଳେ ବର୍ଣ୍ଣବୋଧ ପୁସ୍ତକକୁ ରାଜ୍ୟ ସରକାର ପ୍ରକାଶ କରି ନାହାନ୍ତି କିମ୍ବା ପ୍ରାଥମିକ ଶିକ୍ଷା ପାଠ୍ୟକ୍ରମରେ ଏଇ ପୁସ୍ତକକୁ ନେଇ ଶିଶୁଟିର ବର୍ଣ୍ଣ ପରିଚୟ କରାଇବା ନିମନ୍ତେ ସରକାରୀ ସ୍ତରରେ ନିର୍ଦ୍ଦେଶ ଦେଇନାହାନ୍ତି। ଏହା ଫଳରେ ଗୋଟିଏ ସମୟରେ ଦେଖାଦେଲା ଯେ ସରକାରୀ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ବର୍ଣ୍ଣବୋଧର ଅଭାବ ଯୋଗୁ ପ୍ରାଥମିକ ସ୍ତରରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ସ୍ତରର ଶିକ୍ଷାର୍ଥୀମାନଙ୍କର ଭାଷା ଶିକ୍ଷା ଓ ବନାନଗତ କ୍ଷେତ୍ରରେ ତ୍ରୁଟି ରହୁଛି। ଏତଦ୍‌ବ୍ୟତୀତ ଅଧିକାଂଶ ଶିକ୍ଷକଙ୍କର ମଧ୍ୟ ଶୁଦ୍ଧ ଲିଖନ ଉପରେ ଆବଶ୍ୟକ ଧାରଣା ରହିଲା ନାହିଁ।

ଉପର୍ଯ୍ୟୁକ୍ତ ପୃଷ୍ଠଭୂମିକୁ ଲକ୍ଷ୍ୟ କରି କିଛି ବର୍ଷ ତଳେ ତତ୍କାଳୀନ ଗଣଶିକ୍ଷା ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ ଓ ଗଣଶିକ୍ଷା ସଚିବ ଜଗଦାନନ୍ଦ ପଣ୍ଡା ମଧୁବାବୁଙ୍କ ରଚିତ କାଳଜୟୀ ବର୍ଣ୍ଣବୋଧର ଉପାଦେୟତା ସମ୍ପର୍କରେ ବିଭିନ୍ନ ଆଲୋଚନା ଓ ସମ୍ମାନ ଅନୁଷ୍ଠିତ ହେଉଥିଲା ବେଳେ ନିଜ ନିଜର ମତବ୍ୟକ୍ତ କଲେ। ସେମାନଙ୍କ ବକ୍ତବ୍ୟର ସାରମର୍ମ ଥିଲା, 'ଆମ ପିଲାମାନଙ୍କ ବର୍ଣ୍ଣଶୁଦ୍ଧି ରକ୍ଷା କରିବା ନିମନ୍ତେ ନିକଟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମଧୁବାବୁଙ୍କ ବର୍ଣ୍ଣବୋଧକୁ ପିଲାମାନଙ୍କ ପାଇଁ ସଚିତ୍ର ଓ ଆକର୍ଷଣୀୟ କରି ଓଡ଼ିଶାର ସମସ୍ତ ପ୍ରାଥମିକ ବିଦ୍ୟାଳୟକୁ ବିତରଣ କରିବେ। ଏହା ହେଲା ଗଣଶିକ୍ଷା ବିଭାଗର ଏକ ଯୁଗାନ୍ତକାରୀ ପଦକ୍ଷେପ।'

ଏଇ ପରିପ୍ରେକ୍ଷୀରେ ପରବର୍ତ୍ତୀ ସମୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମଧୁ ବର୍ଣ୍ଣବୋଧ ସରକାରଙ୍କ ତରଫରୁ ଛପାଇ ଓଡ଼ିଶାର ବିଦ୍ୟାଳୟମାନଙ୍କରେ ବାଣ୍ଟିବାକୁ ନିଷ୍ପତ୍ତି ନେଲେ। ମାତ୍ର ଏଇ ସମୟରେ ପୁନଃ ମଧୁ ବର୍ଣ୍ଣବୋଧକୁ ସମୀକ୍ଷା କରି ଓ ଆବଶ୍ୟକ ପରିବର୍ତ୍ତନ କରି ପ୍ରକାଶ କରିବାକୁ ଯେଉଁ ନିଷ୍ପତ୍ତି ନିଆଗଲା, ତାହା କିଏ ନେଲେ ଓ କାହିଁକି ନେଲେ ଓ ସେଥିପାଇଁ ଏପରି ନିଷ୍ପତ୍ତି ନେବାକୁ କିଏ ଗଣଶିକ୍ଷା ବିଭାଗକୁ ପ୍ରବର୍ତ୍ତାଇଲା, ତାହା ଆଜି ମଧ୍ୟ ଅଧିକାଂଶ ଓଡ଼ିଆଙ୍କ ଧାରଣା ମଧ୍ୟରେ ନାହିଁ। ଏହା ଫଳରେ 'ମଧୁ ବର୍ଣ୍ଣବୋଧ' ସ୍ଥାନରେ 'ମଧୁ

ବର୍ଣ୍ଣବୋଧ' ପ୍ରକାଶିତ ହେଲା ଓ ଲିପି ସଂସ୍କାର ନାମରେ ଏହାର ବିଜ୍ଞ ସମ୍ପାଦନା ମଣ୍ଡଳୀ ମୂଳ ବର୍ଣ୍ଣବୋଧର କେତେକ ଧାଡ଼ି ଏପରି ବଦଳାଇ ଦେଲେ ଯେ ତାହା ସ୍ୱର୍ଗତଃ ଲେଖକ ଓ ତତ୍କାଳୀନ ଶିକ୍ଷା ବିଭାଗର ପରିଦର୍ଶକଙ୍କ ଅମର ଆତ୍ମା ପ୍ରତି ଅବମାନନା ହେଲା ବୋଲି ରାଜ୍ୟର ବୁଦ୍ଧିଜୀବୀ, ଅଭିଭାବକ, ଶିକ୍ଷାବିତ୍ ଓ ଜନସାଧାରଣ ମନେକଲେ। ସମୟକ୍ରମେ ଘଟଣାକ୍ରମର ଦୃଶ୍ୟପଟ ଏପରି ବଦଳିଲା ଯେ ମଧୁ ବର୍ଣ୍ଣବୋଧର ମାନ, ମର୍ଯ୍ୟାଦା ଓ ଆତ୍ମିକ ଶୁଦ୍ଧି ନିମନ୍ତେ କତିପୟ ବୁଦ୍ଧିଜୀବୀ ଗଣଶିକ୍ଷା ବିଭାଗ ବିରୋଧରେ ଉଚ୍ଚ ନ୍ୟାୟାଳୟକୁ ଗଲେ ଓ ତଥାକଥିତ ମଧୁ ବର୍ଣ୍ଣବୋଧ ଯେଉଁ ମୂଳ ଉଦ୍ଦେଶ୍ୟ ନେଇ ପ୍ରକାଶିତ ହୋଇଥିଲା, ତାହା କରି ନପାରି ଭାଷା ଶିକ୍ଷା ପ୍ରତିଷ୍ଠାନର ସଂରକ୍ଷଣ ଗୃହର ଅନ୍ଧାରୀ ମୁଲକରେ ପଡ଼ିରହିଛି ଓ ମଧୁ ବର୍ଣ୍ଣବୋଧ ନ୍ୟାୟ ଅପେକ୍ଷାରେ ବିଚାରପତିଙ୍କ ବିଚାରକୁ ଅପେକ୍ଷା କରି ରହିଛି। ଏହି ଘଟଣା ଗଣଶିକ୍ଷା ବିଭାଗ ପାଇଁ ଯେତିକି ନୁହେଁ, ତାହାଠାରୁ ଅଧିକ ଦୁଃଖଦାୟକ ହୋଇଛି ଓଡ଼ିଶାର ବୁଦ୍ଧିଜୀବୀମାନଙ୍କ ପାଇଁ।

ଦ୍ୱିତୀୟ ପ୍ରସଙ୍ଗଟି ହେଉଛି, କିଛି ମାସ ତଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ରାଜ୍ୟରେ ଶିକ୍ଷକ ଅଭାବ ପୂରଣ ନିମନ୍ତେ ଯେଉଁ ଟିଚର ଅନ୍ କଲ୍ ଯୋଜନା ଆରମ୍ଭ କଲେ, ସେହି ଯୋଜନା ଅନୁସାରେ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ନିୟୋଜନ କରିବା ନିମନ୍ତେ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଗଲା। କାରଣ, ସେତେବେଳେ ରାଜ୍ୟର ପ୍ରାଥମିକ ସ୍ତରରେ ୩୬,୨୭୧ ପଦ ଓ ମାଧ୍ୟମିକ ସ୍ତରରେ ୧୩,୯୭୭ ପଦ ଖାଲି ପଡ଼ିଥିଲା। ଏତେ ସଂଖ୍ୟକ ଶିକ୍ଷକ ପଦ ଖାଲି ପଡ଼ିଥିବା ଯୋଗୁଁ ଓ ବିଭିନ୍ନ କାରଣରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସେହିସବୁ ପଦ ପୂରଣ କରିବାକୁ ସମର୍ଥ ହେଉ ନଥିବା ହେତୁ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଟିଚର୍ ଅନ୍ କଲ୍ ବ୍ୟବସ୍ଥା ମାଧ୍ୟମରେ ନିୟୋଜିତ କରିବାକୁ ନିଷ୍ପତ୍ତି ନେଲେ। ଏହି ବ୍ୟବସ୍ଥା ସ୍ଥାୟୀ ନିଯୁକ୍ତି ଆଶାରେ ଅପେକ୍ଷା କରିଥିବା ୧ ଲକ୍ଷ ୭୬ହଜାର ୭୫୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବୃତ୍ତିଗତ ଭବିଷ୍ୟତ ସ୍ଥିତି ଉପରେ ଆଞ୍ଚ ଆଣୁଥିବା ହେତୁ ସେମାନେ ଏହି ଯୋଜନାକୁ ବିରୋଧ କଲେ। ମାତ୍ର ସବୁଠାରୁ ବଡ଼ ଚମକପ୍ରଦ ଘଟଣା ଘଟିଲା ଯେତେବେଳେ ରାଜ୍ୟର ବୁଦ୍ଧିଜୀବୀମାନେ ଏହାର ନାମକରଣ ଉପରେ ପ୍ରଶ୍ନ ଉଠାଇଲେ। ଏପରିକି ଏ କ୍ଷେତ୍ରରେ ଆଉ ପାଦେ ଆଗେଇ ଯାଇ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶ୍ନ ଉଠାଇଲେ ଯେ 'ଶିକ୍ଷକ କ'ଣ 'ଉବେର' ନାଁ 'ଓଲା'' ? ସେତେବେଳେ ମାନ୍ୟବର ମନ୍ତ୍ରୀଙ୍କ ଉକ୍ତିକୁ ଶିକ୍ଷକଙ୍କ ସମ୍ମାନ ପ୍ରତି ଆଞ୍ଚ ବୋଲି କେହି କେହି ନେତୃବୃନ୍ଦ ମତ ଦେଲେ ମଧ୍ୟ ରାଜ୍ୟର ଅଧିକାଂଶ ଶିକ୍ଷାବିତ୍ ବୁଦ୍ଧିଜୀବୀ ଗଣଶିକ୍ଷା ବିଭାଗର ଏଇ ଯୋଜନାର ନାମକରଣ ସମଗ୍ର ଶିକ୍ଷକ ଜାତି ପ୍ରତି ଅପମାନ ବୋଲି କହି ବୁଲିଲେ।

ବାସ୍ତବ ପକ୍ଷରେ ଶିକ୍ଷକ ହେଉଛନ୍ତି ଆମ ସମାଜର ଜଣେ ସମ୍ମାନାସ୍ପଦ ବ୍ୟକ୍ତି। ସବୁଠାରୁ ବେଶୀ ସମ୍ମାନାସ୍ପଦ ହୋଇଥାନ୍ତି ଚାକିରିରୁ ଅବସର ନେଇଥିବା ଶିକ୍ଷକ, ଶିକ୍ଷୟିତ୍ରୀ। କାରଣ ସେମାନେ ସେମାନଙ୍କର ସ୍ୱକୀୟ ସାଧନା ଓ କର୍ମପ୍ରବଣତା ମାଧ୍ୟମରେ ଦୀର୍ଘ ଦିନ ନିଜର ସେବା ପ୍ରଦାନପୂର୍ବକ ରାଜ୍ୟର ଅଗଣିତ ଛାତ୍ରଛାତ୍ରୀଙ୍କୁ ଶୈକ୍ଷିକ ଦିଗ୍‌ଦର୍ଶନ ଦେଇ ସମାଜରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥାନ୍ତି। ତେଣୁ ଜଣେ ସମ୍ମାନାସ୍ପଦ ବ୍ୟକ୍ତିଙ୍କୁ ଅତିଥି ମନେ ନକରି ଟିଚର୍ ଅନ୍ କଲ୍ କହିବା ସେମାନଙ୍କୁ ଖାଲି ବାଧିଲା ନାହିଁ, ବରଂ ସେମାନଙ୍କୁ ପଣ୍ୟଦ୍ରବ୍ୟ ସ୍ତରକୁ ଖସାଇ ଦିଆଯାଇ ଅପନିନ୍ଦିତ କରାଗଲା। ଏପରି ନାମକରଣର ଯଥାର୍ଥତାକୁ ସେତେବେଳେ ଶିକ୍ଷା ବିଭାଗର କର୍ତ୍ତୃପକ୍ଷ ଟିକିଏ ପରଖି ନେଇଥିଲେ ହୁଏତ ଏପରି ଏକ ଅଲୋଡ଼ା ସମାଲୋଚନାରୁ ଗଣଶିକ୍ଷା ବିଭାଗ ରକ୍ଷା ପାଇ ପାରିଥାନ୍ତା। ବୋଧହୁଏ ନାମକରଣ ସମ୍ପର୍କୀୟ ସମାଲୋଚନା ଯଥାର୍ଥ ବୋଲି ଅନୁଭବ କରି ରାଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଂସ୍କୃତିସମ୍ପନ୍ନ ମାନ୍ୟବର ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଟିଚର୍ ଅନ୍ କଲ୍ ଯୋଜନାକୁ ଅତିଥି ଶିକ୍ଷକ ଯୋଜନାରେ ପରିଣତ କରି ଦେଇଛନ୍ତି। କାରଣ, ଭାରତୀୟ ସଂସ୍କୃତିରେ ଅତିଥି ହିଁ ସର୍ବପୂଜ୍ୟ – ଯେ ଯେଉଁଠି, ଯେପରି ସ୍ଥାନରେ ଥାଆନ୍ତୁ ନା କାହିଁକି, ସମ୍ମାନର ଅଧିକାରୀ ହୋଇଥାନ୍ତି।

ସମ୍ପ୍ରତି ନୂତନ ବର୍ଷରେ ରାଜ୍ୟର ଏକ ପ୍ରମୁଖ ସମ୍ବାଦପତ୍ର (ନିତିଦିନ ନୁହେଁ)ରେ 'ବିଜୁଙ୍କୁ ବିବାଦକୁ ଟାଣିଲା ଗଣଶିକ୍ଷା ବିଭାଗ' ଶୀର୍ଷକ ଏକ ସମ୍ବାଦ ଜାନୁଆରୀ ମାସ ୨ ତାରିଖରେ ପ୍ରକାଶିତ ହୋଇଅଛି। ଏପରି ଶୀର୍ଷକ ଦେବାର ବୋଧହୁଏ ସାମ୍ବାଦିକଙ୍କ ମୂଳ ଲକ୍ଷ୍ୟ ହେଲା, ପ୍ରବାଦପୁରୁଷ ବିଜୁବାବୁ ବିବାଦର ଉର୍ଦ୍ଧ୍ୱରେ ଥିବା ବେଳେ ତାଙ୍କର ଅବର୍ତ୍ତମାନରେ ପୁଣି ତାଙ୍କୁ ବିବାଦ ମଧ୍ୟକୁ ଟାଣି ଆଣିବା ଗଣଶିକ୍ଷା ବିଭାଗର ଏକ ପସନ୍ଦଯୋଗ୍ୟ ପଦକ୍ଷେପ ନୁହେଁ। ଏଇ ପରିପ୍ରେକ୍ଷୀରେ ବିଚାର କଲେ ଜଣାଯାଏ ଯେ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି ଯେ ପାଠ୍ୟ ପୁସ୍ତକରେ ବିଜୁ ପଟ୍ଟନାୟକଙ୍କ ଜୀବନୀକୁ ବିଷୟ ଭାବେ ସ୍ଥାନ ଦିଆଯିବ ନାହିଁ। ବରଂ ଏହି ମନୀଷୀଙ୍କ ଜୀବନୀକୁ ୭୨ ପୃଷ୍ଠାବିଶିଷ୍ଟ ଏକ ସ୍ୱତନ୍ତ୍ର ପୁସ୍ତକ ଆକାରରେ ପ୍ରକାଶିତ କରାଯିବ ଓ ଏହା ୧୨ଟି ଅଧ୍ୟାୟ ମଧ୍ୟରେ ସୀମିତ ରହିବ। ପିଲାମାନଙ୍କ ପାଇଁ, ବିଶେଷତଃ ୬ଷ୍ଠରୁ ୧୦ମ ଶ୍ରେଣୀ ମଧ୍ୟରେ

ଥିବା ଛାତ୍ରଛାତ୍ରୀମାନଙ୍କୁ ଏହା ବିନା ମୂଲ୍ୟରେ ବିତରଣ କରାଯିବ। ୨୦୧୭-୧୮ ଶିକ୍ଷାବର୍ଷରେ ପ୍ରକାଶିତ ହେବାକୁ ଥିବା ଏଇ ବହିଟି ରାଜ୍ୟର ପ୍ରାୟ ୨୦ ଲକ୍ଷ ଛାତ୍ରଛାତ୍ରୀଙ୍କୁ ବଣ୍ଟାଯିବ। ଏଥିପାଇଁ ୫କୋଟି ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଅଛି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ହେଉଛି ରାଜ୍ୟର ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷାର ସର୍ବୋଚ୍ଚ ଶୈକ୍ଷିକ ଓ ପ୍ରଶାସନିକ ବିଭାଗ। କେଉଁ ବହି କେଉଁ ସ୍ତରରେ ଶିକ୍ଷାର୍ଥୀର ଅଧ୍ୟୟନ ନିମନ୍ତେ ଦିଆଯିବ, ତାହା ସାଧାରଣତଃ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏକ ସିଲାବସ୍ କମିଟି ଦ୍ୱାରା ପ୍ରସ୍ତୁତ ହୋଇଥାଏ ଓ ତଦନୁଯାୟୀ ରାଜ୍ୟ ସରକାର ଏକ ଲେଖକ ମଣ୍ଡଳୀ ନିଯୁକ୍ତ କରିଥାନ୍ତି। ପୁନଶ୍ଚ, ଲେଖକ ମଣ୍ଡଳୀ ଦ୍ୱାରା ପ୍ରସ୍ତୁତ ବହିଟି ଉପଯୁକ୍ତ ସମୀକ୍ଷା ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୁଏ ଓ ତା'ର ମୁଦ୍ରଣ ଦାୟିତ୍ୱ ସରକାରୀ ସ୍ତରରେ ହୋଇଥାଏ। ବିଜୁବାବୁଙ୍କ ଉପରେ ପ୍ରସ୍ତୁତ ଜୀବନୀ ପୁସ୍ତକଟି ନିଶ୍ଚିତ ଭାବେ ଏକ ସୁଚିନ୍ତିତ ପ୍ରଣାଳୀରେ ହେବାକୁ ସ୍ଥିର କରାଯାଇଥିବ। ଏହା ଫଳରେ ବିଦ୍ୟାଳୟ ସ୍ତରରେ ପାଠ ପଢୁଥିବା ପିଲାଟି ଉପରେ ଅଧିକ ମାନସିକ ଚାପ ପଡ଼ିବ ନାହିଁ, ବରଂ ସେ ଆନନ୍ଦର ସହିତ ପୁସ୍ତକଟି ପଢ଼ି ବିଜୁବାବୁଙ୍କ ସମ୍ପର୍କରେ ଅନେକ କଥା ଜାଣିପାରିବ।

ଶୈକ୍ଷିକ ସ୍ତରରେ କାର୍ଯ୍ୟ କରୁଥିବା କୌଣସି ସଂସ୍ଥା କିମ୍ବା ବିଭାଗ ଭାବପ୍ରବଣ ହୋଇ କୌଣସି କାର୍ଯ୍ୟ କରିବା କଥାକୁ ରାଜ୍ୟର ବୁଦ୍ଧିଜୀବୀ ଓ ଅଭିଭାବକଗଣ ସହଜରେ ଗ୍ରହଣ କରନ୍ତି ନାହିଁ। ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ଚାଲୁଥିବା ଏକ ସଂସ୍ଥାର କାର୍ଯ୍ୟକ୍ରମ ମଧ୍ୟ ଲୋକଙ୍କ ନଜର ମଧ୍ୟରେ ଥାଏ। ସେଥିପାଇଁ ଏଇ ସଂସ୍ଥାକୁ ପରିଚାଳିତ କରୁଥିବା ବ୍ୟକ୍ତିବିଶେଷଙ୍କ ସୁଦୂରପ୍ରସାରୀ ଦୂରଦୃଷ୍ଟି ଓ ଅଭିଜ୍ଞତା ରହିବା ଆବଶ୍ୟକ। ଯଦି ସେଥିରୁ କାଣିଚାଏ ଅଭାବ ହୋଇଯାଏ, ତେବେ ବିଭିନ୍ନ ସ୍ତରରେ ବିଭିନ୍ନ ବିରୋଧାଭାସ ଦେଖା ଯାଇଥାଏ। ତାହା ହିଁ ବୋଧହୁଏ ଘଟିଛି ମଧୁ ବର୍ଣ୍ଣବୋଧ, ଟିଚର୍ ଅନ୍ କଲ୍ ଓ ବିଜୁଙ୍କୁ ବିବାଦକୁ ଟାଣି ଆଣିଲା ଭଳି ବିଜୁଙ୍କ ଜୀବନୀ ପ୍ରସ୍ତୁତି ସମ୍ପର୍କୀୟ ନିଷ୍ପତ୍ତି କ୍ଷେତ୍ରରେ। ଏକଥା ସତ ଯେ ଆମ ରାଜ୍ୟରେ ଅନେକ ବରପୁତ୍ର ଅଛନ୍ତି। ସେମାନଙ୍କ ସମ୍ପର୍କରେ ଆମ ଭିତରୁ ଅଧିକାଂଶ ଊଣା ଅଧିକେ ଅଜଣା ସ୍ଥିତିରେ ରହିଛନ୍ତି। ଯଦି ସେମାନଙ୍କ ପାଇଁ ସ୍ୱତନ୍ତ୍ର ଜୀବନୀ ପୁସ୍ତକ ଗଣଶିକ୍ଷା ବିଭାଗ ପ୍ରକାଶ କରିନାହିଁ, ତେବେ ସେମାନଙ୍କ ବିଷୟରେ ସ୍ୱତନ୍ତ୍ର ଲେଖା ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରି ବିଜୁବାବୁଙ୍କ ସହିତ ଦିଆଗଲେ ଆମ ସାଂସ୍କୃତିକ ଓ ଶୈକ୍ଷିକ ପରମ୍ପରା ପୂର୍ବବତ୍ ଅମ୍ଳାନ ରହିବ।

ବ୍ରହ୍ମା ନିବାସ,
ମହାବୀର ବିହାର, କଳାରାହାଙ୍ଗ,
ଭୁବନେଶ୍ୱର- ୭୫୧୦୨୪
ମୋ.ନଂ: ୯୪୩୭୭୮୪୫୯୨

# ବଳଦର ଦୁଃଖ

ବିରଞ୍ଚି ମିଶ୍ର

ବଳଦଟିଏ କୈଳାଶ ପର୍ବତ ଯାଇ ଶିବଂକୁ ଗୁହାରି କଲା, 'ପ୍ରଭୁ, ପୃଥିବୀରେ ମୋ ଜାତୀୟ ତିନି ପ୍ରକାର ଜୀବ ଅଛନ୍ତି । ତେବେ, ଷଣ୍ଢ ଆପଣଂକ ବାହନ ହୋଇଥିବାରୁ ଓ ଗାଈ ଲକ୍ଷ୍ମୀଂକ ପ୍ରିୟ ହୋଇଥିବାରୁ, ଲୋକେ ସେମାନଙ୍କୁ ଖୁବ୍ ଆଦର ଯତ୍ନ କରୁଛନ୍ତି । ସେମାନଙ୍କୁ ଭଲ କରି ଖାଇବାକୁ ଦେଉଛନ୍ତି, ଆଉ କିଛି କାମ କରାଉ ନାହାନ୍ତି । ହେଲେ ଆମ ବଳଦ ମାନଙ୍କୁ ଖାଲି ଖଟାଉଛନ୍ତି, ବଦଳରେ ସାମାନ୍ୟ କିଛି ଖାଇବାକୁ ଦେଉଛନ୍ତି । ଏହା ଅନ୍ୟାୟ ନୁହେ କି ପ୍ରଭୁ ?'

ଶିବ କହିଲେ, 'ମୁ ତୋ'ର ଦୁଃଖ ଜାଣିପାରୁଛି ରେ ବଳଦ, ମାତ୍ର ପୃଥିବୀର ଜୀବଜନ୍ତୁ ପାଳନ କରିବା ଦାୟିତ୍ୱ ବିଷ୍ଣୁଙ୍କର । ତୁ ତା'ଙ୍କ ପାଖକୁ ଯା ।'

ବଳଦଟି ବିଷ୍ଣୁଙ୍କ ପାଖକୁ ଯାଇ ନିଜ ଦୁଃଖ ଜଣାଇ କହିଲା, 'ପ୍ରଭୁ, ଏଭଳି ଜୀବନ ଦେଇ ମତେ କାହିଁକି ସୃଷ୍ଟି କଲେ ?'

ବିଷ୍ଣୁ କହିଲେ, 'ଏମିତି ତ ହେବା କଥା ନୁହେଁ । ତେବେ ମୋର କାମ ହେଲା ପାଳନ କରିବା । ସୃଷ୍ଟିକର୍ତ୍ତା ହେଉ-ଛନ୍ତି ବ୍ରହ୍ମା । ସେ କହି ପାରିବେ, ବଳଦ କାହିଁକି ସୃଷ୍ଟି କଲେ । ତୁ ତାଙ୍କ ପାଖକୁ ଯା ।'

ବଳଦ ନେହୁରା ହୋଇ କହିଲା, 'ପ୍ରଭୁ, ମୁ ଶିବଙ୍କ ପାଖରୁ ଆପଣଂକ ପାଖକୁ ଆସିଛି । ଆପଣ ବ୍ରହ୍ମାଂକ ପାଖକୁ ଯିବାକୁ କହୁଛନ୍ତି । କେତେ ଆଉ ଏପଟ ସେପଟ ହେବି । ଦୟାକରି ଆପଣ ଟିକେ ପଚାରି ଦିଅନ୍ତେ ନି ?'

ବିଷ୍ଣୁଂକ ଦୟା ହେଲା । ସେ ବ୍ରହ୍ମାଂକୁ ସ୍ମରଣ କରି ଡାକିଲେ ଓ ବଳଦ କଥା ପଚାରିଲେ ।

ବ୍ରହ୍ମା କହିଲେ, 'ବଳଦ ନାମରେ କୋଣସି ଜୀବ ସୃଷ୍ଟି କରିଥିବା କଥା ମୋର ମନେ ପଡୁ ନି ପ୍ରଭୁ । ମୁଁ ରେକର୍ଡ ଚେକ୍ କରି କହୁଛି । ସୃଷ୍ଟି ଆରମ୍ଭରୁ ତନଖି କରିବାକୁ ସାତଆଠ ଦିନ ଲାଗିଯିବ । ବଳଦ ଦଶ ଦିନ ପରେ ଆସୁ ।'

ଦଶ ଦିନ ପରେ ବଳଦ ପୁଣି ବିଷ୍ଣୁଲୋକ ଆସିଲା । ବିଷ୍ଣୁ, ବ୍ରହ୍ମାଙ୍କୁ ଡାକିଲେ । ବ୍ରହ୍ମା ଆସି କହିଲେ,

'ବ୍ରହ୍ମଲୋକର ରେକର୍ଡ ଅନୁସାରେ ବଳଦ ଆମ ସୃଷ୍ଟି ନୁହେଁ ପ୍ରଭୁ ।'

ବିଷ୍ଣୁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, 'ତେବେ ସେ ପୃଥିବୀକୁ ଆସିଲା କେମିତି ?'

ବ୍ରହ୍ମା କହିଲେ, 'ମୁଁ ମୋର କିଛି ଚରଂକୁ ଏ ବିଷୟରେ ତଥ୍ୟ ସଂଗ୍ରହ ପାଇଁ ପୃଥିବୀକୁ ପଠାଇଛି । ଆଠ ଦଶ ଦିନ ପରେ ଖବର ମିଳିଯିବ ।'

ଦଶଦିନ ପରେ ବଳଦ ପୁଣି ଆସିଲା । ସେତେବେଳେ ବ୍ରହ୍ମା ବିଷ୍ଣୁଂକୁ କହିଲେ, 'ମୁଁ କହୁଥିଲି ନା ପ୍ରଭୁ, ବଳଦ ଆମ ସୃଷ୍ଟି ନୁହେଁ। ପୃଥିବୀର କିଛିଲୋକ, ମୁଁ ସୃଷ୍ଟି କରିଥିବା ଷଣ୍ଢକୁ, ଖାସି କରି ବଳଦ ବନାଇ ଦଉଛନ୍ତି ।'

ବିଷ୍ଣୁ କହିଲେ, 'ତା'ହେଲେ ତ ବଳଦ ମାନଂକ ପାଳନ ଦାୟିତ୍ୱ ଆମର ନୁହେଁ ବ୍ରହ୍ମ ଦେବ !?'

ଏକଥା ଶୁଣି ବଳଦର ମୁହଁ ଶୁଖିଗଲା । ଏହା ଦେଖି ବ୍ରହ୍ମା କହିଲେ, 'ପୃଥିବୀରେ ଏବେ ଗାଡ଼ି, ମଟର, ଟ୍ରାକ୍ଟର ଯୋଗୁଁ ଆଉ ବଳଦର ଆବଶ୍ୟକତା ନାହିଁ । ତୁ ମନ ଦୁଃଖ କର ନା । ଧୀରେ ଧୀରେ ପୃଥିବୀରୁ ବଳଦ ବଂଶ ଲୋପ ପାଇଯିବ । ତୁମେ ସମସ୍ତେ ମୁକ୍ତ ହୋଇଯିବ ।'

ବଳଦ କହିଲା, 'ତା ଠିକ୍ ଯେ ପ୍ରଭୁ, କିନ୍ତୁ ଲୋକେ ଏବେ ଆମକୁ ଆଉ ଗୋଟେ ନୂଆ କାମରେ ଲଗାଇବାର ଯୋଜନା କରୁଛନ୍ତି । ପର୍ଯ୍ୟଟକ ମାନଂକୁ ବଳଦ ଗାଡ଼ିରେ ବୁଲାଇବାକୁ ଚାହୁଁଛନ୍ତି । ଏଥିରୁ ଆମେ କେମିତି ମୁକ୍ତି ପାଇବୁ ?'

ବିଷ୍ଣୁ କିଛି ସମୟ ଧ୍ୟାନରେ ବସି କହିଲେ, 'ତମ ବଳଦଟି ଜାଣିଗଲା ଯେ ବ୍ରହ୍ମା, ବିଷ୍ଣୁ ଓ ଶିବ ବି ଭାରତର ସରକାରୀ ରୀତିନୀତି ଅନୁସାରେ କାମ କରନ୍ତି । ସେ କାନମୁଣ୍ଡା ଆଉଁସି ପୃଥିବୀକୁ ଫେରି ଆସିଲା ।

**ଭୁବନେଶ୍ୱର**






# ନଜର ନ ଲାଗୁ !

ଛନ୍ଦା ମିଶ୍ର

ସିମି ଭାଉଜ ଙ୍କ ମୁହଁ ରେ ବିରକ୍ତି ସ୍ୱଷ୍ଟ ଦିଶୁଥିଲା। କାରଣ ପଚାରିବାରୁ କହିଲେ, ଶହେ ଥର ମନା କଲିଣି, ହେଲେ ସେ ବୋହୂ ଟା କଣ ଶୁଣୁଛି ? ଛୁଆଟି ହସୁଛି, ଖେଳୁଛି, ଖାଉଚି, ଗାଧୋଉଛି, ଯାହା କରୁଛି ତାକୁ ଭି ଡି ଓ କରି ଛାଡୁଛି। ଛୁଆ ଟାକୁ ନଜର ଲାଗିବ ଯଦି.. କେତେଥର ବୁଝାଇଲିଣି, ପୁଅ ବିରକ୍ତ ହେଲାଣି, ଏପରିକି ତା' ମାଆ ବି ତାକୁ ବୁଝାଇ ଲେଣି, ହେଲେ ସେ କାଇଁ କାହା କଥା ଶୁଣିବାକୁ ଯିବ ଯେ.. ତାକୁ ତ ରିଲ୍ସ ନିଶା ଘାରିଛି !

ତାଙ୍କ କଥା ଶୁଣି ମନେ ପଡୁଥିଲା, ସାନ ବେଳେ ମାଆ , ମୋ ମୁଣ୍ଡ ରେ ବଡ଼ କଜଳ ଟୋପା ଲଗାଉଥିଲା। ବାହାରକୁ ଗଲେ, ତୁଳସୀ ମୂଳରୁ ମାଟି ଆଣି ଦେଉଥିଲା କାନ ମୂଳ ରେ। ଆଉ ବାହାର ଲୋକ ତ କିଏ ଆସିଲେ, ସେ ନ ଗଲା ଯାକେ ଘର ଭିତରେ ରହିବା ପାଇଁ କଡ଼ା ହୁକୁମ୍ ଥିଲା ବାପା ଙ୍କର, ଯାହାକୁ ବାହାଘର ପର୍ଯ୍ୟନ୍ତ ମାନିବା ପାଇଁ ଆମେ ବାଧ ଥିଲୁ। ଆଉ ଭାଇଭଉଣୀଙ୍କ ଛୁଆଙ୍କୁ ବି କାହା ଆଗକୁ ନେବାକୁ ଥିଲା ବାରଣ। ଅନେକ ଥର ବି କୌଣସି କାରଣ ନ ଥାଇ ସେମାନେ ରାହା ଧରି କାନ୍ଦନ୍ତି, ମାଆ ତାଙ୍କୁ ଲୁଣ ମନ୍ତୁରା ପାଣି ଓ ସାତ ଟା ଶୁଖିଲା ଲଙ୍କାରେ ଝାଡେ। ହେଲେ ସତରେ କଣ ନଜର ଲାଗେ ? ବିଜ୍ଞାନ ଏହାକୁ ମାନେନା ସିନା ମାତ୍ର ମନୋବିଜ୍ଞାନ ମାନେ। କାହାକୁ ଅତ୍ୟଧିକ ପ୍ରସଂଶା ବା ଈର୍ଷା, ଉଭୟ ତା ପାଇଁ କ୍ଷତିକାରକ ସାବ୍ୟସ୍ତ ହୁଏ।

ତେବେ ନଜରରେ ରହିବା ପାଇଁ କିଏ ବା ନ ଚାହେଁ ! ଖାସ୍ ସେଇଥିପାଇଁ ତ ଆମେ ନିଜକୁ ସଜାଉ, ପର ରୁଚିରେ ପିନ୍ଧୁ। ଅନ୍ୟମାନଙ୍କ ମଧ୍ୟରେ ବାରି ହୋଇ ପଡ଼ିବାକୁ ଚେଷ୍ଟା କରୁ। ମୁହଁ ଖୋଲି ନ କହିଲେ ବି ଆମେ ଚାହୁଁ ସମସ୍ତେ ଆମକୁ ଦେଖନ୍ତୁ, ପ୍ରସଂଶା କରନ୍ତୁ। କିନ୍ତୁ ପ୍ରକୃତରେ ଆମକୁ ଦେଖି ନିଷ୍କପଟ ଭାବେ ପ୍ରସଂଶା କରନ୍ତି ବା କେତେଜଣ ! ଆମ ଉନ୍ନତି ଦେଖି ଆନନ୍ଦିତ ହୁଅନ୍ତି ବା କେତେଜଣ ! ଆମ ଖୁସିରେ ଖୁସି ହୁଅନ୍ତି ବା କେତେଜଣ ! ବୋଧହୁଏ କେବଳ ବାପା ମା'ଙ୍କ ଛଡା ଆଉ କେହି ଏପରି ନାହିଁ ଯିଏ ଆମ ଖୁସିରେ ଖୁସି ହୋଇ ପାରିବ, ମାଆ ପେଟର ଭାଇ ପରା ଭଗାରୀ ସାଜେ ! ଅବିଶ୍ୱାସ ମନେ ହେଲେ ବି ସତ ହେଉଛି ଯେ, ପର

ଦୁଃଖରେ ଦୁଃଖୀ ହେବା ସହଜ ମାତ୍ର ପର ସୁଖରେ ସୁଖୀ ହୋଇପାରେ କେବଳ ମହତ୍ ଚେତନାର ବ୍ୟକ୍ତି ଟିଏ। ତେଣୁ ଆମ ସୁଖରେ ଉପରକୁ ସୁଖୀ ଭାବ ଦେଖାଉ ଥିବା ମଣିଷଟି ଭିତରେ ଭିତରେ ଦୁଃଖୀ ତଥା ଇର୍ଷାଳୁ ହୋଇପଡେ। ଅନ୍ୟର ସଦିଚ୍ଛା ଆମ ପାଇଁ ଆଶୀର୍ବାଦ ସୂଚକ ହେଲା ବେଳକୁ ଅନ୍ୟର ଅସନ୍ତୋଷ ଓ ଇର୍ଷାର ସୁକ୍ଷ୍ମ ତରଙ୍ଗ ଆମର କ୍ଷତି ସାଧନ କରେ। ଯାହାକୁ ଲୌକିକ ଭାଷାରେ ନଜର ଲାଗିଲା ବୋଲି ଆମେ କହେ।

ଏବଂ ଏ ନଜର କେବଳ ମଣିଷଙ୍କୁ ଯେ ଲାଗେ ତା' ନୁହେଁ ବରଂ ଗାଈ ଛେଳି, ଫଳନ୍ତି ଗଛ, ଦୋକାନ, ଘର, ଗାଡି ଆଦିରେ ବି ନଜରରୁ ବର୍ତିବା ପାଇଁ ଠାକୁରଙ୍କ ପାଦୁକ, ଲଙ୍କା ଲେମ୍ବୁ, ଛିଣ୍ଡା ଚପଲ ଆଦିର ସାହାରା ନେବାକୁ ହୁଏ। କିନ୍ତୁ ଟ୍ରକ୍ ପଛ ପଟେ ଥିବା ଲେଖା ଗୁଡିକ ଆମକୁ ବେଶ୍ ଆମୋଦିତ କରେ । ପ୍ରାୟ ଲେଖା ହୋଇଥାଏ, 'ବୁରି ନଜର ୱାଲେ ତେରା ମୁହଁ କାଲା'। ଅର୍ଥାତ୍ ମୋ ଗାଡି ଉପରେ ବା ମୋ ଜୀବିକାକୁ ନେଇ ଇର୍ଷା କରୁଥିବା ଲୋକଟି ର ମୁହଁ କଳା ହେଉ, ବା ତାକୁ ଅପମାନ ଓ ଦୁଃଖ ମିଳୁ। ଆଉ ଗୋଟିଏ ଟ୍ରକ୍ ମାଲିକ ଆଉ ଦୁଇ ପାଦ ଆଗେଇ ଯାଇ କହିଲେ, 'ବୁରି ନଜର ୱାଲେ, ଯା ତୁ ଜହର ଖାଲେ'। ଅର୍ଥାତ୍ ହେ ଖରାପ ଦୃଷ୍ଟି ଦେଇଥିବା ମଣିଷ, ଯା' ବିଷ ପିଇ ମରିବୁ।

ସେଥିପାଇଁ ପ୍ରତ୍ୟେକ ଭଲ କର୍ମକୁ ଗୋପନ ରେ କରିବାର ବିଧି ରହିଛି। ଆମ ଆଧ୍ୟାତ୍ମିକ ପରମ୍ପରା କୁହନ୍ତି, 'ଆୟୁର୍ବିତ୍ତମ ଗୃହଚ୍ଛିଦ୍ରମ ମନ୍ତ୍ରମୈଥୁନ ଭେଷଜଂ। ଦାନମାନାପମାନଂ ଚ ନବୈତାନି ସୁଗୋପ ୟେତ୍।' ଅର୍ଥାତ୍ ନିଜର ବୟସ, ଧନ ତଥା ଆୟ, ଘରର ଛିଦ୍ର ବା ଦୁର୍ବଳତା, ଝଗଡ଼ା, ଗୁରୁଙ୍କ ପ୍ରଦତ୍ତ ମନ୍ତ୍ର, ସ୍ୱାମୀ ସ୍ତ୍ରୀଙ୍କ ଦାମ୍ପତ୍ୟ ଜୀବନ ବା ବ୍ୟକ୍ତିଗତ ସମ୍ପର୍କ, ନିଜର ରୋଗ ଓ ସେଥିପାଇଁ ଖାଉଥିବା ଔଷଧ, ନିଜ ଦ୍ୱାରା କରା ଯାଉଥିବା ଦାନ, ମିଳିଥିବା ସମ୍ମାନ, ତଥା ମିଳିଥିବା ଅପମାନ, କାହା ଆଗରେ ପ୍ରକାଶ କରିବା ଅନୁଚିତ୍। ଠିକ୍ ସେମିତି କୌଣସି ଶୁଭ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ତାହା ପୂରଣ ନହେବା ଯାଏଁ ତାହାକୁ ଗୋପନ ରଖିବା ପାଇଁ ମହାମନା ଚାଣକ୍ୟ କହନ୍ତି 'ମନସା ଚିନ୍ତିତଂ କାର୍ଯ୍ୟଂ ବଚସା ନ ପ୍ରକାଶୟେତ୍। ମନ୍ତ୍ରେଣ ରକ୍ଷ ୟେତ୍ ଗୁଢଂ କାର୍ଯ୍ୟଂ ଚାପି ନିୟୋଜୟେତ୍।'

ତେବେ ସେକାଳ ପଖାଳ ବାସୀ ହେଲାଣି।

ଏବେ ନୂଆ ଯୁଗ ନୂଆ ପିଢି। ଟିକିଏ ସୋରିଷ ଫୁଟିଲେ ବି ଆମେ ସୋସିଆଲ ମିଡିଆରେ ଛାଡି ଅନ୍ୟ ମାନଙ୍କ ମତ ଓ ମନ୍ତବ୍ୟକୁ ଚାତକ ପରି ଚାହିଁ ବସୁଚୁ। ଦେଖିବା ଓ ଦେଖେଇ ହେବା ଆମର ଏକ ମହାନ ପରମ୍ପରାରେ ପରିଣତ ହୋଇଛି। ଟିକେ କଥାରେ ଲୋକେ କହୁଛନ୍ତି ନିଜ ଢୋଲ ନିଜେ ପିଟ। ଆଉ ଆମେ ମହିଳା ମାନେତ ସବୁ କଥାରେ ଆଗରେ ରହିବୁ ବୋଲି ପଣ କରିଛୁ, ତେଣୁ ପୁରୁଷଙ୍କ ତୁଳନାରେ ଆମେ ଅଧିକ ସକ୍ରିୟ ରହିଛୁ। ଆଉ ଆମେ କଣ ଖାଇଲୁ, କଣ କିଣିଲୁ, କଣ ଲଗେଇଲୁ, କେମିତି ଗାଧୋଇଲୁ, କୁଆଡ଼େ ବୁଲି ଗଲୁ, ମୋ ସ୍ୱାମୀ ମତେ କିପରି ପ୍ରେମ କରନ୍ତି, ମୋ ପୁଅ ମତେ କେତେ ସମ୍ମାନ ଦିଏ ଆଦି ଦେଖାଇବାକୁ ହେଲୁ ହମ ହମ। ଏପରିକି ଏବେ ନୂଆ ନୂଆ ମାଆ ହେବାକୁ ଯାଉଥିବା ମହିଳାମାନେ ନିଜ ବଢ଼ିଥିବା ପେଟ ଦେଖାଇ ଏପରି ନିଜକୁ ବିଜ୍ଞାପିତ କରୁଛନ୍ତି ଯେ ମନେ ହେଉଛି, ବୋଧେ ପୃଥିବୀର ଇଏ ପ୍ରଥମ ମହିଳା ଯିଏ ମାଆ ହେବାକୁ ଯାଉଛି !

ହେଉ, ପିଲାଏ ଏସବୁ ସୌକରେ କରି ଖୁସି ହେଉଛନ୍ତି ଭାବି ଆମେ ନିଜକୁ ବୁଝାଇନେଲୁ। ହେଲେ ଯେବେଠାରୁ ରିଲ୍ କରିବାର ଭୂତ ପିଲାଙ୍କ ମୁଣ୍ଡରେ ସବାର ହେଲା, ସେବେଠାରୁ ସବୁକିଛି ହୋଇଗଲା ଗୋଳମାଳ। ଅବଶ୍ୟ ଭୂତ ପଶିଲେ ଗୋଳମାଳ ହେବା ତ ସ୍ୱାଭାବିକ କଥା ! ଆଉ ଏହି ଭୂତକୁ ଉସୁକାଇ ବା ପାଇଁ ତା ସାଙ୍ଗରେ ଯୋଗ ଦେଲା ପ୍ରେତଟିଏ, ଯିଏ କହିଲା, ତୋ ରିଲ୍‌କୁ ଯେତେ ଲୋକ ଦେଖିବେ, ତାହା ଯେତେ ଭାଇରାଲ୍ ହେବ, ତତେ ସେତେ ଅର୍ଥ ମିଳିବ। କିନ୍ତୁ ଅର୍ଥକୁ ଛାଡି କଣ ଅନର୍ଥ ରହିପାରିବ ! ସେ ପରା ତା ଛାଇ !

ତେଣୁ ପିଲା ଠୁ ବୁଢ଼ା ସମସ୍ତେ ରିଲ୍ କରି ଭାଇରାଲ୍ ହେବାର ମାୟାରେ ପଡ଼ି ଦୁଃସାହସିକ ପ୍ରଦର୍ଶନ ସବୁ କରିବା ପାଇଁ ଅଣ୍ଟା ଭିଡ଼ି ଦେଲେ। କେହି ଗଭୀର ଗଣ୍ଡରେ ରିଲ୍ କରି ବୁଡ଼ି ମଲା, କେହି ସାପକୁ ଚୁମା ଦେଇ ସାପ ବି ପ୍ରତ୍ୟୁତ୍ତରରେ ଚୁମା ଫେରସ୍ତ ଦେବାରୁ ଅସମୟରେ କଲା ଯମ ଦର୍ଶନ । ତେବେ ଏହା ହେଉଛି ସୋସିଆଲ ମିଡିଆ, ଯା ପୂର୍ବରୁ 'ଆଣ୍ଠି'ଟିଏ ଲାଗିବା ପାଇଁ ବା କେତେ ସମୟ ଲାଗେ ! କିଛି ଦିନ ତଳେ ବ୍ୟକ୍ତି ଜଣେ ସପରିବାର ବୁଲି ଯାଇଥିଲେ ଶିମଲା। ପତ୍ନୀ ତାଙ୍କର ସମୟ କୁ ସମୟ କୁଆଡେ ବୁଲିଲେ କଣ ପିନ୍ଧିଲେ ଆଦି ଫେସ୍ ବୁକ୍‌ରେ ଦେଇ ବାହାବା ସାଉଁଟି ଖୁବ୍ ଖୁସି ହେଉଥାନ୍ତି। ଖୁସିରେ ବୁଲାବୁଲି ସାରି ଘରକୁ ଫେରିଲା ବେଳକୁ ଘରେ , ନଜର ଲଗାଇ ଦେଇଥିଲା ଚୋର ଟିଏ। ଠିକ୍ ସେମିତି ମଧ୍ୟପ୍ରଦେଶର ମହିଳା ୟୁଟୁବର ରଚନା ଗୁଜ୍ଜର ନିଜ ଘର ତଥା ସୁନା ଅଳଙ୍କାରଗୁଡିକୁ ପ୍ରଦର୍ଶନ କରି ରିଲ୍ ତିଆରି କରି ହୋଇଥିଲେ ଭାଇରାଲ୍। ହେଲେ ଆଜିକାଲି ଆଉ କେହି ସୁନା ଗହଣା ଘରେ ନ ରଖି ବ୍ୟାଙ୍କ୍ ରେ ରଖୁଥିବାରୁ ଦୁଃଖରେ ଥିବା ଚୋରମାନଙ୍କ ନଜର ଲାଗିଲା, ସେମାନେ ଏହାକୁ ଜ୍ୱାଇଁ ନିମନ୍ତ୍ରଣ ମନେକରି, ରିଲ୍‌ଟିର କଲେ ସଦୁପ ଯୋଗ। ପତି ପତ୍ନୀଙ୍କୁ ଗୋଟିଏ ଘରେ ବନ୍ଦ କରି ଦଶ ଲକ୍ଷ ଟଙ୍କାର ଅଳଙ୍କାର ଲୁଟି ନେଲେ।

ତେଣୁ ନିଜ ଢୋଲ ନିଜେ ପିଟନ୍ତୁ, ନଜରରେ ବି ରୁହନ୍ତୁ, କିନ୍ତୁ କାହା ନଜରରେ ଆପଣ ଅଛନ୍ତି, ସେଥିପ୍ରତି ବି ଟିକେ ନଜର ରଖନ୍ତୁ। ସମଝଦାର ଙ୍କୁ ଇସାରା ଟି ଯଥେଷ୍ଟ ହୋଇଥିବ ବୋଲି ଆଶା।

କଳିଙ୍ଗ ନଗର, ଭୁବନେଶ୍ୱର
ମୋ-୯୪୩୭୪ ୫୩୬୧୦






# କଥାରେ କଥାରେ - ୨୧

ମନୋରମା ମିଶ୍ର

ସ୍ୱା- ଆହେ ! କିଛି ଟଙ୍କା ଦେଲ ଶୀଘ୍ର । ମୁଁ ଯିବି, ପୁଅକୁ ଡିସଚାର୍ଜ କରି ହସ୍ପିଟାଲରୁ ଆଣିବି । ତା'ପରେ କାଲି ଯେମିତି ହେଉ ଗାଁ'କୁ ଯିବି ।

ସ୍ତ୍ରୀ- ହଁ..ହଁ..ରୁହମ ଦେଉଛି । ହସ୍ପିଟାଲକୁ ଘର ହେଇ ହେଇ ମୋ ଦେହ ଯାହା ଲାଗୁଛି, ସେଥିରେ ପୁଣି ପୁଅ ଟିକେ ଭଲହୋଇ ଘରକୁ ଆସୁଆସୁ ତୁମେ ଗାଆଁକୁ ବାହାରିଲଣି । କାହିଁ କାଲି କ'ଣ ତୁମେ ଗାଆଁକୁ ନ ଗଲେ ହେବନି । ଗାଆଁ କୁଆଡେ ପଳୋଉଛି ନା ତୁମେ କୁଆଡେ ପଳୋଉଛ ?

ସ୍ୱା- ଆଚ୍ଛା କଥା । ତିନିମାସ ହେଲା ଗାଆଁକୁ ଯାଇନି । ଦୁଇ ସପ୍ତାହ ତଳେ ବାପା ଖବର ଦେଇଥିଲେ ତାଙ୍କ ଦେହ ଭଲ ନଥିଲା । ସାନଭାଇଟାର ବି ଜର, ଥଣ୍ଡା, ଭୀଷଣ କାଶ ହେଉଥିଲା, ସହଜେ ତ ପୋଲିଓ ଆକ୍ରାନ୍ତ । କିଏ ଅଛି ଆଉ ତାଙ୍କ କଥା ବୁଝିବାକୁ ?

ସ୍ତ୍ରୀ- ତା'ବୋଲି କ'ଣ ପୁଅକୁ ଘରେ ଆଣି ଥୋଇଦେଇ ତୁମେ ଚାଲିଯିବ ?

ସ୍ୱା- ଆରେ ବୁଝୁନ କାହିଁକି ?

ବୋଉଟା ମଝିରେ ଏକୁଟିଆ କେତେ ହଇରାଣ ହେଉଥିବ । ମୁନୁ ଦେହଖରାପ, ହସ୍ପିଟାଲରେ ଆଡମିସନ୍ ଏସବୁ ଯୋଗୁ ଯିବାତ ସମ୍ଭବ ନଥିଲା । ଆଉ ଏଥର ସବୁ ଠିକ୍ ହେଲାପରେ ବି କେମିତି ଯିବିନି କହୁଛ ?

ସ୍ତ୍ରୀ -ହଁ..ଅଁ..ତୁମେ ଏବେ ଦୁଇ/ତିନିଦିନ ଗଲେ ମୁଁ କ'ଣ ଏକୁଟିଆ ହଇରାଣ ହେବିନି । ସେ'କଥାକୁ କ'ଣ ତୁମର ଚିନ୍ତା ଅଛି ? ତୁମର ତ ମୂଳ ଜାଗା ସେଠି, ଏଠି ତୁମର କିଏ ଅଛିକି ?

ସ୍ୱା- ଆହେ ! ମୂଳ ସିନା ସେଠି, କିନ୍ତୁ ଡାଳ ତ ତୁମ ପଟେ ଅଛି । ସେମାନେ ପିଲାବେଳୁ ଖୁଆଇ ପିଆଇ, ପାଠପଢେଇ, ଚାକିରି କରେଇ ମୂଳଟି ଦମ୍ଭ କରିଦେଇଛନ୍ତି, ଏବେ ଡାଳରେ ଯାହା ଫଳୁଛି ସେସବୁ ଯେ ତୁମର ।

ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧
ମୋ : ୯୮୬୧୫୬୮୫୩୨

# ସଂଘର୍ଷ

ବିନୋଦିନୀ ଗଉଡ଼

ବଞ୍ଚିବା ପାଇଁ ମଣିଷର ଜୀବନ ସଂଘର୍ଷ ଲାଗି ରହିଛି କେଉଁ ଆବାହମାନ କାଳରୁ। କେତେବେଳେ ପରିବାର ପାଇଁ, କେବେ ପୁଣି ଦେଶ,ଜାତି,ଧର୍ମ, ପ୍ରେମ ପାଇଁ ସଂଗ୍ରାମ କରିବାକୁ ପଡୁଛି ତାକୁ ନିରନ୍ତର। ଏଇ ସଂଘର୍ଷର ପରିଭାଷା ଅତି ବ୍ୟାପକ। ତା' ସହ ଯେତେବେଳେ କାରୁଣ୍ୟ ଯୋଡ଼ି ହୋଇଯାଏ, ସେତେବେଳେ ଚହଲି ଯାଏ ହୃଦୟ ଭିତରଟା, ଆଖିରୁ ଝରିଯାଏ ଲୁହର ବର୍ଷା ବିନା ଶ୍ରାବଣରେ। ସେମିତି କିଛି ଅବ୍ୟକ୍ତ ଯନ୍ତ୍ରଣାରେ ମନ୍ଥିହୋଇ ଯାଉଛି କେଶବ ଆଉ ଦେବୀକାଙ୍କ  ମନ ଭିତରଟା ରେଷ୍ଟୁରାଣ୍ଟ୍ ରୁ ଫେରିବା ପରେ।

ସେମାନଙ୍କ ବିବାହ ବାର୍ଷିକୀ ଅବସରରେ ପୁଅ ବୁବୁନ୍‌କୁ ନେଇ ଘରପାଖ ଏକ ରେଷ୍ଟୁରାଣ୍ଟ୍‌କୁ ଯାଇଥିଲେ ରାତ୍ରିଭୋଜନ ପାଇଁ। ତାଙ୍କ ଟେବୁଲ୍ ଠାରୁ ଅନତି ଦୂରରେ ବସିଥିଲେ ମାଆ,ପୁଅ ଦୁହେଁ, ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜି । ୧୭/୧୮ ବର୍ଷ ବୟସର ପୁଅଟି, ଭାରି ଅସ୍ଥିର ହେଉଥାଏ, ଖାଇବନି ବୋଲି ଜିଦ୍ କରୁଥାଏ। ତା' ମାଆ କେତେ ଧୈର୍ଯ୍ୟର ସହ ତାକୁ ବୁଝାସୁଝା କରି ଖୁଆଇ ଦେଉଥାନ୍ତି ଆଦରରେ। ପୁଅଟି ବୋଧହୁଏ ଅଟିଷ୍ଟିକ୍। ଦୀର୍ଘ ନିଃଶ୍ୱାସ ଛାଡୁଥିଲେ କେଶବ, ସେଇ ଦୃଶ୍ୟର ପୁନରାବୃତ୍ତି ଦେଖୁଥିଲେ ଦେବୀକା ଆଉ ବୁବୁନ୍ ଭିତରେ। ଅଟିଜିମ୍ ବିରୁଦ୍ଧରେ ଦୀର୍ଘ ପନ୍ଦର ବର୍ଷ ହେଲା ଚାଲିଛି ତାଙ୍କ ଜୀବନର ସଂଘର୍ଷ।

ରେଷ୍ଟୁରାଣ୍ଟରୁ ବାହାରିବା ବେଳେ ସାମ୍ନାସାମ୍ନି ହୋଇଗଲା ସେଇ ମାଆ,ପୁଅଙ୍କ ସହିତ।

- ଆପଣ ଦୀପା...ମନ୍‌ର ମାମା ନା ?, ଦ୍ୱନ୍ଦରେ ପଚାରି ଦେଲା ଦେବୀକା।
- ହଁ..କେମିତି ଚିହ୍ନିଲେ.. ?
- ମୁଁ..ବୁବୁନ୍‌ର ମାମା, ପାଖରେ ଠିଆ ହୋଇଥିବା ପୁଅକୁ ଲକ୍ଷ୍ୟ କରି କହିଲେ ସେ।

-'ଆମେ ଥେରାପି କ୍ଲାସ୍ ଯାଉଥିଲେ ପିଲାଙ୍କୁ ନେଇ.. ମନେ ପଡିଲା କିଛି' ?

-'ଆରେ ବୁବୁନ୍.. କେତେ ବଡ଼ ହୋଇ ଗଲାଣି

ଏ ଭିତରେ..ଜମା ଚିହ୍ନି ହେଉନି...' ଖୁସିରେ ପାଟି କରି ଉଠିଲେ ଦୀପା।

ସିଏ ଅଟୋ ବୁକ୍ କରି ଅପେକ୍ଷା କରିବା ଭିତରେ, ଦେବୀକା ପଚାରିଲେ

- ମନ୍ କୋଉଠିକୁ ଯାଉଛି ଏବେ ଥେରାପି ପାଇଁ ?
- ନା...ଆଉ ଥେରାପି ଦେଉନି ତାକୁ ?
- ଏକୁଟିଆ ଆସିଛନ୍ତି....ମନ୍‌ର ପାପା କୁଆଡ଼େ ଗଲେ ? ଆଶ୍ଚର୍ଯ୍ୟ ହୋଇ ପଚାରିଲେ ଦେବୀକା।

ତାଙ୍କ ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ମାମାର ହାତ ଟାଣିବାକୁ ଲାଗିଲା ମନ୍, ଅଟୋ ଆସିଯିବାରୁ।। ତରବର ହୋଇ ଆଗେଇ ଗଲେ ଦୀପା - 'ଫୋନ୍ ନଂ ଟା ଦିଅ ... ପରେ ଆମେ କଥା ହେବା'। ଦେବୀକା ଉଦ୍ଦେଶ୍ୟରେ ଏହା କହି ଅଦୃଶ୍ୟ ହୋଇ ଯାଉଥିଲେ ମା,ପୁଅ ଦୁହେଁ ଅଟୋରେ ବସି।

ସେଦିନ ରାତିରେ ଶୋଇ ପାରିଲେନି ଦେବୀକା। ଆଖି ଆଗରେ ନାଚି ଯାଉଥିଲା ଦଶ ବର୍ଷ ତଳର କିଛି ସ୍ମୃତି। ମନ୍‌ର ମାମା ଦୀପା, କେତେ ଚଳଚଞ୍ଚଳ ଆଉ ହସକୁରୀ ଝିଅଟେ ଥିଲା ସେତେବେଳେ। ବାଇକ୍‌ରେ ପୁଅକୁ ଧରି ଆସେ ଥେରାପି କ୍ଲାସ୍ ପାଇଁ। ମାଆ,ପୁଅ ଦୁହିଁଙ୍କୁ ସେଠାରେ ଛାଡି, ଅଫିସ୍ ଯାଆନ୍ତି ମନ୍‌ର ବାପା ମନିଶ୍।

ଦୀପା ଥିଲେ ତାଙ୍କ ଥେରାପି କ୍ଲାସର ଜାନ୍... ପିଲାମାନଙ୍କ ପ୍ରବ୍ଲେମ୍ ପାଇଁ ଚିନ୍ତିତ ଥିବା ମାଆମାନଙ୍କ ମୁହଁରେ ସରସତା ବୋଳି ଦିଅନ୍ତି ମଜାମଜା କଥାକହି। ହସଖୁସି ବାଣ୍ଟୁଥାନ୍ତି ନିଜ ଲୁହକୁ ଲୁଚେଇ। ଅଳ୍ପ ଦିନର ପରିଚୟ ଭିତରେ ଦେବୀକା ଜାଣି ପାରିଥିଲେ ଦୀପା ମନତଳର କିଛି ଅବ୍ୟକ୍ତ ବେଦନା। ମାଆ, ବାପାଙ୍କ ମତ ବିରୁଦ୍ଧରେ ଯାଇ ପ୍ରେମ ବିବାହ କରିଥିଲା ମନୀଶକୁ, ଏହା ପରେ ପରିବାର ସହ ସମ୍ପର୍କ କଟି ଯାଇଥିଲା ସମ୍ପୂର୍ଣ୍ଣ ଭାବରେ। ପୁଅ ହେବାପରେ କେତେ ଖୁସିରେ ଦୁହିଁଙ୍କ ନାମ ମିଶେଇ , ତା' ନାଁ ରଖିଥିଲେ - ମନଦୀପ୍। ହସଖୁସିରେ ଚାଲିଥିବା ସଂସାର ଉପରେ ମାଡି ଯାଇଥିଲା ସମସ୍ୟାର କଳା ବାଦଲ ଖଣ୍ଡେ, ମନ୍ ଅଟିଷ୍ଟିକ୍ ଜାଣିବା ପରେ। ଦୀପା ବହୁତ ଭାଙ୍ଗି ପଡ଼ିଥିଲା। ସେହି ମୂହୁର୍ତ୍ତରେ ବି ବାପଘରୁ କିଛି ସାହାଯ୍ୟ କିମ୍ବା ସମବେଦନା ପାଇ ନଥିଲା ସିଏ।

ଆଜି ଶୁଣିବାକୁ ପାଇଲେ, ଦୀପା ଏକୁଟିଆ... ! ଆହାଃ.. ! କଣ ହେଲା, କାହିଁକି ବିଚ୍ଛେଦ ହୋଇଗଲା, ଦୁଇଟି ପ୍ରେମପକ୍ଷୀ ମଧ୍ୟରେ। ଚିନ୍ତାରେ ଶୋଇ ପାରିଲେନି ଦେବୀକା। ଦୀପାଙ୍କ ଫୋନ୍‌ର ପ୍ରତୀକ୍ଷାରେ ସପ୍ତାହେ ବିତିଗଲାଣି ଏ ଭିତରେ।

ସେଦିନ ରବିବାରର ଏକ ଅଳସ ଅପରାହ୍ନ, ସ୍କୁଲ୍ ଛୁଟିଥିବାରୁ ବୁବୁନ୍ ଗାଢ ନିଦରେ ଶୋଇ ପଡ଼ିଛି। ମୋବାଇଲ୍ ରିଙ୍ଗ୍ ହେବା ପରେ ସଙ୍ଗେସଙ୍ଗେ ଫୋନ୍ ଉଠେଇଲେ ଦେବୀକା।

- ହ୍ୟାଲୋ... ମନ୍ ର ମାମା କହୁଛି... ସେଦିନ ମନିଶ୍‌ର କଥା ପଚାରୁଥିଲ ନା, ସେ ଏବେ ତାଙ୍କ ନୂଆଁ ଫେମିଲି ସହ ଅଲଗା ରହୁଛନ୍ତି। ଆମ ଦୁହିଁଙ୍କର ଡିଭୋର୍ସ ହୋଇଗଲା। ମନ୍‌କୁ ନେଇ ସବୁବେଳେ ପାଟିତୁଣ୍ଡ, ଯୁକ୍ତିତର୍କ ଲାଗିରହୁଥିଲା ଘରେ। ପୁଅର ପ୍ରବ୍ଲେମ୍ ପାଇଁ ପ୍ରତିଦିନ ମୋତେ ହିଁ ଦାୟୀ କରୁଥିଲେ ସିଏ। କେତେ ଆଉ ସହିଥାନ୍ତି ? ତଥାପି ଧୈର୍ଯ୍ୟ ରଖିଥିଲି, କିନ୍ତୁ...।

- କଣ ହେଲା ତାପରେ ? ଦେବୀକାଙ୍କ କଣ୍ଠରେ ବ୍ୟାକୁଳତା।
- ମନିଶ୍‌ଙ୍କର ଆଉ ଜଣେ ଝିଅ ସହ ସମ୍ପର୍କ ଥିବା ଶୁଣିବା ପରେ, ଭାଙ୍ଗି ପଡିଲି ପୁରାପୁରି। ତଥାପି ଶେଷଥର ପାଇଁ ତାଙ୍କୁ ପଚାରିଲି...
- ମୋ ସହ ଏମିତି ବିଶ୍ୱାସ ଘାତକତା କାହିଁକି କଲ ? ମନିଶ୍...ଆମକୁ ଛାଡ଼ି ଯାଅନି ପ୍ଲିଜ୍... ମୁଁ ଏକୁଟିଆ କେମିତି ମନ୍‌କୁ ମଣିଷ କରିବି ?
- ସେ କଣ ମଣିଷ ହେବ.. ? ପାଗଳଟା ପରା, ତୁ ଜନ୍ମ କରିଛୁ, ସବୁ ଦାୟିତ୍ୱ ତୋର, ମୋତେ ଡାଇଭର୍ସ ଦେଇ, ମୁକ୍ତି କରିଦେ' ଏ ବନ୍ଧନରୁ...। ମନିଶ୍‌ଙ୍କ ସେଇ ସବୁ କଥା କଣ୍ଟା ଫୋଡିଲା

ପରି ଲାଗୁଥିଲା ମୋତେ। କିଛିଦିନ ପରେ ପାଖରେ ଥିବା ସ୍କୁଲରେ ଟିଚର୍ ଚାକିରୀ ପାଇଗଲି ଆଉ ନୀରବରେ ମନ୍ କୁ ଧରି ଚାଲି ଆସିଲି ଅନ୍ୟ ଏକ ଘରକୁ।

ଶେଷ ଆଡ଼କୁ ଲୁହର ଆବେଗରେ କଣ୍ଠ ରୁଦ୍ଧ ହୋଇଯାଇଥିଲା ଦୀପାର। ସେଇ ଲୁହ ସଞ୍ଚରି ଯାଇଥିଲା ଦେବୀକାଙ୍କ ଆଖିରେ, ଭିଜେଇ ଦେଇ ମନ ଓ ହୃଦୟକୁ।

- ତମେ ସ୍କୁଲ ଗଲାପରେ, ମନ୍ ର ଯତ୍ନ କିଏ ନେଉଛି ?
- କିଏ ଆଉ ଅଛି ? ଯତ୍ନ ନେବା ପାଇଁ, ତାକୁ ଘର ଭିତରେ ତାଲା ପକାଇ ଆସୁଛି। ତାର ଖାଦ୍ୟ ଜିନିଷ ଏବଂ ପିଇବା ପାଣି  ରଖି ଦିଏ ଟେବୁଲ୍ ଉପରେ। ସେ ଉଠିଲେ ଖାଇଦେଇ ପୁଣି ଶୋଇ ପଡୁଛି। ମୁଁ ସ୍କୁଲ୍‌ରୁ ଫେରି ଦିନସାରାର କ୍ଲାନ୍ତି ଭୁଲି ତା' ସହ କଥା ହୁଏ, ଖେଳୁଥାଏ ରାତିସାରା। ତା' ପାଇଁ ରାତିଟା ଦିନ ଆଉ ଦିନଟା ରାତି ପାଲଟି ଯାଉଛି ଧିରେଧିରେ।
- ମନ୍‌କୁ ଏମିତି ଏକୁଟିଆ ଘରେ ଛାଡିବାଟା ଠିକ୍ ଲାଗୁନି। କେଉଁ ଥେରାପି ସେଣ୍ଟର୍ ଅବା ସ୍ପେଶିୟାଲ ସ୍କୁଲରେ ବୁଝିଲନି ?'
- ବାଙ୍ଗାଲୋର ସହରରେ , ଗୋଟିଏ ସ୍କୁଲ୍ ଟିଚର୍‌କୁ କେତେ ବା ଦରମା ମିଳୁଛି ଯେ ମୁଁ ଥେରାପି ଦେବା କଥା ଭାବି ପାରିବି ? ବହୁତ ଟଙ୍କା ମାଗୁଛନ୍ତି ସେମାନେ। ମୁଁ ଦେବା ପାଇଁ ଅସମର୍ଥ। କୋହଭରା କଣ୍ଠରେ ଶେଷ ଦୁଇପଦ କହୁଥିଲେ ଦୀପା

ମନ୍ କୁ ଶୁଆଇ ଦେଇ, କାନ୍ଥରେ ଟଙ୍ଗା ହୋଇଥିବା ପ୍ରଭୁ ଯୀଶୁଙ୍କ ଫୋଟ ପାଖରେ ଆଖିବୁଜି ପ୍ରାର୍ଥନା କରି କହେ – 'ପ୍ରଭୁ ମୋ ପୁଅକୁ ତମ ପାଖରେ ଛାଡି ଯାଉଛି, ମୁଁ ଫେରିବା ପର୍ଯ୍ୟନ୍ତ ସବୁ ଦାୟିତ୍ୱ ତମର'। ଏଇ ବିଶ୍ୱାସକୁ ନେଇ ଆଗେଇ ଚାଲିଛି ମୋ ସଂସାରର ନାଆ। ସମୟ ନଈର ସୁଅରେ।

ଦୀପା ଫୋନ୍ କାଟି ଦେଲେଣି କେତେବେଳୁ। ତାଙ୍କ କଥାଶୁଣି ଦେବୀକା ଲୁହରେ ଭିଜି ଯାଉଥିଲେ। ମନେମନେ ମହାପ୍ରଭୁଙ୍କୁ ପ୍ରାର୍ଥନା କରୁଥିଲେ – 'ଦୀପାଙ୍କର ଏଇ ଶେଷହୀନ ସଂଘର୍ଷ ପାଇଁ ଧୈର୍ଯ୍ୟ ଆଉ ସାହସ ଦିଅନ୍ତୁ, ଏହା ହିଁ ତାଙ୍କ ପାଇଁ ସାନ୍ତ୍ୱନା...।'

କ୍ୱାଟର୍ ନଂ – ସି,୧-୧ / ୧,
ନ୍ୟୁ-ଗଭରନ୍‌ମେଣ୍ଟ କଲୋନୀ, ଭୁବନେଶ୍ୱର
ଫୋନ୍ ନଂ – ୯୪୩୭୩ ୩୭୯୫୫

# ସତ୍ୟର କୌଣସି ରଙ୍ଗ ନାହିଁ

ଶମ୍ଭୁନାଥ ରାଉଳ

ମୁଣ୍ଡକ ଉପନିଷଦର ଏହି ମନ୍ତ୍ର ସହିତ ଭାରତୀୟ ସଂସ୍କୃତିର ସମସ୍ତ ସମାଜ ଊଣା ଅଧିକେ ପରିଚତ ଏବଂ ଏହା ଅକ୍ଷରେ ଅକ୍ଷରେ ସତ୍ୟ ସାବ୍ୟସ୍ତ ହୋଇ ରହିଗଲା। ଏହାର ସତ୍ୟତା, ମହତ୍ୱ ଏବଂ ଗୁରୁତ୍ୱ ଏତେ ପ୍ରଭାବଶାଳୀ ଯେଉଁଥି ପାଇଁ ଭାରତୀୟ ଜାତୀୟତାର ମୂଖ୍ୟ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଭାବରେ ଗ୍ରହଣୀୟ ହୋଇ ରହିଗଲା।

ସତ୍ୟମେବ ଜୟତେର ସ୍ୱାକ୍ଷର ବହନ କରି ଭାରତୀୟ ଜାତୀୟତାର ଗୌରବମୟ ଅଶୋକ ସ୍ତମ୍ଭ, ଭାରତୀୟ ମୁଦ୍ରା ଏବଂ ଭାରତୀୟ ପାସ୍‌ପୋର୍ଟରେ ମର୍ଯ୍ୟାଦାପୂର୍ଣ୍ଣ ମାନ୍ୟତା ପ୍ରଦର୍ଶନ ପୂର୍ବକ ସତ୍ୟ ଓ ଧର୍ମର ପ୍ରତୀକ ସ୍ୱରୂ ସମସ୍ତ ଭାରତୀୟଙ୍କୁ ବିଶ୍ୱ ଦରବାରରେ ଅନନ୍ୟ ପରିଚୟ ପ୍ରଦାନ କରୁଅଛି।

ଯଥାର୍ଥରେ ସତ୍ୟ ହିଁ ସର୍ବଶେଷରେ ବିଜୟ ହାସଲ କରିଥାଏ। ସତ୍ୟ ଏବଂ କେବଳ ସତ୍ୟ। ସତ୍ୟ କେବଳ ଭାରତୀୟ ପରିପ୍ରେକ୍ଷୀରେ ନୁହେଁ ଏହା ସମଗ୍ର ବିଶ୍ୱରେ ସମାନ ଭାବରେ ଗ୍ରହଣୀୟ ଏବଂ ମାନ୍ୟତା ପରିଦର୍ଶନ କରିଥାଏ। ସତ୍ୟ ଏକ ସଂୟ ସମ୍ପୂର୍ଣ୍ଣ ଶବ୍ଦ। ଏଥିରେ ସାମାନ୍ୟତମ ସନ୍ଦେହର ଅବକାଶ ନାହିଁ। ସତ୍ୟରେ କୌଣସି ଆବିଳତା ନଥାଏ, କୌଣସି ମିଶ୍ରଣ ନଥାଏ। ଏହାକୁ ସମ୍ପୂର୍ଣ୍ଣ ଭାବରେ ସ୍ପର୍ଶ କରି ହୁଏ, ଦର୍ଶନ କରିହୁଏ, ପରୀକ୍ଷା ନିରୀକ୍ଷା କରିହୁଏ ଏବଂ ଯେଉଁ ବି ଢ଼ଙ୍ଗରେ ଦୃଷ୍ଟି କୋଣରେ ଅବଲୋକନ କରେ ସେଇ ଗୋଟିଏ ଜିନିଷ ହିଁ ଦୃଷ୍ଟିଗୋଚର ହୁଏ ଏବଂ ତାହା ହେଉଛି 'ସତ୍ୟ'।

ବାଲ୍ୟ ଜୀବନରୁ ହିଁ ସତ୍ୟର ମନ୍ତ୍ରକୁ ବିଦ୍ୟାଳୟର ପ୍ରାର୍ଥନା ସଭାରୁ ଶିଖାଯାଇଥାଏ 'ସତ୍ୟ ପଥେ ଧର୍ମ ପଥେଘେନି ଯାଅ ମତେ'। ସତ୍ୟ ଏକ ମନ୍ତ୍ର ଯାହାକୁ ମନ୍ତ୍ର ଭଳି ଅଭ୍ୟାସ ବଳରେ ସିଦ୍ଧ କରାଯାଇଥାଏ। ଏହା ଏକ ମହୁର୍ତ୍ତ କିମ୍ବା ଏକ ନିର୍ଦ୍ଦିଷ୍ଟ ସମୟାନୁବର୍ତ୍ତରେ ନୁହେଁ ଏହା ଜୀବନର ପ୍ରତିଟି କୋଣ ଅନୁକୋଣରେ ତଥା ରକ୍ତ କଣିକାରେ ମିଶ୍ରିତ ହୋଇ ରହିଯାଏ।

ସମଗ୍ର ବିଶ୍ୱରେ ଯେଉଁ ମହାପୁରୁଷମାନେ ସତ୍ୟର ଅନୁସରଣ କରି ବିଜୟ ଲାଭ କରିଛନ୍ତି। ସେମାନଙ୍କ ମଧ୍ୟରେ ଆମର ଜାତିର ପିତା ମହାତ୍ମା ଗାନ୍ଧୀ ଅନ୍ୟତମ। ତାଙ୍କ ଭାଷାରେ "The Absolute truth, the Eternal

Principle, that is God" ସେଥିାଇଁ କୁହାଯାଏ। ସତ୍ୟ, ଶିବ, ସୁନ୍ଦର। ସମ୍ପୂର୍ଣ୍ଣ ସତ୍ୟକୁ ଈଶ୍ୱରଙ୍କ ସହ ତୁଳନା କରାଯାଏ। ସତ୍ୟ ହିଁ ଶିବ ଏବଂ ଶିବ ହିଁ ସୁନ୍ଦର। ସତ୍ୟ ଓ ଅହିଂସାର ଅନୁସରଣ କରି ସେ ଦୁଇଶହ ବର୍ଷର ଇଂରେଜୀ ଶାସନକୁ ଭାରତରୁ ନିଷ୍କାସନ କରିରିଥିବେ। ତା' ଠାରୁ ସତ୍ୟର ଯେ ଜୟ ହୁଏ ବଡ଼ ଉଦାହରଣ ଓ ପ୍ରମାଣ କ'ଣ ଥାଇପାରେ।

ସତ୍ୟ ଏବଂ ସତ୍ୟର ମହତ୍ୱ ଏବଂ ମହାତ୍ମ୍ୟ ସାରା ଜଗତ ପାଇଁ ସମାନ। ଏହା କୌଣସି ବ୍ୟକ୍ତି ଜାତି, ଧର୍ମ, ଦେଶ ଏବଂ ରଙ୍ଗକୁ ନେଇ ବିଚାର କରାଯାଏନା। ଏହା ସମସ୍ତଙ୍କ ପାଇଁ ସବୁ ସମୟରେ ସମାନ ମାନ୍ୟତା ରଖେ।

ଭାରତର ଆଉ ଜଣେ ମହିୟସୀ ମହିଳା ମଦର୍ ଟେରେସା ଯେ ତାଙ୍କର ସମଗ୍ର ଜୀବନ ସତ୍ୟ ଏବଂ ମାନବସେବାରେ ଉତ୍ସର୍ଗ କରିଥିଲେ "Service to mankind is service to God"। ମଣିଷ ଭିତରେ ସେ ଈଶ୍ୱରଙ୍କ ସତ୍ତାକୁ ଉପଲବ୍ଧ କରିଥିଲେ। ତାଙ୍କର ସେବା ହିଁ ପରମଧର୍ମ ଏବଂ ତାହା ହିଁ ତାଙ୍କ ପାଇଁ ଜୀବନର ସତ୍ୟ ଏବଂ ପ୍ରକୃତ ଈଶ୍ୱର ଦର୍ଶନର ମାର୍ଗ ଥିଲା। ଅନ୍ୟ ଏକ ଦେଶରେ ଜନ୍ମ ହୋଇ ମଧ୍ୟ କଲିକତାରେ ପହଁଞ୍ଚିବା ପରେ ସେ ସେଠାରେ ଜନ ଜୀବନର ଦୁର୍ଦ୍ଦଶାରେ ମର୍ମାହତ ହୋଇଥିଲେ ଏବଂ ପରବର୍ତ୍ତୀ ସମୟ ସେମାନଙ୍କ ସେବାରେ ସମ୍ପୂର୍ଣ୍ଣ ଭାବରେ ନିୟୋଜିତ କରିଥିଲେ। ତାଙ୍କର ଜୀବନ ଦର୍ଶନ ଏଇ ଭଳି, "A life not lived for others is not a life". ତାଙ୍କ ଏକ ଅବିସ୍ମରଣୀୟ ବ୍ୟକ୍ତବ୍ୟର ଅଂଶକୁ ଏମିତି ଉଦ୍ଧୃତ କରାଯାଇ ପାରେ, "Where there is error, I.may bring truth, that where there is doubt, I may bring faith".

ନେଲସନ୍ ମଣ୍ଡେଲା ଯାହାକୁ ସାଉଦ୍ ଆଫ୍ରିକାର ଗାନ୍ଧି ବୋଲି ମାନ୍ୟତା ପ୍ରଦାନ କରାଯାଏ ଏବଂ ଗାନ୍ଧିଜୀ ଯାହାଙ୍କ ପାଇଁ ଉଦାହରଣ ଥିଲେ ସେ ମଧ୍ୟ ସତ୍ୟ ଓ ଧର୍ମର ଅନୁସରଣ କରି ଆଫ୍ରିକାର ସ୍ୱାଧୀନତା ଆଣି ପାରିଥିଲେ ଏବଂ ସାଉଦ୍ ଆଫ୍ରିକାର ପ୍ରଥମ ପ୍ରେସିଡେଣ୍ଟ ପଦ ଅଳଙ୍କୃତ କରି ପାରିଥିଲେ। ସେ ୨୭ ବର୍ଷକାଳ କାରାବାସରେ ଅତିବାହିତ କରିଥିଲେ ଏବଂ ରଙ୍ଗ ବୈସମ୍ୟକୁ ପଛରେ ପକାଇ ପ୍ରଥମ 'କଳା ପ୍ରେସିଡେଣ୍ଟ' (First Black President) ହୋଇ ପାରିଥିଲେ। ସତ୍ୟର ଯେ ସର୍ବଦା ବିଜୟ ହୁଏ ଏବଂ ଏହା କୌଣସି ରଙ୍ଗର ତାରତମ୍ୟ ରଖେ ନାହିଁ ତାହାର ଏକ ଜ୍ୱଳନ୍ତ ଉଦାହରଣ।

ବିଶ୍ୱରେ ଏମିତି ଅନେକ ମହାନ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ 'ସତ୍ୟ' ପାଇଁ ସତ୍ୟର ପୃଷ୍ଟପୋଷକତା କରି ନିଜର ଅମୂଲ୍ୟ ଜୀବନର ବଳିଦାନ ଦେଇଛନ୍ତି। ସେମାନଙ୍କ ମଧ୍ୟରେ Martin Luther king Jr. ସାମ୍ବାଦିକ Jamal Khashoggi, Galileo Galilei ଏବଂ ଏମିତି ଅନେକ ବ୍ୟକ୍ତିତ୍ୱ ଯେଉଁମାନେ ସତ୍ୟର ପରାକାଷ୍ଠା ପାଇଁ ନିଜ ନିଜକ୍ଷେତ୍ରରେ ନିଜର ଅମୂଲ୍ୟ ଜୀବନର ବଳିଦାନ ଦେଇଛନ୍ତି। ଇତିହାସରେ ସେମାନେ ଚିରସ୍ମରଣୀୟ ଏବଂ ପ୍ରଭୁ ଯୀଶୁ ଖ୍ରୀଷ୍ଟ ତନ୍ମଧ୍ୟରେ ସର୍ବୋଚ୍ଚ ଶୀଖର ସ୍ଥାନରେ। ସମସ୍ତ ଅନ୍ଧକାରକୁ ଉନ୍ମୋଚନ କରି ସତ୍ୟ ପ୍ରକାଶିତ ହୁଏ ଏବଂ ତା'ର ବିଜୟ ହୁଏ ଏଥିରେ ସମାନ୍ୟତମ ସନ୍ଦେହର ଅବକାଶ ନାହିଁ।

'Truth Prevails' ହିଁ ଏକ ମାତ୍ର ସତ୍ୟ। ଏହା କୌଣସି ଜାତି, ଧର୍ମ, ରଙ୍ଗ ଓ ଦେଶର ଦୃଷ୍ଟି କୋଣରୁ ବିଚାର କରାଯାଏନା। ସତ୍ୟ ସମସ୍ତଙ୍କ ପାଇଁ ସମାନ ଏବଂ ଏଥିରେ କୌଣସି ରଙ୍ଗର ବିବେଚନା କରି ହୁଏନା। ସତ୍ୟର ମହନୀୟତାର ପରିବେଷଣ କଲା ବେଳେ ଆମ ଓଡ଼ିଶାର ଉତ୍କଳମଣି ଗୋପବନ୍ଧୁଙ୍କୁ ଛାଡ଼ି ଦେଇ ହେବ ନାହିଁ। ଉତ୍କଳମଣି ଗୋପବନ୍ଧୁ ସତ୍ୟ, ଧର୍ମ ଓ ମାନବ ସେବାର ଏକ ଅତୁଳନୀୟ ପ୍ରତୀକ ଓ କିମ୍ବଦନ୍ତୀ। ତାଙ୍କ ଜୀବନ ଦର୍ଶନର ମୂଳମନ୍ତ୍ର "Service to humanity is the highest form of service to God". ସେ ଏକ ସର୍ବଗୁଣ ସମ୍ପର୍ଣ୍ଣ ମର୍ଯ୍ୟାଦା ପୁରୁଷ ଏବଂ ତାଙ୍କର ଅବଦାନକୁ ନେଇ ତାଙ୍କୁ "ଉତ୍କଳମଣି" ଭାବରେ ଅଭିହିତ କରାଯାଏ। ତାଙ୍କରଜୀବନକାଳ ଅଳ୍ପ କେତେ ବର୍ଷ ପାଇଁ ଥିଲେ ବି ଚିରଅମର। ସତ୍ୟ, ଧର୍ମ ଓ ସମାଜ ସେବା ତାଙ୍କୁ ଚିରଦିନ ଅମର କରି ଯାଇଛି।

ସତ୍ୟର ଜୟ ହେଉ ଏବଂ ସର୍ବଦା ଜୟ ହେଉ।

ଭୁବନେଶ୍ୱର
ମୋ:୯୩୩୮ ୦୧୧୧୮୩

# ଡେଲିଭରି ବୟ

ସ୍ନିଗ୍ଧା ଜି. ମହାପାତ୍ର

ଶୀଳା ସେଦିନ ଭୁବନେଶ୍ୱର ଯାଇଥାନ୍ତି। କଲିଂ ବେଲ ବାଜିବାରୁ ସେ କବାଟ ଖୋଲି ୬ଫୁଟ ଉଚ୍ଚତାର ଗୋରା ତକତକ ଚେହେରାର ଏକ ଆକର୍ଷଣୀୟ ବ୍ୟକ୍ତିତ୍ୱର ଯୁବକକୁ ଦେଖି କିଛି ପଚାରିବାକୁ ଗଲା ବେଳେ ଝିଅ କହିଲା ମମି ମୋର ପାର୍ଶଲ ଥିଲା ଷନେଇ ଆସ।ପିଲାଟିକୁ କିଛି ନ ପଚାରି ସେ ପାର୍ସଲ ନେଇ ଆସିଲେ।ଝିଅକୁ କହିଲେ ଦେଖ କେଡେ ସୁନ୍ଦର ପିପୋଷାକ ମଧ ଦାମିକା, ଝିଅ ଆଉ ଟିକିଏ ଯୋଡି କହିଲାଏମ. ବି. ଏ କରୁଛନ୍ତି, ତାଙ୍କ ବାପା ଜୁନିଅର ଇଂଜିନିୟର ସେ ୧୮ ବର୍ଷ ପରେ ନିଜେ ରୋଜଗାର କରି ପଢୁଛନ୍ତି ବୋଲି ଏଇ ଡେଲିଭେରି ବୟ ହିସାବରେ ଜବ୍ କରୁଛନ୍ତି, ଭାଇକୁ ସେ ପିଲାଟି କହିଥିଲା। ଯାହା ହଉ ଆଜି କାଲି କିଛି ପିଲାଙ୍କର ଏପରି ମାନସିକତା ସମାଜ ପାଇଁ ପରିବାର ପାଇଁ ହିତକର।

ପିଲାଟିର ଭବିଷ୍ୟତଯେ ଉଜ୍ଜଳ ଶୀଳା ଅନୁଭବ କରୁଥାନ୍ତି ତାଙ୍କର ସ୍ମୃତିରେ ଆଉ ଜଣେ ଡେଲିଭରୀ ବୟର କାହାଣୀ ଉଦ୍‌ଜୀବିତ ହେଲା। ଶୀଳା ବିଶାଖାପାଟଣମ୍ ଯାଇଥାନ୍ତି ସେଇ ସମୟରେ ତାଙ୍କର ଏକ ପାର୍ଶଲ ଆସିଥାଏ, ସେ ପେମେଣ୍ଟ ମଧ କରି ଦେଇଥାନ୍ତି, ହେଲେ କେହି ରିସିଭ କରିବାକୁ ନ ଥାନ୍ତି।ପିଲାଟିକୁ କହିଲେ ତମେ ରଖିଥାଅ ମୁଁ ଗଲେ ଦେଇ ଦେବ। ଓଟିପି ଦେଇ ସେ ନିଶ୍ଚିନ୍ତ ରହିଲେ। ଶୀଳା ନିଜ ସହରକୁ ଫେରିଲା ପରେ ଗୋଟିଏ ମାସ ଅତିକ୍ରାନ୍ତ କରି ଗଲା। କିନ୍ତୁ ସେ ଡେଲିଭରୀ ବୟର ଦେଖା ନ ଥାଏ। ଶିଳା ମନେ ମନେ ଭାବୁ ଥାନ୍ତି ସେ ବୋଧ ହୁଏ ଆଉ ଦେବ ନାହିଁ। ହଠାତ୍ ଦିନେ ଆସି ମାଡାମ୍ ସରି ! କହି ସେ ଜିନିଷଟି ଦେଇ ଦେଲା। ତା'ର ମୂଲ୍ୟ ମଧ ବେଶ ଅଧିକ ଥିଲା। ତାର ଆକ୍ସିଡେଣ୍ଟ ହୋଇଥିବା ଯୋଗୁଁ ବିଳମ୍ବ ହୋଇଛି ବୋଲି ଜଣାଇଲା। ସେବେଠୁ ତା' ଉପରେ ବିଶ୍ୱାସ ଆସି ଯାଇଥାଏ। ଦବହୁତ ଦିନ ଶୀଳା ତାକୁ ନ ଦେଖିବାରୁ ତା ଦେଇଥିବା ନମ୍ବରରେ call କଲେ..। କହିଲା ମାଡାମ ମୁଁ ଆଉ ଡେଲିଭରୀ ବୟ ନାହିଁ।

ମୋ ବାପା ସରକାରୀ ଚାକିରୀ କରିଥିଲେ, ପେନସନ ପାଆନ୍ତି। ତାଙ୍କ କଷ୍ଟ ଉପାର୍ଜିତ ଅର୍ଥ ନେବି ନାହିଁ କହି ଏକ ଦୋକାନ କରିଥିଲି। କିନ୍ତୁ ଯେତେ ପରିଶ୍ରମ କଲେ ମଧ ଅଧିକ ଲାଭ ନ ହେବାରୁ ମୁଁ ଏଇ କର୍ମରେ ଯୋଗ ଦେଇ ଖରା, ବର୍ଷା, ଶୀତକୁ ଖାତିର ନ କରି ଏଇ କାମ କରୁଥିଲି ଏବଂ ଦୋକାନ ତୁଳନାରେ ଅଧିକ ରୋଜଗାର କରୁଥିଲି। ମୋ ଦୋକାନରେ କାମ କରୁଥିବା ପିଲାଟିକୁ ମଧ ରଖି ଦେଇ ତା ଆର୍ଥିକ ପରିସ୍ଥିତି ସୁଧାରିଲି। କିନ୍ତୁ ଏବେ ସେ ମୋର ପ୍ରତିଦ୍ୱନ୍ଦୀ ପାଲଟିଛି ମୋ ନାମରେ ମିଛ ସତ କହି ମୁଁ frod କହୁଛି। ସେମିତି ଦରକାର ସମୟରେ

ଯେଉଁ ସମ୍ପର୍କୀୟଙ୍କୁ ଟଙ୍କା ଧାର ଦେଇଥିଲି ସେମାନେ ଏବେ ଧରା ଛୁଆଁ ଦେଉ ନାହାନ୍ତି । ସେମାନେ ମୋ ସ୍ତ୍ରୀର ସମ୍ପର୍କୀୟ ଏଣୁ ମୁଁ ଘରେ କିଛି କହି ପାରୁନି । ପରିଶ୍ରମ ବହୁତ କରୁଛି । କିନ୍ତୁ ସେଇ ତୁଳନାରେ ରୋଜଗାର ହଉନି । ଏଣୁ ମାନସ୍ତାପ ରେ ରହୁଛି । ଶୀଲା ଆଉ କଣ କହିବେ, ଏମିତି କେତେ ଡେଲିଭରୀ ବୟଙ୍କ କେତେ କାହାଣୀ, ଶିକ୍ଷିତ ପିଲାଙ୍କ ରୋଜଗାରର ଏ ଏକ ମାଧ୍ୟମ । କିଏ ନିଜ ଭଉଣୀ ବାହାଘର ପାଇଁ ପାର୍ଟ ଟାଇମ ଜବ୍ କରୁଛି, କିଏ ଏଇ କାମ ଏଣୁ ଡ଼େଲିଭରି ବୟଟି କିମ୍ବା, ଜମାଟୋ ବୟଟି କୋଉଠି ଦୁର୍ଘଟଣା ଗ୍ରସ୍ତ ହେଲେ, କେହି ତାଙ୍କ ଉପରେ ହାତ ଉଠାଇଲେ ଶକ୍ତ ଆଘାତ ହୁଏ । ଶୀଲାଙ୍କୁ କାରଣ ପରଦା ପଛରେ ଥିବା ଏକ କରୁଣ ମୁହଁର କାହାଣୀ ତାଙ୍କ ଆଖି ଆଗରେ ନାଚି ଉଠେ... ।

ବାରିପଦା
ମୋ:୯୪୩୭୬ ୧୫୨୨୧



# ଥୁ

ଅଜୟ କୁମାର ମହାନ୍ତି

ଅଶ୍ରୁମୋଚନ ବାବୁ ସ୍କୁଟର ଧରି ବାଦାମବାଡ଼ି ବସ ଷ୍ଟାଣ୍ଡ ଅଭିମୁଖେ ବାହାରି ଆସିଲେ।ରାଉରକେଲା ବସ୍ ପହଞ୍ଚିବ ଛଅ ଟା ତିରିଶ ମିନିଟରେ। ସେ ଅଧଘଣ୍ଟା ଆଗରୁ ଆସି ଯାଇଛନ୍ତି।ନୋକା ଟି ଷ୍ଟଲ ରୁ ମଲେ ଇ ଦିଆ ଚା ପିଇଲେ। ବେଞ୍ଚ ରେ ଆସି ମୋ ପାଖ ରେ ବସିଗଲେ। ଏ ପାଖ ସେ ପାଖ ଦେଖୁ ଥାଆନ୍ତି। ଆମ ଆଗ ବେଞ୍ଚ ରେ ବସିଥିଲେ ଦୁଇ ପୁଅଝିଅ ଯୋଡ଼ି। ନିବିଡ ଭାବରେ ବସିଥିଲେ ସେମାନେ। ଝିଅଟି କଥା କଥାକେ ହସି ହସି ଲୋଟି ପଡୁଥାଏ ପୁଅଟିର କାନ୍ଧ ଉପରେ।

ମୋ ପାଖରେ ବସିଥିବା ବ୍ୟକ୍ତି ଜଣକ କହିଲେ ଦେଖନ୍ତୁ, ଆଜିକାଲି ପିଲାମାନଙ୍କର ଶାଳିନତା। ବଡ଼ ସାନ ମାନୁ ନାହାନ୍ତି। ମୁଁ ନିରବ ରହିବାକୁ ଶ୍ରେୟ ମଣିଲି। ଏଇଟା ଆଜିକାଲି ସାଧାରଣ କଥା। ଦୁଇଟି ଯୁବା ପ୍ରାଣଙ୍କ ଏପରି କଥାବାର୍ତ୍ତା ହେବା ସ୍ୱାଭାବିକ। ଅନ୍ୟମାନଙ୍କର ଏଥିରେ ଅସହଜ ହେବା ଅନାବଶ୍ୟକ।

କିଛି ସମୟ ପରେ ଦଳେ କଲେଜ ଝିଅ ଆସି ପହଞ୍ଚି ଗଲେ ବସ୍ ଧରିବା ପାଇଁ। ଅଧିକାଂଶ ଝିଅ ଛୋଟ ଛୋଟ ପ୍ୟାଣ୍ଟ ପିନ୍ଧିଥିଲେ। ଉଚ୍ଚ ସ୍ୱରରେ କଥା ବାର୍ତ୍ତା କରୁ ଥାଆନ୍ତି। ହସାହସି ହେଉଥାନ୍ତି। କେତେ ଜଣ ଉଦ୍ଭ୍ରାନ୍ତ ଭାବରେ ଦୌଡାଦୌଡ଼ି କରୁଥାଆନ୍ତି। ଅଶ୍ରୁମୋଚନଙ୍କ ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା। ଘୃଣାରେ ଥୁ' କହି ଲଣ୍ଡାଏ ଛେପ ତଳେ ପକେଇଲେ । ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କ ଆଡେ ଦେଖିଲି।ସେ କହିଲେ-ଦେଖୁନାହାନ୍ତି ଆଜ୍ଞା, ଏ ଝିଅ ଗୁଡ଼ାଙ୍କର ହରକତ। ଛୋଟ ଛୋଟ ଡ୍ରେସ ପିନ୍ଧି କେତେ ଜୋରରେ ହୋ ହାଲ୍ଲା କରୁଛନ୍ତି। କଣ ଭାବୁଛନ୍ତି ଏମାନେ ନିଜକୁ। ଛି' ଛି' ଏମାନଙ୍କର ନିର୍ଲଜ ପଣିଆ।

ମୁଁ ପଚାରିଲି ଆପଣ କୁଆଡେ ଯିବେ। ବ୍ୟକ୍ତି ଜଣକ କହିଲେ – ମୋର କୁଆଡେ ଯିବାର ନାହିଁ। ମୋ ନାତୁଣୀ ଲିଜା ରାଉରକେଲା ଇଞ୍ଜିନିୟରିଂ କଲେଜରେ ଏଇ ଜୁଲାଇ ମାସରେ ନାଁ ଲେଖେଇଛି। ପୂଜା ଛୁଟିରେ ସେ ଘରକୁ ଆସୁଛି। ତାକୁ ମୁଁ ନେବାକୁ ଆସିଛି। ମୋ ନାତୁଣୀକୁ ଏପରି ସଂସ୍କାର ଦେଇଛୁ ସବୁବେଳେ ଶରୀର ଢ଼ଙ୍କା ପୋଷାକ ପିନ୍ଧେ। ଆପଣ ତ ବସିଛନ୍ତି ଦେଖିବେ। ମୁଁ ମୁଣ୍ଡ ଟୁଙ୍ଗାରି ଲି। ବ୍ୟକ୍ତି ଜଣକ ପଚାରିଲେ – ଆପଣ କୁଆଡେ ଯିବେ। ମୁଁ ବାରିପଦା ବସ୍‌କୁ ଅପେକ୍ଷା କରିଛି।

ରାଉରକେଲା ବସ୍ ଆସିଗଲା। ନାତୁଣୀ ଲିଜା ହସି ହସି ଆସି ଜେଜେଙ୍କୁ ପ୍ରଣାମ କଲା। ଜେଜେ ଆଖି ଫାଡିକି ଦେଖିବାକୁ ଲାଗିଲେ ନାତୁଣୀ କୁ। ତୁ ଲିଜା ନା ? ହସି ହସି ଲିଜା କହିଲା ହଁ, ହଁ ମୁଁ ଲିଜା। କଣ ତିନି ମାସ ଭିତରେ ଭୁଲିଗଲଣି। ଜେଜେଙ୍କ ମୁହଁ ଲାଜ ସରସର। ନାତୁଣୀ ପିନ୍ଧିଥିଲା ହାପ ପ୍ୟାଣ୍ଟ ଓ ଟି ସାର୍ଟ। ପାଖରେ ପିଲାଟିଏ ଛିଡ଼ା ହୋଇ ଥିଲା। ଲିଜା ଜେଜେଙ୍କ ସାଙ୍ଗରେ ଚିହ୍ନା କରିଦେଲା – ଇୟେ ହେଉଛି ଅତନୁ। ମୋ ସାଙ୍ଗରେ ପଢେ। ଅତନୁ ନମସ୍କାରଟିଏ ପକେଇ ଦେଲା।

ଜେଜେ ମୋ ଆଡେ ଆଉ ଦେଖିବା ଅବସ୍ଥାରେ ନଥିଲେ। ଏକ ମୁହାଁ ହୋଇ ଜେଜେ,ନାତୁଣୀ ସ୍କୁଟର ପାଖକୁ ଚାଲିଗଲେ। ମୁଁ ଅବାକ୍ ହୋଇ ଏ ସବୁ ଦେଖୁଥାଏ। ଭାବୁଥାଏ ଆଧୁନିକ ପରିପାଟୀରେ ଆଜିକାଲିର ପିଲାମାନଙ୍କୁ ଦେଖି କାହିଁକି ଏ ବ୍ୟକ୍ତି ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ପିଢ଼ିର ବ୍ୟବଧାନକୁ ସହଜରେ ଗ୍ରହଣକରି ପାରୁନାହାଁନ୍ତି। ଆଧୁନିକ ପରିପାଟୀରେ ଝିଅଟି ଯେ ସଂସ୍କାରି ନୁହଁ- ଏ କଥା କୁହା ଯାଇ ପାରିବ ନାହିଁ। ଆଚାର ବ୍ୟବହାର ହିଁ ସଂସ୍କାରର ମୂଳ ମାପକାଠି।

କଳିଙ୍ଗ ବିହାର, ରାଉରକେଲା
ମୋ:୭୯୭୮୫୬ ୫୦୬୦

# ଶକ୍ତି ସ୍ୱରୂପା -ଦୁର୍ଗତିନାଶିନୀ ଦୁର୍ଗା

ମାନଗୋବିନ୍ଦ ବାରିକ୍

**ଯାଃ ଦେବୀ ସର୍ବ ଭୂତେଷୁ ମାତୃ ରୂପେଣ ସଂସ୍ଥିତା,**
**ନମସ୍ତସୈ ନମସ୍ତସୈ ନମସ୍ତସୈ ନମଃ ନମଃ ।**

ଭାରତ ବର୍ଷରେ ଶକ୍ତି ସ୍ୱରୂପିଣୀ ମହମାୟା ଦୁର୍ଗା ଉପାସନାର ପରମ୍ପରା ବହୁ ପୁରାତନ। ବେଦ,ଉପନିଷଦ ବ୍ୟତିତ ମାର୍କଣ୍ଡେୟ ପୁରାଣ, ସ୍କନ୍ଦ ପୁରାଣ, ବରାହ ପୁରାଣ ତଥା ଦେବୀ ଭାଗବତ ଆଦି ପୁରାଣ ଶାସ୍ତ୍ରରେ ଆଦ୍ୟାଶକ୍ତି, ବ୍ରହ୍ମ ସ୍ୱରୂପା ଦୁର୍ଗାଙ୍କୁ ଭିନ୍ନ ଭିନ୍ନ ରୂପରେ ବର୍ଣ୍ଣନା କରା ଯାଇଛି । କେତେବେଳେ ଶକ୍ତିମୟୀ କାତ୍ୟାୟନୀ ରୂପରେ ତ ପୁଣି କେତେବେଳେ ବରାଭୟ ଦାୟିନୀ କଲ୍ୟାଣମୟୀ ଜନନୀ ରୂପରେ। ସେ ହେଉଛନ୍ତି ଏକଧାରାରେ ଭବାନୀ, ଅମ୍ବିକା, ମହାଦେବୀ, ମହାମାୟା,ମହାକାଳୀ, ମାହେଶ୍ୱରୀ, ଚଣ୍ଡୀ ଓ ଚାମୁଣ୍ଡା ।ଦଶ ମହାବିଦ୍ୟା ରୂପକଳ୍ପରେ ମା' ଦୁର୍ଗାଙ୍କୁ କାଳୀ,ତାରା ଛିନ୍ନମସ୍ତା, ଷୋଡଶୀ, ଭୈରବୀ, ଧୂମାବତୀ, ବଗଳା, ମାତଙ୍ଗୀ, କମଳା ତଥା ଭୁବନେଶ୍ୱରୀ ରୂପରେ ବର୍ଣ୍ଣନା କରାଯାଇଛି ।ବରାହ ପୁରଣରେ ଦେବୀଙ୍କ ସ୍ୱରୂପ ସଂଖ୍ୟା ନଅ ବୋଲି କୁହାଯାଉଥିବା ବେଳେ ଦୁର୍ଗା-ଶପ୍ତ ସତୀରେ ତାଙ୍କର ଅଷ୍ଟୋତ୍ତର ଶତ ନାମର ଉଲ୍ଲେଖ ରହିଛି। ଚଣ୍ଡୀ ପୁରାଣରେ ମଧ୍ୟ ଦେବୀଙ୍କୁ ଶତାଧିକ ନାମରେ ନାମିତ କରାଯାଇଛି ।

ମହାମହିମାମୟୀ ମା' ଦୁର୍ଗା ସର୍ବାରାଧ୍ୟା, ଦେବ-ଦାନବ, ସୁର-ନର, ଗନ୍ଧର୍ବ-କିନ୍ନର ସମସ୍ତେ ତାଙ୍କୁ ଭିନ୍ନ ଭିନ୍ନ ରୂପରେ ଅରାଧନା କରିବାର ଦୃଷ୍ଟାନ୍ତ ବିଭିନ୍ନ ପୁରାଣରୁ ଜଣାପଡେ। ଦ୍ୱିଭୁଜା, ଚତୁର୍ଭୁଜା, ଷଡଭୁଜା, ଅଷ୍ଟଭୁଜା, ଦଶଭୁଜା, ଶତଭୁଜା ତଥା ସହସ୍ରଭୁଜା ଭାବରେ ସେ ପୂଜିତା। ଏତଦ୍ ବ୍ୟତୀତ ମା'ଙ୍କୁ ସିଂହବାହିନୀ, ବୃଷାରୁଢ଼ା, ମୟୂରବର ବାହିନୀ ରୂପରେ ମଧ୍ୟ ପରିକଳ୍ପନା କରା ଯାଇଛି। ସ୍ଥଳ ବିଶେଷରେ ସେ କୁମାରୀକା, ତ୍ରିମୂର୍ତ୍ତି, କଲ୍ୟାଣୀ, ରୋହିଣୀ, କାଳୀ, ଚଣ୍ଡିକା,ଶାମ୍ଭବୀ, ଦୁର୍ଗା , ଭଦ୍ରା ଭାବରେ ଅବିହିତ ହୋଇଛନ୍ତି। ଏ ପ୍ରସଙ୍ଗରେ କୁହାଯାଇଛି ;

'ଭୋଗେ ଭବାନୀ, ଭୁବନେଶ ଲକ୍ଷ୍ମୀ, କୋପେତୁ ଦୁର୍ଗା, ପ୍ରଳୟେଚ କାଳୀ'।

ଦୁର୍ଗା ନାମକରଣର ଯଥାର୍ଥତା ମଧ୍ୟ ବିଭିନ୍ନ ଦୃଷ୍ଟିକୋଣରୁ ଭିନ୍ନଙ୍ଖଭିନ୍ନ ଭାବେ ପ୍ରତିପାଦିତ ହୋଇଛି।

ବ୍ୟାକରଣର ବ୍ୟାଖ୍ୟା ଅନୁସାରେ; 'ଦୁଃଖେନ ଗମ୍ୟତେ ଯାଃ ସା ଦୁର୍ଗା'। ଅର୍ଥାତ ଅତ୍ୟନ୍ତ କ୍ଳେଶରେ ଯାହାଙ୍କ ବିଷୟରେ ଜାଣିହୁଏ ସେ ହେଉଛନ୍ତି ଦୁର୍ଗା। ଅପରନ୍ତୁ କେତେକ ବିଜ୍ଞ ବ୍ୟକ୍ତି ଦୁର୍ଗା ନାମକରଣର ଭିନ୍ନଭିନ୍ନ ମତ ପୋଷଣ କରିଛନ୍ତି। କେତେକଙ୍କ ମତରେ 'ଦେହ' ହେଉଛି ଏକ ଦୁର୍ଗ ଏବଂ ତାର ଅନ୍ତର୍ବର୍ତ୍ତିନୀ ଶକ୍ତି ହେଉଛନ୍ତି 'ଦୁର୍ଗା'।

ପୁନଃଶ୍ଚ ଅନ୍ୟମାନଙ୍କ ମତରେ ପାପୀଷ୍ଠ ଦୁର୍ଗମ ନାମକ ରାକ୍ଷସକୁ ସଂହାର କରିଥିବାରୁ ଦେବୀଙ୍କ ନାମକୁ ଦୁର୍ଗା ବୋଲି ଗ୍ରହଣ କରାଯାଇଛି। ସାଧକମାନଙ୍କ ମତରେ 'ଦୂରଂ ଗଛତି ଇତି ଦୁର୍ଗା' ଅର୍ଥାତ୍ ଯାହାଙ୍କୁ ଜାଣିବାକୁ ଇଛାକଲେ ମଧ୍ୟ ଯେ' ଆହୁରି ଦୂରବର୍ତ୍ତୀ ପରି ମନେହୁଅନ୍ତି, ସେହି ଅଜ୍ଞେୟା ହେଉଛନ୍ତି-ଦୁର୍ଗା। କେତେକ ମତ ପୋଷଣ କରନ୍ତି, ଯେଉଁ ଶକ୍ତି-ସ୍ୱରୂପା ଦେବୀ ଜଗତର ସମସ୍ତ ଦୁର୍ଗତି ନାଶନ କରି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିପାରନ୍ତି, ସେ ହେଉଛନ୍ତି ଦୁର୍ଗତିନାଶିନୀ ଦୁର୍ଗା। ଶୁଦ୍ରମୁନି ଶାରଳା ଦାସଙ୍କ ଭାଷାରେ;

**'ଦୁର୍ଗତିକୁ ଯେଣୁ କରି ପାରନ୍ତି ଦୂର,**
**ତେଣୁକରି ଦୁର୍ଗା ନାମ ଅଟଇ ତାଙ୍କର'।**

ଦେବୀ-ଦୁର୍ଗାଙ୍କର ଆରାଧନା ସମ୍ପର୍କିତ ତଥ୍ୟାବଳୀ ବିଭିନ୍ନ ପୁରାଣ ଶାସ୍ତ୍ରରେ ଭିନ୍ନଭିନ୍ନ ରୂପରେ ଏବଂ ସମୟରେ ହେବାର ବର୍ଣ୍ଣିତ ହୋଇଛି।ମାର୍କଣ୍ଡେୟ ପୁରାଣର ବର୍ଣ୍ଣନା ଅନୁଯାୟୀ ଶିବ ବରରେ ବଳିୟାନ ଦର୍ପିଷ୍ଠ ଦୈତ୍ୟ ମହିଷାସୁର ତ୍ରୈଲୋକ୍ୟ ବିଜୟ କରି ଇନ୍ଦ୍ରାସନ ଆରୋହଣ ପୂର୍ବକ ଦେବଗଣଙ୍କୁ ସ୍ୱର୍ଗ-ରାଜ୍ୟରୁ ବିତାଡିତ କରନ୍ତେ ଭୀତତ୍ରସ୍ତ ହୋଇ ଦେବତାଙ୍ଗମଣ୍ଡଳୀ ସମ୍ମିଳିତଭାବେ ଶିବଙ୍କୁ ପ୍ରାର୍ଥନା କରିଥିଲେ। ସମସ୍ତ ଦେବତାଙ୍କ ତେଜରୁ ଏକ ଅଲୌକିକ ନାରୀ-ଶକ୍ତିର ଆବିର୍ଭାବ ହେଲା, ଯେ'କି ମହିଷାସୁରକୁ ନିଧନ କରିଥିଲେ। ସେହି ଶକ୍ତି-ସ୍ୱରୂପିଣୀ ପୂଜିତା ହେଉଛନ୍ତି ମହିଷା- ମର୍ଦ୍ଦିନୀ ଦୁର୍ଗା ରୂପରେ। ତ୍ରେତୟା ଯୁଗରେ ରଘୁବୀର ରାମଚନ୍ଦ୍ର ଦଶାନନ ରାବଣଙ୍କୁ ବିନାଶ କରି ଦେବୀ ସୀତାଙ୍କୁ ଉଦ୍ଧାର କରିବା ପାଇଁ ଶରତ ଋତୁର ଆଶ୍ୱିନ ମାସରେ ଶାରଦୀୟ ଦୁର୍ଗାଙ୍କର ଉପାସନା କରିବାର ଦୃଷ୍ଟାନ୍ତ ରାମୟଣରୁ ଜଣାଯାଏ। ମହାଭାରତର ଭୀଷ୍ମପର୍ବର ବର୍ଣ୍ଣନା ଅନୁଯାୟୀ ଦ୍ୱାପର ଯୁଗରେ ମଧ୍ୟମ ପାଣ୍ଡବ ଅର୍ଜ୍ଜୁନ ତାଙ୍କର ଶତ୍ରୁପକ୍ଷକୁ ଜୟ କରିବା ଉଦ୍ଦେଶ୍ୟରେ ଶକ୍ତି ସ୍ୱରୂପିଣୀ ମା' ଦୁର୍ଗାଙ୍କ ଆରାଧନା କରିଥିଲେ।

ମା'ଦୁର୍ଗାଙ୍କର ସବୁରୂପ ତୁଳନରେ ମହିଷାମର୍ଦ୍ଦିନୀ ସ୍ୱରୂପ ସର୍ବଜନ ପ୍ରିୟ ଓ ସୁବିଦିତ। ସମଗ୍ର ଭାରତବର୍ଷରେ ଶାକ୍ତମାନେ ଦୁର୍ଗାଙ୍କୁ ପ୍ରାୟ ଏହି ରୂପରେ ଶରତ ଋତୁର ଆଶ୍ୱିନ ମାସ ଶୁକ୍ଳପକ୍ଷରେ ଆରାଧନା କରିଥାନ୍ତି। ଅଧର୍ମ ଉପରେ ଧର୍ମର ବିଜୟ, ଆସୁରିକ-ଶକ୍ତି ଉପରେ ଦୈବୀ-ଭୌତିକ ଶକ୍ତିର ବିଜୟ ସ୍ୱରୂପ ସିଂହରୁଢ଼ା, ଦଶଭୁଜା, ତ୍ରିନେତ୍ରା ମହିଷା ବିନାଶ କାଳୀନ ଚିତ୍ରରୂପ ସାର୍ବଜନୀନ ଆରାଧନା କରାଯାଏ। ଭକ୍ତମାନଙ୍କର ବିଶ୍ୱାସ;

**'ତାଂ ଦୁର୍ଗା ଦୁର୍ଗମାଂ ଦେବୀ ଦୁରାଚାର ବିଘିତିନିମ,**
**ନମାମିଃ ଭବଭୀତୋହଂ ସଂସାରୋର୍ଣ୍ଣବ ତାରିଣିମ।'**

ମାର୍କଣ୍ଡେୟ ପୁରାଣରେ ସର୍ବ୍ୱ-ସ୍ୱରୂପା, ମହିଷା-ମର୍ଦ୍ଦିନୀ, ଜଗତ୍‌ଜନନୀ ଦୁର୍ଗାଙ୍କର ଆବିର୍ଭାବ ସମ୍ପର୍କିତ ତଥ୍ୟ ଅନୁସାରେ ଦୈତ୍ୟ ରମ୍ଭାସୁରର ପୁତ୍ର ପାପାତ୍ମା ମହିଷାସୁର ଶିବଙ୍କୁ ତପସ୍ୟା କରି ବରପ୍ରାପ୍ତ ହୋଇଥିଲା ଯେ କୌଣସି ପୁରୁଷ ହାତରେ ତା'ର ମୃତ୍ୟୁ ଅସମ୍ଭବ। ଦେବଦେବ ମହାଦେବଙ୍କ ବରରେ ବଳିୟାନ ଦୁରାଚାରୀ ଅସୁର ନିର୍ଭୟରେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ପୁରକୁ କରାୟତ କରି ସ୍ୱର୍ଗପୁରରେ ଇନ୍ଦ୍ରରାଜଙ୍କୁ ପରାଜିତ ପୂର୍ବକ ଇନ୍ଦ୍ରାସନ ଆରୋହଣ କରି ସ୍ୱର୍ଗପୁରରୁ ଦେବଗଣଙ୍କୁ ବିତାଡିତ କରିବାର ଆଦେଶ ଦିଅନ୍ତେ, ମହିଷାସୁର ଅତ୍ୟାଚାରରେ ଅତିଷ୍ଠ ହୋଇ ଦେବତା ମଣ୍ଡଳୀ ସମ୍ମିଳିତ ଭାବେ ମହାଦେବଙ୍କୁ ପ୍ରାର୍ଥନା କଲେ। ଶିବ,ବିଷ୍ଣୁ ଓ ବ୍ରହ୍ମାଙ୍କ ସମେତ ସର୍ବଦେବତାଙ୍କର ତେଜ ରାଶିର ସମ୍ମିଳନରେ ଏକ ତେଜସ୍ୱିନୀ ଭୌତିକ ନାରୀ ଶକ୍ତିର ଆବିର୍ଭାବ ହେଲା। ସର୍ବତେଜ ସଂସ୍କରଣ ଏହି ଅନନ୍ୟ ତେଜସ୍ୱିନୀ ଶକ୍ତିର ସର୍ବାଙ୍ଗରେ ସମସ୍ତ ଦେବତାଙ୍କ ପ୍ରଦତ୍ତ ତେଜର ସମାହାର - ବିଷ୍ଣୁଙ୍କର ବହୁଯୁଗଳ, ବ୍ରହ୍ମାଙ୍କର ପଦ ଯୁଗଳ, ଶିବଙ୍କର ମୁଖମଣ୍ଡଳ, ସୂର୍ଯ୍ୟଙ୍କର ଅଙ୍ଗୁଷ୍ଠି ରାଜି, ଇନ୍ଦ୍ରଙ୍କର କଟୀ ଦେଶ, ଚନ୍ଦ୍ରଙ୍କର କୁଚ ଯୁଗଳ, ଯମଙ୍କର କେଶରାଶି, ବରୁଣଙ୍କର ଜାନୁଦେଶ, ପୃଥିବୀଙ୍କର ନିତମ୍ବ, କୁବେରଙ୍କର ନାସିକା, ବାୟୁଙ୍କର କର୍ଣ୍ଣ, ପ୍ରାଜାପ

ତିଙ୍କର ଦନ୍ତ ପଂକ୍ତି ତଥା ଅଗ୍ନିଙ୍କ ତେଜରୁ ତ୍ରିନେତ୍ର ସୃଷ୍ଟିହେଲା। ଚଣ୍ଡୀ ପୁରାଣରେ ଏ ପ୍ରଚଣ୍ଡ ଶକ୍ତିର ବର୍ଣ୍ଣନା ; 'ଅଗ୍ନିରୁ ତହୁଁ ବହୁତ ବିକଶିଲା ତେଜ, ବେନିପାଦ, ଏକଶିର, ଶହସ୍ରେକ ଭୁଜ। ପୁନଶ୍ଚ ,

**'ଅତୁଳଂ ତତ୍ରତତେଜ ସର୍ବଦେବ ଶରୀର ଜମ୍,**
**ଏକସ୍ଥଂତଦ୍-ଭୂନ୍ନାରୀବ୍ୟାପ୍ତଙ୍ଗଲୋକ ତ୍ରୟଂତ୍ୱିଷା।'**

ସମସ୍ତ ଦେବତାଙ୍କ ତେଜରେ ତେଜସ୍ୱିନୀ ଶକ୍ତି-ସ୍ୱରୂପା ଦୁର୍ଗାଙ୍କର ଆବିର୍ଭାବ ପରେ ଦେବଗଣ ସେମାନଙ୍କର ଅସ୍ତ୍ର ପ୍ରଦାନକଲେ। ଶିବ-ତ୍ରିଶୂଳ, ବିଷ୍ଣୁ - ଚକ୍ର, ବ୍ରହ୍ମା - କମଣ୍ଡଳୁ ଓ ରୁଦ୍ରାକ୍ଷ ମାଳା, ସୂର୍ଯ୍ୟ- ତୂଣୀର, ଇନ୍ଦ୍ର-ବଜ୍ର, କାଳ - ଢାଲ ଓ ଖଡ୍ଗ, ବରୁଣ - ଶଙ୍ଖ, ବିଶ୍ୱକର୍ମା - କୁଠାର, ଯମ - ଲୌହଦଣ୍ଡ, ଅଗ୍ନି - ଜ୍ୱାଳା ସମେତ ଅନ୍ୟ ଦେବତାମାନେ ସେମାନଙ୍କ ଆୟୁଧ ଓ ଗିରିରାଜ ହିମାଳୟ ସିଂହକୁ ମା'ଙ୍କର ବାହନ ପ୍ରଦାନ କଲେ। ସିଂହ-ବାହିନୀ, ସର୍ବଶକ୍ତି ସଂପନ୍ନା, ସର୍ବାୟୁଧ-ବିମଣ୍ଡିତା ଚଣ୍ଡୀ-ରୂପିଣୀ କାତ୍ୟାୟିନୀ ଦେବୀ-ଦୁର୍ଗା ମହିଷାସୁର ଆଦି ଦୈତ୍ୟମାନଙ୍କୁ ଯୁଦ୍ଧକରିବା ପାଇଁ ଆହ୍ୱାନ କ୍ରମେ ମହିଷାସୁର ସମସ୍ତ ଦୈତ୍ୟସେନା ସମେତ ରଣାଙ୍ଗନରେ ଅବତୀର୍ଣ୍ଣ ହେଲେ। ଦେବୀ-ଦୁର୍ଗାଙ୍କ ନିଃଶ୍ୱାସରୁ ବହୁ ଦେବାଦେବୀ ସମ୍ଭୂତାହୋଇ ବିକ୍ଷୁର, ଚାମର, ଉଦଗ୍ର, କରାଳ, ବାଷ୍କଳ, ତାମ୍ର, ଅନ୍ଧକ, ଅସିଲୋମା, ଉଗ୍ରାସ୍ୟ, ଉଗ୍ରବୀର୍ଯ୍ୟ, ମହାହନୁ, ବିଡାଳାକ୍ଷ, ମହାସୁର, ଦୁର୍ଦ୍ଧର ଓ ଦୁର୍ମୁଖଙ୍କ ସମେତ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ପ୍ରଭୃତି ରାକ୍ଷସଗଣ ଙ୍କୁ ନିଧନକଲେ। ରାକ୍ଷସମାନଙ୍କ ସନ୍ଦେହ ମୋଚନକରି ଦେବୀ କହିଲେ ; ସେ ଏକା ଓ ଅଦ୍ୱିତୀୟା। ସବୁଶକ୍ତିର ସତ୍ତା ତାଙ୍କ ଦେହରୁ ସମ୍ଭୂତ ଓ ତାଙ୍କ ଦେହରେ ବିଲୀନ। ସେ ଅନନ୍ତା, ଅଜ୍ଞେୟା,ଏକା ଓ ଅନେକା। ସ୍ଥୂଳ ସୂକ୍ଷ୍ମ, ଜଡ ଚେତନ, ଦୃଶ୍ୟ ଅଦୃଶ୍ୟ, ସତ୍ୟ ଅସତ୍ୟ, ନିତ୍ୟ ଅନିତ୍ୟରେ ତାଙ୍କ ସ୍ୱରୂପ ଓ ସତ୍ତା ବିଦ୍ୟମାନ।

**'ଏକୈବାହଂ ଜଗତ୍ୟତ୍ର ଦ୍ୱିତୀୟା କା ମମାପରା,**
**ପଶ୍ୟତା ଦୃଷ୍ଟ ମୟେବ ବିଶନ୍ତ୍ୟ ମତ୍ ବିରୁତୟା।'**

ମହାବଳୀ ମହିଷାସୁରକୁ ବଧ କରିବା ନିମନ୍ତେ ଦେବୀଙ୍କୁ ସମ୍ମୋହିନୀ ରୂପ ଧାରଣ କରିବାକୁ ପଡୁଥିଲା। ଅବଶେଷରେ ଦେବୀ ଦୈବୀ-ସୁରାପାନ କରି ମହାପ୍ରତାପୀ ମହିଷାସୁରର ଗର୍ଜନ ତର୍ଜନର ପ୍ରତିହତ କରି କହିଥିଲେ;

**ଗର୍ଜ ଗର୍ଜ କ୍ଷଣମୁଢ ମଦ୍ଧୁଯାବତ୍ ପିବ୍ୟମ୍ୟହମ୍,**
**ମହାତ୍ୱୟି ହତେତ୍ରୈବ ଗର୍ଜିଷ୍ୟନ୍ତ୍ୟକ୍ଷଶ୍ଚ ଦେବତା।'**

ଏହା କହିମହିଷାସୁର ଉପରକୁ ଲମ୍ଫ ପ୍ରଦାନ କରିଥିଲେ। ଗଗନ ପବନ ପ୍ରକମ୍ପିତ କରି ଦେବୀଙ୍କ ତ୍ରୀଶୁଳାଘାତରେ ଅସୁରର ନିଧନହେଲା। ଏହି ପ୍ରସଙ୍ଗରେ ଆଦିକବି ଶାରଳା ଦାସକୃତ ଚଣ୍ଡୀ ପୁରାଣରେ କୁହାଯାଇଛି;

**'ମହିଷାସୁର ପାଦରେ ସେ ବେନି ପାଦ ଦେଇ,**
**ଡାହାଣ ପାଦ ଗଣ୍ଡସ୍ଥଳେ ମାଡିଲେ ନିଠାଇ।**
**ଆକ୍ରୋଶିଣ ଶୂଳ ମାରିଲେ ନାରାୟଣୀ,**
**ଉର୍ଦ୍ଧ୍ୱ ମୁଖେ ଡାକଦେଲେ ଦୁର୍ଗତି ତାରେଣୀ।'**

ଆସୁରିକ ଶକ୍ତିଉପରେ ଦୈବୀ ଭୌତିକଶକ୍ତିର ବିଜୟ ହେଲା।ଦେବଗଣ ଦେବୀଙ୍କୁ ସ୍ତୁତି କରନ୍ତେ ମା' ଦେବଗଣଙ୍କୁ ଅଭୟ ପ୍ରଦାନକରି ପ୍ରତିଶ୍ରୁତି ଦେଲେ ଯେ, ସେ ଅଧର୍ମର ବିନାଶ କରି ଧର୍ମର ସୁରକ୍ଷା ପାଇଁ ଯୁଗେ ଯୁଗେ ଆବିର୍ଭୁତା ହେବେ।

ସର୍ବ-ଶକ୍ତିର ପ୍ରତୀକା ଦେବୀ-ବ୍ରହ୍ମା ଶକ୍ତିରେ ବ୍ରହ୍ମାଣୀ, ବିଷ୍ଣୁ ଶକ୍ତିରେ ବୈଷ୍ଣବୀ ତଥା ରୁଦ୍ର ଶକ୍ତିରେ ରୁଦ୍ରାଣୀ। ଜଗତ୍‌ଜନନୀ ତମୋ ଗୁଣମୟୀ ମା'ଦୁର୍ଗା ଶକ୍ତି-ସ୍ୱରୂପିଣୀ। ସ୍କନ୍ଦ ପୁରାଣରେ ବର୍ଣ୍ଣିତ ଅଛି;

**ଶକ୍ତି ସାକ୍ଷାନ୍ମହା ଦେବୀ ମହାଦେବାଶ୍ଚ ଶକ୍ତିବାନ,**
**ତୟୋର୍ବିଭୁତ ଲେଶାଚୈ ସର୍ବେମେତ ଚରଚରମ୍।'**

ଶଙ୍କରାଚାର୍ଯ୍ୟଙ୍କ ମତରେ ଦେବୀ ଦୁର୍ଗା ହେଉଛନ୍ତି; ଶବ୍ଦବ୍ରହ୍ମମୟୀ,ଚରାଚରମୟୀ, ଜ୍ୟୋତିର୍ମୟୀ, ବାଙ୍ମୟୀ, ନିତ୍ୟାନନ୍ଦମୟୀ।

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି. ଡ.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨ ୬୬୬୩୫

# ବିବେକର ଅଦାଲତ

**ଯଶୋବନ୍ତୀ ସା**

ଗୋଟିଏ ସନ୍ଧ୍ୟାରେ ଫୋନ ବାଜିଲା l 'ସାର୍... ଆପଣଙ୍କ ଝିଅଙ୍କ ଗାଡ଼ିର ଦୁର୍ଘଟଣା ହୋଇଛି... l' ହସ୍ପିଟାଲରେ ପହଞ୍ଚିବା ବେଳକୁ ସବୁ ଶେଷ ହୋଇଯାଇଥିଲା। ଝିଅର ମାଆ ମୃତଦେହକୁ ଜାବୁଡ଼ି ଧରି ଧରି କାନ୍ଦୁଥିଲେ। କିନ୍ତୁ ଅମରେଶ ବାବୁଙ୍କ ଆଖିରେ ଗୋଟିଏ ବୁନ୍ଦାଏ ଲୁହ ମଧ୍ୟ ନଥିଲା l ଲୋକେ କହୁଥିଲେ, 'ଦେଖ, କେତେ କଠୋର ବାପା ! ଝିଅ ଚାଲିଗଲା, ତଥାପି ଆଖିରେ ଲୁହ ନାହିଁ !'

କେହି ଜାଣି ନଥିଲେ, ତାଙ୍କ ଆଖିର ଲୁହ ସବୁ ଭିତରେ ପଥର ହୋଇଯାଇଥିଲା। ତୃତୀୟ ଦିନ ରାତିରେ ସେ ଏକା ନିଜ ଚେମ୍ବରକୁ ଗଲେ। ଅଲମାରିରୁ ସେହି ମାମଲାର ଫାଇଲ କାଢ଼ିଲେ। ପ୍ରତ୍ୟେକ ପୃଷ୍ଠା ଓଲଟାଇ ଓଲଟାଇ ହଠାତ୍ ଛାତିରେ ଜାବୁଡ଼ି ଧରି କହିଉଠିଲେ – 'ସ୍ନେହା... ମୁଁ ଜାଣିଥିଲି ତୋ' ସ୍ୱାମୀ ଦୋଷୀ ନଥିଲା। ତଥାପି ତୋ ଜିଦ୍ଦି ଆଗରେ ମୁଁ ସତ୍ୟକୁ ହରାଇଦେଲି। ସେଦିନ କୋର୍ଟରେ ମୋର ଜିତ ହୋଇଥିଲା, କିନ୍ତୁ ସେହି ଜିତ ମୋ ସାରା ଜୀବନର ସବୁଠାରୁ ବଡ଼ ପରାଜୟ ଥିଲା।'

ଏତିକି କହି ସେ ଭାଙ୍ଗିପଡ଼ିଲେ। ସେଦିନ ପ୍ରଥମ ଥର ପାଇଁ ତାଙ୍କ ଆଖିରୁ ଲୁହ ଝରିଲା। ସେ ଲୁହ ଝିଅର ମୃତ୍ୟୁ ପାଇଁ ନୁହେଁ, ବରଂ ସେହି ସତ୍ୟ ପାଇଁ ଥିଲା, ଯାହାକୁ ସେ ନିଜ ହାତରେ ହାରିବାକୁ ଦେଇଥିଲେ।

ସହରର ପ୍ରସିଦ୍ଧ ଓକିଲ ଥିଲେ ଅମରେଶ ବାବୁ। ଆଇନର ଭାଷା ତାଙ୍କ ପାଇଁ ଶାସ୍ତ୍ର ଥିଲା, ଯୁକ୍ତି ତାଙ୍କର ସବୁଠାରୁ ବଡ଼ ଅସ୍ତ୍ର। କୋର୍ଟରେ ତାଙ୍କ ହାର ପ୍ରାୟ ହଉ ନଥିଲା।

ତାଙ୍କର ଏକମାତ୍ର ଝିଅ ସ୍ନେହା। ଧନୀ ପରିବାରରେ ବଢ଼ିଥିବା ସ୍ନେହା ଅଳ୍ପ ଜିଦ୍ଦି ସ୍ୱଭାବର ଥିଲା। ବିବାହ ପରେ ସ୍ୱାମୀଙ୍କ ସହ ଛୋଟ ଛୋଟ କଥାକୁ ନେଇ ମତଭେଦ ବଢ଼ିଲା। ରାଗରେ ସେ ବାପାଙ୍କ ପାଖକୁ ଆସି କହିଲା, 'ବାପା, ମୁଁ ତାଙ୍କ ବିରୁଦ୍ଧରେ ଘରୋଇ ହିଂସାର ମାମଲା କରିବି।'

ଅମରେଶ ବାବୁ ସବୁ କଥା ଶୁଣିଲେ। ତଦନ୍ତ କରି ବୁଝିଗଲେ ଯେ ଜ୍ୱାଇଁଙ୍କର ବଡ଼ କୌଣସି ଦୋଷ ନାହିଁ। କେବଳ ଦୁହେଁଙ୍କ ଅହଂକାର ଓ ଭୁଲ ବୁଝାବୁଝି ସମ୍ପର୍କକୁ ଭାଙ୍ଗୁଥିଲା। ସେ ବୁଝାଇବାକୁ ଚେଷ୍ଟା କଲେ। 'ମାମଲା କରିବା ପୂର୍ବରୁ ଆଉ ଥରେ ଭାବି ଦେଖ।' କିନ୍ତୁ ସ୍ନେହା ଶୁଣିଲା ନାହିଁ। ତା'ର ଜିଦ୍ଦି ଆଗରେ ଜଣେ ବାପା ହାରିଗଲେ। ଶେଷରେ ଅନିଚ୍ଛା ସତ୍ତ୍ୱେ ସେ ନିଜ ଝିଅର ଓକିଲ ହେଲେ। କୋର୍ଟରେ ଯୁକ୍ତି ପରେ ଯୁକ୍ତି, ପ୍ରମାଣ ପରେ ପ୍ରମାଣ। ଶେଷରେ ରାୟ ସ୍ନେହାଙ୍କ ସପକ୍ଷରେ ଆସିଲା ।

ସମସ୍ତେ କହିଲେ, 'ଅମରେଶ ବାବୁ ପୁଣି ଜିତିଗଲେ !' କିନ୍ତୁ ସେଦିନ ଘରକୁ ଫେରି ଆଇନା ଆଗରେ ଠିଆ ହୋଇ ସେ ନିଜକୁ ପଚାରିଲେ, 'ଆଜି ମୁଁ ସତରେ ଜିତିଛି କି ?'

ସେହି ଦିନଠାରୁ ତାଙ୍କ ଛାତିରେ ଗୋଟିଏ ଭାରି ପଥର ନଦା ହେଇଛି ପରି ମନେ ହେଲା । ଯେବେ ଜାଣିବାକୁ ପାଇଲେ ଯେ ତାଙ୍କ ଜ୍ୱାଇଁ ଏବେ ବେକାର, ଚାକିରିରୁ ତାକୁ ବାହାର କରି ଦିଆଯାଇଛି, ଏବଂ ନିଜ ଘର ଜମି ବିକ୍ରି କରି ଆଲୁମିନି ପଇସା ଦେଇଛନ୍ତି। ସେବେଠୁ ବାରମ୍ବାର ତାଙ୍କ ବିବେକ ତାଙ୍କୁ ଧିକାର କଲା । ବାରମ୍ବାର ସେ ଭାବୁଥିଲେ 'ହାରିଗଲି...ହାରିଗଲି.. ! ଜଣେ ଓକିଲ ଭାବେ ମୁଁ ଜିତିଛି, କିନ୍ତୁ ଜଣେ ବାପା ଭାବେ ହାରିଗଲି।'

କେବେ କେବେ ମଣିଷ ଦୁନିଆ ଆଗରେ ଜିତିଯାଏ, କିନ୍ତୁ ନିଜ ବିବେକର ଅଦାଲତରେ ସାରା ଜୀବନ ଅଭିଯୁକ୍ତ ହୋଇ ରହିଯାଏ ।

ଲରମ୍ବା ମହାବିଦ୍ୟାଳୟ, ଲରମ୍ବା
ମୋ: ୯୧୭୮୩୮୫୨୯୮

# ୟୁ ଟର୍ଣ୍ଣ

ପ୍ରମୋଦ କୁମାର ମହାପାତ୍ର

ଏଇ ରେଳ ଫାଟକ ଡେଇଁ ସବୁଦିନ ଯିବାକୁ ହୁଏ ଏପଟରୁ ସେପଟକୁ । ଏପଟେ ମନ୍ଦିର ସେପଟେ ମଙ୍ଗୁ ସାହୁର ଗୁଡ଼ିଆ ଦୋକାନ।ମୁଖ୍ୟ ରାସ୍ତାକୁ ଲାଗି ଗୁଡ଼ିଆ ଦୋକାନଟି ଥିବାରୁ ଗ୍ରାହକଙ୍କ ବେଶ ଭିଡ଼ ହୁଏ, ପୁଣି ଯେତେବେଳେ, ପ୍ରାୟତଃ ସବୁବେଳେ, ରେଳ ଫାଟକ ଗେଟ ପଡେ ଭିଡ଼ ଆହୁରି ବଢିଯାଏ, ମଙ୍ଗୁ ସାହୁର ଭଲ ଦୁଇ ପଇସା ରୋଜଗାର ହୁଏ। ବ୍ୟସ୍ତବହୁଳ ଅଣ ଓସାରିଆ ରାସ୍ତା ଯୋଗୁଁ ଦୋକାନ ଆଗକୁ ବଢେଇବାର ମଉକା ନାହିଁ । କିନ୍ତୁ,ଏବେ କିଛି ଘର ଉଛେଦ କରି ଅଣ ଓସାରିଆ ରାସ୍ତାକୁ ପ୍ରଶସ୍ତ କରି ଗୋଟିଏ ରୋଡ୍ ଓଭରବ୍ରିଜ ଏ ଭିତରେ ତିଆରି ହେଲାଣି। ମୂଳ ରାସ୍ତା ଉପରେ ପାଚେରୀ ଉଠେଇ ବନ୍ଦ କରି ଦିଆଯାଇଛି। ବଡ଼ ଗାଡି ସିନା ବନ୍ଦ, ହେଲେ ପଥଚାରୀମାନେ ମାନିବେ କୁଆଡୁ ?ଉଭୟ ପଟରେ ଘନ ଜନବସତି, ଯାତାୟତ ତ ସବୁବେଳେ ଲାଗି ରହିବ।ହିଁ, ଦୁଇ ଚକିଆ, ଚାରି ଚକିଆ ଗାଡ଼ି ବାଲାଙ୍କ ପାଇଁ ଠିକ ଅଛି, କିନ୍ତୁ ପଥଚାରୀମାନେ ଏପଟରୁ ସେପଟକୁ ଯିବା ପାଇଁ ଦୀର୍ଘ ଦେଢ଼ କିମି ଲମ୍ବା ଫୁଟ୍ ପାଥ ରହିତ ରୋଡ୍ ଓଭରବ୍ରିଜ ଦେଇ ଯିବେ କାହିଁକି ଓ କେମିତି, ସେମାନଙ୍କ ପାଇଁ ତ ନିହାତି ଫୁଟ୍ ଓଭରବ୍ରିଜଟିଏ ଦରକାର । ସ୍କୁଲ, ଟ୍ୟୁସନ ଯିବାଆସିବା ଛୁଆ, କ୍ଷୀର ବାଲା, କାମବାଲୀ, ଦିନ ମଜୁରିଆ, ପେପର ବାଲା, କବାଡ଼ି ବାଲା, ପରିବା ବାଲା, ମନ୍ଦିର ପୂଜକ,ଦର୍ଶନାର୍ଥୀ... ଏମାନଙ୍କ କଥା ଭାବୁଛି କିଏ ? ସେଥିପ୍ରତି କାହାରି ନିଘା ନାହିଁ, କଥାରେ ନାହିଁ କି – ଗରିବ ମାଇପି ସବୁରି ଶାଳୀ ! ଲୋକ, ପ୍ରଶାସନ ବା ସ୍ଥାନୀୟ ନେତାଙ୍କ ଏ ଅଯଥା ମୁଣ୍ଡବ୍ୟଥା ପାଇଁ ତାଙ୍କ ପାଖରେ ସମୟ ବା କାହିଁ ! ଅଦ୍ଭୁତ ଆମର ବ୍ୟବସ୍ଥା, ଏପଟେ ମହଙ୍ଗା, ବୈଦେଶିକ ମୁଦ୍ରା ସଂଚୟ ପାଇଁ ଇନ୍ଧନ ଖର୍ଚ୍ଚକାଟ,ଗାଡ଼ି ମଟର ବ୍ୟବହାର ଉପରେ କେତେ କଟକଣା, ସେପଟେ ପଥଚାରୀମାନଙ୍କ ପାଇଁ କୌଣସି ବିଶେଷ ସୁବିଧା ନାହିଁ, ଯାହାବି ଉପଲବ୍ଧ ସେସବୁ ରାସ୍ତାକଡ଼ ଦୋକାନୀଙ୍କ ଜବରଦଖଲରେ !

'ଅନଧିକୃତ ପ୍ରବେଶକର୍ତ୍ତା ଆଇନ ଅନୁଯାୟୀ ଦଣ୍ଡିତ ହେବେ ...।',- ଏ ସତର୍କ ସୂଚନା ବଡ଼ ବଡ଼ ଅକ୍ଷରରେ ଲେଖାହୋଇ ସାଇଁନ ବୋର୍ଡ ଝୁଲୁଥିଲେ ମଧ୍ୟ ତାକୁ ଅଣଦେଖା କରି ବିପଦପୂର୍ଣ୍ଣ ଭାବରେ ଗଳା ବାଟରେ ଯିବାର ଅଭ୍ୟାସ ମୋ ସମେତ ସମସ୍ତ ପଥଚାରୀଙ୍କର, କିଛି ସାଇକେଲ ଆରୋହୀଙ୍କ ମଧ୍ୟ । ଏଣେ ଏ ଦୁର୍ଯୋଗକୁ ସୁଯୋଗରେ ପରିଣତ କରିଛି ମଙ୍ଗୁ ସାହୁ । ରେଳ ଫାଟକ ପାଖ ରାସ୍ତାର ଶେଷ କଡ଼େର ଥିବାରୁ ତା' ଦୋକାନ ଏବେ ମାଡ଼ି ଆସିଛି ଢ଼େର ସାମନାକୁ। ଗ୍ରାହକଙ୍କ ପାଇଁ ଟେବୁଲ

ଚେୟାର ସଜେଇ ଦେଇଛି ତା' ଦୋକାନ ସାମନା ଖୋଲା ପ୍ରଶସ୍ତ ରାସ୍ତା ଉପରକୁ। ନିଜେ ମଧ ଗୋଟିଏ ଚେୟାରରେ ଗୋଡ଼ ରଖି ଆଉ ଗୋଟିଏ ଚେୟାର ପକେଇ ବସି ପଡ଼ିଛି ବେଶ ଆରାମରେ ସତେ ଯେମିତି ଏ ରାସ୍ତାଟି ତା'ର ପୈତୃକ ସମ୍ପତ୍ତି। ନିତିଦିନିଆ ପଥଚାରୀମାନେ ବାଧ ହୋଇ ବାଟଭାଙ୍ଗି ଏକ ବୁଲାଣି ରାସ୍ତା ଦେଇ ପୁଣି ତା' ଦୋକାନ ପାର୍ଶ୍ୱ ଗଳା ବାଟ ପାଖକୁ ଆସନ୍ତି ରେଳ ଫାଟକ ପାର ହେବା ପାଇଁ । ଏକଥା ମୋତେ ଭାରି ଅବାଗିଆ ଲାଗେ। ସହଜରେ ହଜମ ହୁଏନା। ଏଡ଼େ ବହପ ମଙ୍ଗୁ ସାହୁର ! ରାସ୍ତା କ'ଣ ତା'ର ? ତାକୁ ବେଖାତିର କଲା ଭଳିଆ ମୁଁ ବାଟ ନ ଭାଙ୍ଗି ସିଧା ତା' ବସିଥିବା ଚେୟାର କଡ଼ ଦେଇ ଚାଲିଯାଏଁ । ଏକ ନିରବ ପ୍ରତିବାଦ – ଏ ରାସ୍ତା ଉପରେ ଆମ ପଥଚାରୀଙ୍କ ସମ୍ପୂର୍ଣ ଅଧିକାର ଅଛି, ତମେ କିଏ ହୋ ? ବିବେକ ଟିକେ ତ ଛାଡ଼ ଆଇନ କାନୁନ୍‌କୁ ଖାତିର ଅଛି କି ନାହିଁ ? ବେଆଇନ ଅକ୍ତିଆର ବିରୁଦ୍ଧରେ ଏମିତି ନିର୍ବାକ୍ ସାଂକେତିକ ସ୍ୱର ଉତ୍ତୋଳନ ତ ତା' ଉପରେ କୌଣସି ପ୍ରଭାବ ପଡ଼େନାହିଁ ବରଂ ଖତେଇ ହୁଏ ମୋ ଆଡ଼କୁ ଏକ ତୀର୍ଯ୍ୟକ୍ ଦୃଷ୍ଟି ନିକ୍ଷେପ କରି...ହୁଏତ ଭାବୁଥିବ – ଇଏ କେଉଁ କ୍ଷେତର ମୂଳା ହୋ ! ଉଭୟ ପାର୍ଶ୍ୱର ଘନ ଜନ ବସତି ଥିବା ଯୋଗୁଁ ଗଳା ବାଟରେ ଏମିତି ଭିଡ଼ ଜମି ରହିବା ଥିଲା ସ୍ୱାଭାବିକ । ଏଣେ ରୋଡ଼୍ ଓଭରବ୍ରିଜ ସମ୍ପୂର୍ଣ୍ଣ ହେବା ପରେ ପୂର୍ବ ଭଳି ଆଉ ବିଭାଗୀୟ ଜଗୁଆଳି ବ୍ୟବସ୍ଥା ନ ରହିବାରୁ ଛୋଟ, ବଡ଼ ଅନେକ ଦୁର୍ଘଟଣା ଘଟିଚାଲେ ରେଳ ଫାଟକ ପାରି ହେଲା ସମୟରେ, ଟ୍ରେନ ଯାତାୟତ ବି ସାମୟିକ ବାଧାପ୍ରାପ୍ତ ହୁଏ । ଦିନେ ଦେଖାଗଲା, ସେଇ ଗଳା ବାଟଟି ମଧ ଲୁହା ଓ ସିମେଣ୍ଟ ବାଡ଼ ଦେଇ ବନ୍ଦ କରିଦିଆ ଯାଇଛି। ଅସୁବିଧା ହେଉ ପଛେ ଯିବା ଆସିବା ଯାହା କିଛି ଚାଲୁଥିଲା ତାହା ବି ଏବେ ପୁରା ବନ୍ଦ।

ସେ ଦିନ ମଧ ମଙ୍ଗୁ ସାହୁ ବେଶ ଜମିଦାରୀ ଠାଣିରେ ବସିଛି ରାସ୍ତା ଉପରେ ଚେୟାର ଥୋଇ। ମୁଁ ସବୁଥର ପରି ମୁଣ୍ଡ ସିଧା କରି ଠାଣି ପୂର୍ବକ ତାକୁ ବେଖାତିର କରି ମାଡ଼ିଗଲି ଆଗକୁ, ହେଲେ ଯିବି କୁଆଡ଼େ, ସାମନାରେ ତ ଲୁହା ସିମେଣ୍ଟ ବାଡ଼ ! ଅଗ୍ରଗତିରେ ଲାଗିଲା ବ୍ରେକ୍। ଅନନ୍ୟୋପାୟ, ଆଉ କରିବି କ'ଣ ପଛଘୁଞ୍ଚା ଦେଲି, ସେଇଠୁଁ ନେଲି 'ୟୁ ଟର୍ଣ୍ଣ'।

'ଆରେ ବାଇମନ,ଏବେ ସମୟ ତା' ସପକ୍ଷରେ' – ବାସ୍ତବିକତାଟିକୁ ଗ୍ରହଣ କରିନେବାପାଇଁ ନିଜକୁ ବୁଝାଇ ଆଗେଇଲି ଫୁଟପାଥ ରହିତ ସଂକୀର୍ଣ୍ଣ ରୋଡ଼୍ ଓଭର ବ୍ରିଜ ମୁଣ୍ଡକୁ, ଆବେଗହୀନ ଭାବରେ ସେଇ ପଥକୁ ଯେଉଁ ପଥ ମୋ ପାଇଁ ଉଦ୍ଦିଷ୍ଟ ନ ଥିଲା।

ମଙ୍ଗୁ ସାହୁ ଚିରାଚରିତ ଢଙ୍ଗରେ ଖତେଇ ହେଉଥିଲା ମୋ ଆଡ଼କୁ ଏକ ତୀର୍ଯ୍ୟକ୍ ଦୃଷ୍ଟି ନିକ୍ଷେପ କରି ।

କନ୍ସଲଟାଣ୍ଟ, ଦୂର ସଂଚାର ବିଭାଗ,
ଭାରତ ସରକାର,ଭୁବନେଶ୍ୱର,
ମୋ:୯୪୩୭୫୭୮୩୧୧

# ଦ୍ରୀଷ୍ଟି

ଶୁଭଶ୍ରୀ ସିଂ

କୁନି ଝିଅଟି କଣେଇ କଣେଇ ଚାହୁଁ ଥାଏ, ବୟସ ମାତ୍ର ଦେଢ଼ ବର୍ଷ ହେବ । ସୁନ୍ଦର ଗୋରା ତକତକ ଚେହେରା । ବଡ଼ବଡ଼ ଆଖି ସାଙ୍ଗକୁ କଳା ମଚମଚ ବାଳ । ଏତେ ଗହଳି ଭିତରେ ମନ ଲୁଞ୍ଚ ଯାଉଥାଏ ସେହି କୁନି ଝିଅ ପାଖରେ । ବାଙ୍ଗାଲୁରର ଏକ ମଲ ମଧ୍ୟରେ ଥିବା ରେଷ୍ଟୁରାଣ୍ଟରେ ପାଖାପାଖି ବସିଥିଲୁ ରାତ୍ରିଭୋଜନ ପାଇଁ । ସେହି ଛୋଟ ଝିଅଟି ମଧ୍ୟ ତା'ର ବାପା, ମା ଓ ଜେଜେମା ସହିତ ସେଠାରେ ବସିଥିଲା । ସମସ୍ତେ ଖାଇବାକୁ ବ୍ୟସ୍ତ ହେଉଥିବା ବେଳେ ଝିଅଟି ପ୍ରବଳ ଚିତ୍କାର କରି କାନ୍ଦି ଉଠିଲା । ତା'ର କାନ୍ଦ ଆଦୌ ବନ୍ଦ ହୋଇନଥିଲା । ସମସ୍ତଙ୍କ ଆଖି ସେଇ ଝିଅଟି ଉପରେ ନିବଦ୍ଧ ହୋଇଗଲା । ଶେଷରେ ଜେଜେମା ଝିଅକୁ ସାଙ୍ଗରେ ନେଇ ରେଷ୍ଟୁରାଣ୍ଟ ବାହାରକୁ ଚାଲି ଗଲେ ।

ତା' ମଧ୍ୟରେ ଆମର ଖାଇବା ସରି ଯାଇଥାଏ । ମୋ ସାନ ପୁଅ ଓ ମୁଁ ପ୍ରଥମେ ରେଷ୍ଟୁରାଣ୍ଟ ବାହାରକୁ ଆସିଲୁ । ଅନ୍ୟମାନେ ଆମ ପଛରେ ଆସୁଥିଲେ । ବାହାରେ ବେଞ୍ଚ ଉପରେ ବସିଥିବା ସେହି ଛୋଟ ଝିଅ ଉପରେ ଆମର ନଜର ଅଟକିଗଲା । ମନେ ହେଉଥାଏ ତାକୁ ଟିକେ ଗେଲ କରିବାକୁ । ସେତେବେଳେ ଝିଅଟିର କାନ୍ଦ ସମ୍ପୂର୍ଣ ବନ୍ଦ ହୋଇଯାଇଥିଲା । ଚାହିଁବା ବେଳକୁ ଝିଅଟି ପୁଅ ଆଡ଼କୁ କଣେଇ କଣେଇ ଦେଖୁଥାଏ । ଯେତେବେଳେ ପୁଅ ତା' ଆଡକୁ ନଜର କରୁ ଥାଏ ସେତେବେଳ ସେ ତା'ର ଜେଜେମା କୋଳରେ ମୁହଁକୁ ଲୁଚାଇ ଦେଉଥାଏ । ପିଲାଟି ଏତେ ଜୋରରେ କାନ୍ଦୁଥିଲା, କିନ୍ତୁ ସେତେବେଳେ ସେ ବହୁତଖୁସି ହେଉଥିଲା । ଏମିତି ଛୁପାଛୁପି ଖେଳ ସେହି କୁନି ଝିଅ ସହ ଆମର ଚାଲିଥିବା ବେଳେ ମୁଁ ଆଉ ସମ୍ଭାଳି ନ ପାରି ଝିଅ ଟି ପାଖକୁ ଯାଇ ତା'ର ଜେଜେମାଙ୍କୁ ପଚାରିଲି ତାର ନାଁ କଣ ? ସେ କହିଲେ 'ଦ୍ରିଷ୍ଟୀ' । ଚମତ୍କାର ! ନାଁ ଟି ଯେମିତି ଝିଅଟି ମଧ୍ୟ ଅବିକଳ ମନ କିଣିଲା ପରି ସେମିତି ସୁନ୍ଦର । ତା' ପରେ ତା'ର ଜେଜେମା କହିଲେ ସେ ବୋଧେ ଆପଣଙ୍କ ପୁଅକୁ ତା'ର ବାପା ଭାବିଛି । ସେଥିପାଇଁ ବାରମ୍ବାର ଦେଖିବା ସହ ମନ ମଧ୍ୟରେ ଖୁସି ହେଉଛି । କିଛି ସମୟ ପରେ ଆମେ ଆମ ଗନ୍ତବ୍ୟ ପଥରେ ଅସିଗଲୁ । ମାତ୍ର ସେ କଥା କହୁ ନ ଥିବା ଝିଅଟି ଆମକୁ ହଠାତ ପାଟିକରି ବାଏ.. ବାଏ କରିବାକୁ ଲାଗିଲା ।

ଆମେ ମଧ୍ୟ ପିଲାଟିକୁ ଦେଖି ଦେଖି ଫେରି ଆସିଲୁ । ଜାଣିନି ତା' ପରେ କ'ଣ ହେଲା । ମାତ୍ର ସେହି ଅପରିଚିତ କୁନି ଝିଅଟି କାହିଁକି କେଜାଣି ଆଖି ଆଗରେ ବାରମ୍ବାର ନାଚି ଯାଉଛି । ତା' ସହିତ ତ ଆଗରୁ କୌଣସି ପରିଚୟ ନଥିଲା, କିନ୍ତୁ କୁନି ଝିଅର ସେଇ ଚାହାଣି, ସେଇ ଚେହେରା, ସେଇ ଖୁସି ଟିକକ ବାନ୍ଧି ରଖିଲା ମନକୁ କିଛି ଦିନ ପାଇଁ । ବୋଧ ହୁଏ ଏ ଜନ୍ମରେ ନ ହେଲେ ଆର ଜନ୍ମ ସେ ମୋର ସମ୍ପର୍କୀୟ ଥିଲା କହି ହେବ ନାହିଁ ।

ଭୁବନେଶ୍ୱର
ମୋ: ୮୭୫୮୯୭୧୮୧୭

# ପଦ୍ୟ ବିଭାଗ

# ବୃଦ୍ଧାବସ୍ଥା

କୋଶ୍‌ଲୀ କବିତା

ପ୍ରଫୁଲ୍ଲ କୁମାର ତ୍ରିପାଠୀ

ବୟସ ବଢୁଛି ବୋଲି ପଡ଼ିଯାଏ ଜଣା
ତେଣୁ ଲୁଚାଇବା ପାଇଁ କେତେ ବିକା କିଣା
ଚାଲେ ଏଠି ନିରଂତର, କରେ କେ କଳନା ?
ବୟସ ତ ଏବେ ଏଠି ହେଲାଣି ଛଳନା ।

ଅଳ୍ପବୟସ୍କ ଦିଶିଲେ ହୁଏ କେତେ ଲାଭ ?
ଜଣା ନାହିଁ, ତେବେ ସୁଦ୍ଧା ବଜାରୀ ପ୍ରଭାବ
ଏଡ଼ାଇ ପାରଂତିନାହିଁ ବହୁ ବୁଢ଼ା ଲୋକ
ଦେହେ, ମନେ ନ ଥିଲେ ବି ଯୌବନର ଭୋକ ।

ଯାହା ବି ସତ୍ୟ, ବାସ୍ତବ, ନ କଲେ ସ୍ୱୀକାର
ମଣିଷ ହଜାଇଦିଏ ନିଜ ଅଧିକାର
ସଂସାରରେ ସିଏ କରେ ନିତ୍ୟ ଅଭିନୟ
ଏଡ଼ାଇ ପାରେନି ଧରା ପଡ଼ିବାର ଭୟ ।

ନିଜେ ନିଜ ଭଳି ହୋଇ ଚଳିବାର ସୁଖ
ନ ପାଇ ସେ ପାଉଥାଏ ଅବାରିତ ଦୁଃଖ
ଯୌବନର ଆୟୁ ଯଦି ହୁଏନି ବଢ଼ାଇ
ବାର୍ଧକ୍ୟକୁ ଅସ୍ୱୀକାର କରଂତି କିପାଇଁ ?

ରୟାଲ ଲାଗୁନ, ଭୁବନେଶ୍ୱର

# ପାର୍ବଣରେ ବର୍ଷା

ଡକ୍ଟର ଅଶୋକ ମହାନ୍ତି

ଅଲୋଡ଼ା ଅତିଥି ପରି ସେଦିନ ଆସିଲା ବର୍ଷା
ପାର୍ବଣ ତିଥିରେ
ସବୁ ଥିଲା ଠିକ ଠାକ ନୀଳ ରଙ୍ଗ କାଚ ପରି
ଚକ୍‌ଚକ୍ କରୁଥିଲା ନିର୍ମେଘ ଆକାଶ
ଗଭାଧସା ଉଚ୍ଚତ କିଏ ଥିଲା
ଝଲମଲ ସୂର୍ଯ୍ୟ କିରଣରେ
ଦେବୀପୀଠ ଲୋକଗହଳରେ ଥିଲା ଭରପୂର
ମା'ଙ୍କ ମୁହଁ ସ୍ପଷ୍ଟ ଦିଶୁଥିଲା ଭକ୍ତପ୍ରବରଙ୍କୁ
ଠାକୁରଙ୍କ ପୂଜାପୀଠରୁ ଶୁଭୁଥିଲା
ଝାଞ୍ଜ ମୃଦଙ୍ଗର ଧ୍ୱନି
ତୁହାକୁ ତୁହା ଉଠୁଥିଲା ଝୁଣାଧୂଆଁର କୁହେଳି
ଧୂପବାସ୍ନାରେ ଚହଟୁଥିଲା ଚଉପାଶ
ମେଘ ବୋଧେ ଆସିବ ଆସିବ ବୋଲି
ଓର ଉଣ୍ଡୁଥିଲା
ଉତ୍ତରା ପବନ କାହୁଁ ବହି ଆଣିଲା
ଝଡ଼ ବତାସ ତୁହାକୁ ତୁହା ବର୍ଷା
ସନ୍‌ସନ୍ ବିଜୁଳି ଓ ବଜ୍ରନିର୍ଘୋଷରେ
କମ୍ପିଲା ମେଦିନୀ
ହାବୁକା ହାବୁକା ପବନ ମାଡ଼ରେ
ଧରାଶାୟୀ ହେଲା ସଜ୍ଜିତ ତୋରଣ
ସାଜ ସଜା ସରଞ୍ଜାମ ହେଲା ବିପର୍ଯ୍ୟସ୍ତ
ଝଡ଼ ଆଘାତରେ ମହୀରୁହମାନେ
ଶୋଇଗଲେ ରାଜରାସ୍ତାରେ
ବିଜୁଳି ଆଲୁଅ ହଜିଗଲା
ଯାତ୍ରୀମାନେ ଛତ୍ରଭଙ୍ଗ ଦେଲେ
ସୂଚ୍ୟଭେଦୀ ଅନ୍ଧକାରରେ
ଲୁଚିଗଲା ଦେବୀପୀଠ
ଗତକାଲିର ଗହଳ ଚହଳ ସ୍ଥାନ
ଆଜି ଥିଲା ଏକାନ୍ତ ନିର୍ଜନ
ପାଣିପାଗ ସମ୍ବାଦରେ
ବର୍ଷା ଥିଲା ଆଗାମୀ ଚରିଦିନ
ସେଦିନର ସେ ବର୍ଷା ଟୋପା
ଜଳପୂର୍ଣ୍ଣ କରିଦେଲା ସହରର ରାସ୍ତାଘାଟ
କାଦମ୍ବିନୀ ଆଲୁଅରେ
ପିଚୁରପା ଦିଶୁଥିଲା
ଗତିଶୀଳ କାଳସର୍ପ ପରି
ବର୍ଷା ଓଦା କରିଦେଲା
ବାରିପଟେ ଶୁଖିଥିବା ଲୁଗାପଟା ବିଛଣା ଚଦର
ଝର୍କା ପାଖ ପଢ଼ାଟେବୁଲ ଉପରେ
ସଜା ହୋଇଥିବା ବହି ଥାକ ଉପରେ
ଦାଉ ସାଧିଲା ବର୍ଷା
ତାର ଭିତରର କାନ୍ଥପଟେ
ଆଙ୍କି ଦେଇଗଲା
ଚକଡ଼ା ଚକଡ଼ା ପାଣିର ମାନଚିତ୍ର ।

ଜେଡ୍ ୱାନ୍ ଇଷ୍ଟେଟ୍,
ଭୁବନେଶ୍ୱର

# କିଏ ତୁମେ!

ପ୍ରଫେସର ବୀଣାପାଣି ତ୍ରିପାଠୀ

ତୁମେ...
ମୁଠାଏ ହିଲ୍ଲୋଳ ମାତ୍ର
ସର୍ବାଙ୍ଗରେ ଲେସି ହୋଇଯାଅ
ମୋ ଝର୍କାର ଏପାଖୁ ସେପାଖ
ଅନାୟାସେ ଆସ ଯାଅ।

ତୁମ କଥା ତୁମେ ଜାଣ
କେବେ ଅଣନିଶ୍ୱାସୀ ହେଲେ ବି
ଦୂରେ ଥାଅ
କେବେ ଦିଅ ଉଷ୍ଣ ସ୍ପର୍ଶ
କେବେ ଅବା ଲେପି ଦିଅ ଶୀତଳ ଚନ୍ଦନ
ମହକିତ, ପୁଲକିତ କର ପ୍ରାଣ।

ତୁମେ ଏମିତି ଆସ ଯାଅ

ସତେ ଅବା ମୋ ଚାରିପାଖେ ଏକ ସୁଦୃଢ଼ ବଳୟ
ସର୍ବସତ୍ତ୍ୱ ତୁମରି ହାତରେ
ହୃଦୟ ସ୍ପନ୍ଦିତ ହୁଏ ତୁମ ଇସାରାରେ।

ଆଉ କେବେ ଲାଗେ ତୁମେ ଉଜ୍ଜ୍ୱଳ ଦୀପଶିଖାଟିଏ
କିଏ କେତେବେଳେ ଜାଳି ଦେଲା ଜଣା ନାହିଁ

ହୁଏତ ଜନ୍ମ ଜନ୍ମାନ୍ତର
ମୋର ଏ ଯାବତ ଅତିକ୍ରମି ଥିବା
ଓ ଆଗାମୀ ଜନ୍ମ ମାନଙ୍କରେ ଅତିକ୍ରମ
କରିବାକୁ ଥିବା ସମସ୍ତ ପଥ ଉଦ୍ଭାସିତ କରିଚାଲିଥିବ।

ଚିରୁଟେ ଆକାଶ ତୁମେ

ମୋ ଡେଣାର ଉଡାଣ ବି ତୁମେ
ଶୂନ୍ୟର ରାଗିଣୀ ତୁମେ
ଖୁବ୍ କୋବଳରେ ଝଙ୍କୃତ ହୁଅ
ମୁହୂର୍ତ୍ତରେ ଓ ମୁହୂର୍ତ୍ତରେ।

ତୁମେ ମୋ ତରଳ ମନର ପ୍ରବାହଟିଏ ମାତ୍ର

ଜଣାଥାଏ ତୁମକୁ
କେଉଁ ଦିଗକୁ ତା'ର ଗତି
ତୁମେ କଳି ପାର ଗଭୀରତା
ନୌକାଟିଏ ବାହି ନେବା ପାଇଁ।

ତୁମେ ପ୍ରୀତିସ୍ନିଗ୍ଧ ହୃଦୟ

ବିଦେହର ଛାଇ ହେଲେ
ମୁଁ ଆଜନ୍ମ ପ୍ରେମିକା
ତୁମ ପାଇଁ ସଂଗୋପନେ ସାତ ସୁରେ
ଗୀତ ଗାଇ ନିଜକୁ ଶୁଣାଏ।

ଏତେ ସବୁ ପରେବି

କିଏ ଯଦି ପଚାରିବ ତୁମେ କିଏ ବୋଲି
କହିବି ଏତିକି
ତୁମେ ମୋର କେହି ନୁହଁ
କେହି ବୋଲେ କେହି ନୁହଁ।

ମଧୁବନ, ଢେଙ୍କାନାଳ

# ଆଖି

ଡକ୍ଟର ରଶ୍ମି ଦାସ

ଆଖିରେ ନିରବପଣର
କେତେ ଯନ୍ତ୍ରଣା
ଓଠର ହସ ପଛରେ
ଅନେକ ଭାଙ୍ଗିଯାଇଥିବା ଜୀବନ
ସମୟର ଧୂଳି ଆସ୍ତରଣ କରିଛି
ସେ ଜହ୍ନ ରାତିର ଚିହ୍ନ ସବୁକୁ ।

ଏବେ ଆଉ କାହାର ଆଖିରେ
ମୁଁ ନିଜକୁ ଖୋଜୁଛି
ପୁରୁଣା ସ୍ମୃତିକୁ ଦୋହରାଉଛି
ଅଲରା ଜୀବନକୁ ସାଉଁଳେଇ ଦେଉଛି
ଆଉ ସେଇଠି କିଛି ଅକୁହା ଗଳ୍ପର ଶବ୍ଦକୁ
ଗୋଟେଇ ଗୋଟେଇ କୁଢେଇ ଚାଲିଛି,
ଆଉ ଶୁଣିଛି ସେଇ ଅନୁଭବର ନିରବତା,
ହଁ କେବେ କେବେ ଲାଗେ
ଏ ଆଖି,ଏ ଛବି ମୋର ଗତ କାଲିର ଆଇନା ,
ଯେଉଁଠି ମୋ ସ୍ୱପ୍ନକୁ ମୁଁ ସାଉଁଳେଇଛି
ଆଉ ପାଇଛି ଚୁପଚାପ୍ ଗୁମସୁମ ଦିନ ସବୁ।
ଅନୁସ୍ମୃତ ହୋଇଛି ,
ସେହି ନିରବ ଅସହାୟ ବୋଧର
ବିତିଯାଇଥିବା ଦିନ ସବୁ।

ଶ୍ରୀ ବିହାର,
ପଟିଆ,ଭୁବନେଶ୍ୱର

# ଶାରଦୀୟ ଆବାହନୀ

ସରୋଜ କୁମାର ଶତପଥୀ

କାଶତଣ୍ଡୀ ହସେ ନଦୀପଠା ପରେ
ଶରତର ମନ୍ଦ ବାଆ
ଶିଉଳି (ଗଙ୍ଗଶିଉଳି) ଝଡ଼ଇ ଆଶ୍ୱିନ ସକାଳେ
ବିଜେ କଲେ ଦୁର୍ଗାମାଆ ।

ଦଶ ଦିଗପାଳ ବନ୍ଦନ୍ତି ଚରଣ
ଦଶଭୁଜା ମହାମାୟୀ
ମହିଷ-ମର୍ଦ୍ଦନୀ ଦୁର୍ଗତି-ନାଶିନୀ
ତୁମ ବିନା ଗତି ନାହିଁ ।

ତ୍ରିଶୂଳ ଧରିଛ ଅସୁର ସଂହାରେ
ଅଭୟ ଦେଇଛ କରେ
ପଦ୍ମ ପାଦତଳେ ଶରଣ ପଶିଛୁ
ରଖିଥାଅ ମା' କରୁଣାରେ ।

ଚକ୍ଷୁରେ କରୁଣା, ମୁଖେ ସ୍ମିତହାସ
ଅମୃତର ସ୍ରୋତ ବହେ
ତୁମ ଆଶୀର୍ବାଦେ ହସିଉଠେ ଧରା
ଜଗତେ କଲ୍ୟାଣ ହୁଏ ।

ସମ୍ପାଦକ, ଅନୁସ୍ୱାର
ମୋ : ୯୯୩୭୧୨୮୫୪୭

# ମୋ' ଗାଆଁ ଶୀତ

ବିପିନ୍ ମହାନ୍ତି

ଶୀତ ଆମ ଗାଆଁ ନଈପଠା ଧାରେ ସୋରିଷ କିଆରି କ୍ଷେତ
ଶୀତ ଆମ ଗାଆଁ ନୂଆ ବୁଆସୁଣୀ ପାଦେ ପାଉଁଜିର ଗୀତ
ଶୀତ ଆମ ଗାଆଁ ଗାଧୁଆ ତୁଠରେ ଅଝିଆଡ଼ୀଙ୍କର ଭିଡ଼
ଶୀତ ଆମ ଗାଆଁ ବୟସୀ ଓଠରେ ମାଘ ମାସ ଶେଷ ଜାଡ଼ ।

ଶୀତ ଆମ ଗାଆଁ ସୁନା ସୋରିଷିଆ କ୍ଷେତର ମୁରୁକି ହସ
ଶୀତ ଆମ ଗାଆଁ ଭହେଇ ମୁହଁରେ ସକାଳୁଆ ନିଆଁଆସ
ଶୀତ ମୋ' ବୋଉର ଚଉରା ମୂଳର ପଞ୍ଚ ମୁରୁଜର ଝୋଟି
ଶୀତ ମୋ' ଗାଆଁର ସଞ୍ଜଆଳତିର ମାଜଣା ବେଳର ଘଣ୍ଟି ।

ଶୀତ ଆମ ଗାଆଁ ବହଳ ଅନ୍ଧାର ଖାଁ ଖାଁ ଜହ୍ନରାତି
ଶୀତ ଆମ ଗାଆଁ କୁଆଁରୀ ବଉଳ ଝରିବାର ଅନୁଭୂତି
ଶୀତ ଆମ ଗାଆଁ ଗହୀର ମଥାର କଲେଇ ଗଦାର ଡ଼ାଡ଼ି
ଶୀତ ଆମ ଗାଆଁ ସବୁଜ ବନାନୀ ମୋ' ବୋଉର ନୀଳ ଶାଢ଼ି ।

ସକାଳ ସୁରୁଯ ବୁଣିଲେ ମୁରୁଜ ମୋ' ଗାଆଁ ଖରା ପୁଏଁ
ଶିଶିରେ ପଖଳା ମୋ' ଗାଆଁ ମେଖଳା ପାହାନ୍ତି ପହରୁ ଉଏଁ ।

୩୩, ଗଡ଼ ମହାବୀର ବିହାର
ଗ୍ୟାରେଜ ଛକ, ଭୁବନେଶ୍ୱର - ୨
ମୋ - ୯୮୬୧୧୪୯୯୧

# ଆଖିପତା ତଳେ ଠିଆ

ବସନ୍ତ କୁମାର ଦାସ

ତୋ ଆଖିପତା ତଳେ ମୁଁ ଯେ ଠିଆ
କେତେ ଖୋଜୁ ମତେ ଦୂରେ ,
ତୋ ହସ ହୋଇ ନୀତି ମୁଁ ଝରୁଛି
ସକାଳକୁ ଝୁରି ଝୁରେ,
ଶେଫାଳୀ ମୁଁ ତୋ ଦ୍ୱାରେ ।

ତୋ ଝରକା ଦେଇ କେତେ ମୁଁ ଛୁଇଁଛି
ଭାବିଛୁ ଜୋଛନା ବୋଲି
ସଂଜରେ ଫୁଟିଛି ହେନା ତୋ ବାଡ଼ିରେ
କହିଛୁ ଆସିବୁ କାଲି,
ନିତି ନିତି ଫେରିଯାଏ
ଚିହ୍ନିଲୁନି ମତେ ଥରେ ।।

ତୋ ଗଭାରେ ଯେବେ କୁଆଁରୀ ବଉଳ
ସାଜିଛି ଆଡ଼େଇ ଦେଲୁ
ତୋହର ତ ଜାଇ ଯୁଇରେ ସଉକ
ମତେ ଦେଖି ଭୁଲିଗଲୁ ।
ଏତେ ଖୋଜି ଭୁଲିବାରେ,
ଜିତିଗଲୁ, ମୁଁ ଯେ ହାରେ ।।

ବରମୁଣ୍ଡା ଗ୍ରାମ, ଭୁବନେଶ୍ୱର
ମୋ: ୭୦୦୮୬୯୩୯୦୩

# ପୁଣ୍ୟର ପ୍ରଦୀପ

ଯୋଗେଶ ଚନ୍ଦ୍ର ମିଶ୍ର

ଜୀବନ ମାଟି ଆଉ
ମନ ଆକାଶର
ଶୂନ୍ୟ ସେତୁରେ
ତୁମକୁ ଝୁରି ହେବା ହିଁ
ମୋ ନୀଳ ଅନୁରାଗ
ତୁମକୁ ଖୋଜିବା
ପାଇ ପୁଣି ହଜେଇବା
ପୋଡ଼ି ଦେଇଛି
କାମନାର କାମ୍ୟବନ
ଅସହାୟ କାରୁଣ୍ୟର ଦିନ
ଆବୋରି ନେବାକୁ ବ୍ୟଗ୍ର
ଚଳାବାଟର
ଅନ୍ତିମ ମୁହୂର୍ତ୍ତମାନଙ୍କୁ
ମୋର ଏଇ ଛୋଟ
ହୃଦୟ ମନ୍ଦିରେ
ଜାଳି ଦିଅ ପୁଣ୍ୟର ପ୍ରଦୀପ
ତୁମ ପାଇଁ ସମର୍ପିତ ହେଉ
ମଗ୍ନ ମାଟି ପରି
ଏଇ ମୋର ମନ ।

ସର୍ଗିଗୁଡ଼ା, ଟିଟିଲାଗଡ଼
ମୋ : ୯୭୭୭୩୭୦୧୨୩

# ପ୍ରେମ ଭରା ଏ ପୃଥିବୀ

ସଚି ବେହେରା

ସ୍ମୃତି ଆଇନାରେ ଜଳଜଳ ଦିଶେ
ଜୀବନର ଜଳ ଛବି
ସପନେ ସାଇତା ବିଶ୍ୱାସେ ବିଜେତା
ପ୍ରେମ ଭରା ଏ ପୃଥିବୀ ।

ପ୍ରେମ ପୃଥିବୀରେ ଅଳସ ଭାଙ୍ଗୁଛି
ସ୍ମୃତି ଝରା ସେଇ ଦିନ
ହସର କ୍ଷେତରୁ ସୁଖ ଖୋଜୁଛି ମୋ
ସୋରିଷ ଫୁଲିଆ ମନ ।

ବାତାୟନ ପଥେ ଉଙ୍କି ମାରୁଅଛି
ମାୟାବିନୀ ଜହ୍ନରାତି
ବୟସ ବଗିଚା ଅୟସେ ମାତିଛି
ଧରି ଫୁଲ ପ୍ରଜାପତି ।

ଏଇ ଝୁମା ଝୁମା ଗୋଲାପି ବେଳା
ବସନ୍ତର ଅଭିସାର
ଝୁମି ଉଠେ ମନ ଶୁଭି ଯାଏ ଯେବେ
କୋଇଲିର ସାତ ସୁର ।

ଯୁଗ୍ମ ନିର୍ଦ୍ଦେଶକ, ଟ୍ରେଜେରୀ ନିର୍ଦ୍ଦେଶାଳୟ
ଭୁବନେଶ୍ୱର
ମୋ-୯୦୯୦୧ ୭୫୨୭୦

# କବିର ଆତ୍ମକଥା

ଅପରାଜିତା

କେହି ଯଦି ପଚାରିବ
କୁହ କବି କବିତାର କଥା
କି ଉତ୍ତର ଦେବି ମୁହିଁ
କବିତା ତ ଅନ୍ତରର ବ୍ୟଥା ।

କହିବି ମୁଁ ସିଏ ମୋର
ପ୍ରିୟତମ କ୍ଷତ ହୃଦୟରେ
ସାଇତିଛି ଛାତିତଳେ
ଦେଖେଇ ମୁଁ ପାରିନି କାହାରେ ।

ଯଦି କେବେ କେ ପଚାରେ
କବି ତୁମେ କେଉଁ ପଥେ ଚାଲ
କଣ୍ଟକିତ ପଥ ମୋର
ନାହିଁ ଯହିଁ ଗୋଟିଏ ବି ଫୁଲ ।

ଲେଖିଛି ମୁଁ ଏମିତି କବିତା
କାଳି କରି ଲହୁଲୁହ ମୋର
ଚିରନ୍ତିନୀ ପ୍ରେମଗାଥା
ଲେଖୁଥାଏ ଲେଖନୀର ଗାର ।

ଉପବିଭାଗ ଅଧିକାରୀ,
ଟ୍ରେଜେରୀ ନିର୍ଦ୍ଦେଶାଳୟ ଭୁବନେଶ୍ୱର
ଫୋନ୍ ନଂ –୮୦୧୮୫୬୪୯୨୭

# ଦୁର୍ଗେ ଦୁର୍ଗେ ଦୁର୍ଗେ ଦୁର୍ଗତି ନାଶିନୀ

ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ

ଦୁର୍ଗେ ଦୁର୍ଗେ ଦୁର୍ଗେ ଦୁର୍ଗତି ନାଶିନୀ
ମହିଷାସୁର ମର୍ଦ୍ଦିନୀ ତୁ ସିଂହବାହିନୀ
ଚରଣେ ଶରଣ ଜନନୀ
ଦୁର୍ଗେ ଦୁର୍ଗେ ଦୁର୍ଗେ ମା,
ଦୁର୍ଗେ ଦୁର୍ଗତି ନାଶିନୀ ॥୦॥

ଅନଳୁଜାତ, ହୋଇଲୁ ମାତ,
ଦୁର୍ଗା ନାମ ତୋ ହୋଇଲା
ବିମଳା, କମଳା, ଲକ୍ଷ୍ମୀ, ହରପ୍ରିୟା,
ତୋର ନାମ ଅଟେ ଭଲା ।
ମହିଷା ସୁରକୁ ମାରିଲୁ ତୁହି ମା
ଶୁମ୍ଭ ନିଶୁମ୍ଭ ମାରିଲୁ
ଦେବତାଗଣଙ୍କୁ ରଖି ଏ ମହୀକୁ
ଶକ୍ତିସ୍ୱରୂପିଣୀ ହେଲୁ ।
ମା' ଚରଣେ ଶରଣ ଜନନୀ ॥୧॥

ଯେଉଁ ନାମରେ, ଡାକିଲେ ତୋତେ
ଦେଖା ତୋର ଦେଇଥାଉ ।
ଗାଁ ମୂଲକରେ ବିଭିନ୍ନ ରାଜ୍ୟରେ
ଭିନ୍ନ ରୂପ ନେଇଥାଉ ।
କେଉଁଠି ଚଣ୍ଡୀ, କେବେ ଚାମଣ୍ଡୀ
ସ୍ଥାନ ଅଧିଷ୍ଠାତ୍ରୀ ହେଉ ।
ଜଗତଜନନୀ ସନ୍ତାନ ରକ୍ଷଣୀ
ନାମ ତୋହର ତାରିଣୀ ।
ମହିଷାସୁର ମର୍ଦ୍ଦିନୀ ତୁ ସିଂହବାହିନୀ
ମା'ଚରଣେ ଶରଣ ଜନନୀ ॥୨॥

ବରମୁଣ୍ଡା ହା. ବୋ. କଲୋନୀ
ଭୁବନେଶ୍ୱର
ମୋ - ୯୪୩୭୨୭୯୧୬୨

ଅନୁସ୍ୱାର
ମାସିକ ଇ-ପତ୍ରିକା

# ଆସ ବୁଲିଯିବା ଦଶହରା

ଶ୍ରୀମତୀ ଶୈଳାଧିରାଜତନୟା ଶତପଥୀ

ବରଷକେ ଥରେ ଆସିଛି ଆଜି,
ଆଶ୍ୱିନ ମାସରେ ପରବ ସାଜି ।
କେତେ ରୂପ ନେଇ ଆସିବେ ମାଆ,
ଦୁଷ୍ଟଙ୍କୁ ବିନାଶି ହୋଇବେ ସାହା ।
ସଜବାଜ ହୋଇ ସଭିଏଁ ଖୁସି,
ମେଢ଼ ଦେଖିଯିବା ଯେ ହସିହସି
ରଙ୍ଗବେରଙ୍ଗର ଆଲୁଅ କେତେ,
ଝଲମଲ କରେ ଯେତେକୁ ଯେତେ ।
ମୀନାବଜାରରେ ଖେଳଣା ମେଳା,
ଖେଳିବାକୁ ଥାଏ  କେତେଯେ ଝୁଲା
ନାନା ବେଶେ ପରା ସଜ୍ଜିଛି ମେଢ଼,
ଦେଖିବାକୁ ଜମେ ଲୋକଙ୍କ ଭିଡ଼ ।
ଅଜା ଆଈ ସାଙ୍ଗେ ମେଳଣ ଯାତ,
ଚାରିଆଡ଼େ ଶୁଭେ ମେଲୋଡି ଗୀତ ।
ହସ ଖୁସିରେ କଟିଯାଏ ପୂଜା
ମନେ ରହିଯାଏ ପୂଜାର ମଜା
ଭସାଣି ବେଳେ ମାଆ ନେବେ ମେଲାଣି,
ମନ  ଊଣା ହେବ ଟିକିଏ ଜାଣି ।
ଚାହିଁ ରହିଥିବୁ ଆର ବର୍ଷକୁ,
ଆସିବେ ମାଆ ଯେ ଆମ ପାଖକୁ ।
ମାଆ ପାଦେ ଆମ କୋଟି ପ୍ରଣାମ,
ସୁଖମୟ ହେଉ ଜୀବ ଜୀବନ ।

ଓ.ଇ ଏସ୍ (୧)ଉପନିର୍ଦ୍ଦେଶକ, ଓସେପା,
ଭୁବନେଶ୍ୱର

# ସମର୍ପଣ

କମଳିନୀ ଦେବୀ

ନାରୀ ମାୟା ନାରାୟଣଙ୍କୁ ଅଗୋଚର
କହନ୍ତି ସଭିଏଁ
ତେବେ ତୁମେ କଣ ଜାଣିନଥିଲ ପ୍ରଭୁ
ହେବ ତୁମେ ଦାରୁ ଭୂତ ବୋଲି
ହସ୍ତ ପାଦ ହୀନ ଚକାଚକା ଆଖି
କାଳିଆ ଠାକୁର
ଗୁଣ୍ଡିଚା ଭକ୍ତିରେ ତୁମେ ଜଗନ୍ନାଥ ।।

ସାରା ବିଶ୍ୱରେ ତୁମେ ଅଦ୍ୱିତୀୟ
କୋଣେ ଅନୁକୋଣେ ବିଶ୍ୱ ବାତାୟନେ
ଗୁଞ୍ଜରିବ ତୁମ ଜୟ ଜୟକାର
ଦୋହଲିବ ତୁମ ପତିତପାବନ ।।

ବାଇଶି ପାହାଚେ ବଡ଼ଦାଣ୍ଡେ ତୁମ
ଭକତଙ୍କ ଭିଡେ ଚଳଚଞ୍ଚଳ ହେବ ବେଳାଭୂମି
ସମୁଦ୍ର ଗର୍ଜନ ଆଉ ଶରଧାବାଲିରେ ଭକତି ମନ୍ଥନ
ପୂର୍ଣ୍ଣତାର ପ୍ରାପ୍ତି ନେଇ
କାହିଁକି ଯେ ଅଧାଗଢ଼ା ହେଲ
ତୁମେ ତୁମରି ସୃଷ୍ଟିରେ ।।

ତଥାପି ତୁମେ ଦେଇଚାଲିଛ ଅଯାଚିତ ଦାନ
ସୃଷ୍ଟିର ଆଦିରୁ ଅନ୍ତ ଯାଏ,
ଦିଗରୁ ଦିଗନ୍ତ ଯାଏ
ଭୂମିରୁ ଭୂମାଯାଏ ।।
ଅମାବାସ୍ୟାର କାଳିମା ଦେହରେ ଲେପନ କରି
ଚଉଠି ଚାନ୍ଦର ହସରେ
ଜଗତକୁ ବିଭୋର କରିଛ ।।
ମୋହିନେଇଛ ମନ
ରସାଇ ଦେଇଛ ରସରେ
ରସରାଜ ସାଜି
ଟିକି ଟିକି ତାରା ଫୁଲ ରତ୍ନରେ ସାଜିଛ ଶ୍ରୀଅଙ୍ଗ
ଘେନିବାକୁ ଦେବଦାସୀ ର ସେବା
ଶୁଣିବାକୁ ଶ୍ରୀ ଗୀତଗୋବିନ୍ଦ ।।

ନୃତ୍ୟ ତାଳେ ତାଳେ ବିଭୋର ତୁମେ ପ୍ରଭୁ
ସମର୍ପଣ କରିଦେଇଛ ନିଜେ ନିଜକୁ
ଭକତର ଭକତି ଡୋରି ରେ
ବନ୍ଧା ତୁମେ ଯୁଗେ ଯୁଗେ ପ୍ରଭୁ
ଭକତ ବତ୍ସଳ ।।

ସମ୍ପାଦିକା
ସ୍ୱୟଂପ୍ରଭା ଲେଖିକା ସଂସଦ, ବରଗଡ଼
ମୋ - ୮୨୪୯୮୭୧୭୩୨

# ଭାବିଦେଲେ

ନିହାରିକା ରାୟବରାଳ

ତମକୁ ଭାବିଦେଲେ
ଯେତେ ସବୁ ସାହସ କି ଆତ୍ମିକ ସନ୍ଦେଶ
ଭରିଯାଏ ମୋ ସ୍ନାୟୁରେ ସ୍ନାୟୁରେ
ତମକୁ ଅପ୍ରିଦେଲେ ହୃଦୟର ଦୁଃଖ
ପାରିଜାତ  ଫୁଟି ଉଠେ ମନ ଉପବନେ ।

ତମକୁ ପୂଜି ଦେଲେ
ନିର୍ବାପିତ ହୋଇଯାଏ
ଦାବାଗ୍ନୀ ରେ ଜଳୁଥିବା କ୍ଷତ ଓ ଯନ୍ତ୍ରଣା
କେବେ ଯଦି ସ୍ୱପ୍ନରେ ବି ଦିଶିଯାଏ
ତମ ଛବି,ତମ ସ୍ମିତ ହସ
ଆଖିରେ ଆଖିଏ ଅଶ୍ରୁ ବହିଯାଏ
ନମାନି ସେ ହୃଦୟର ବାଡ଼ ବନ୍ଧ
ସ୍ମୃତି ଅପାସୋରା ।

ତମେ ଏମିତି  କେଉଁ ଯୋଗଜନ୍ମା  ଯେ
ଅସ୍ଥାନ ମାଡି ବସିଅଛ
ମୋ ଗୋଟାଯାକ  ଅତୀତ
ବର୍ତ୍ତମାନ ଓ ଭବିଷ୍ୟ
ମଥାନତ  ତମ ପାଖେ
କୃତଜ୍ଞ ମୁଁ , ଜନ୍ମ ପରେ ଜନ୍ମ ।

ଅନୁରାଗ
ବି/୧୦, ପ୍ରତିଭା ଏନ୍କ୍ଲେଭ,
ବିଜେବି ନଗର, ଭୁବନେଶ୍ୱର
ମୋ - ୯୪୩୭୧୨୩୨୪୮

# ଅଶିଣର ଶୁଭ୍ରମେଘ

ଶରତ କୁମାରୀ ମିଶ୍ର

ଅଶିଣର ଶୁଭ୍ରମେଘ କାଶତଣ୍ଡି
ଦେବୀ ମାତା ଆଗମନୀ
ଗାଏ ମଧୁସ୍ୱରେ
ସେ ବେଳରେ ମୋ ପାଇଁ କି
ଏ କି ଅଘଟଣ
କୁହ ମାତା ଘଟିଗଲା
ବଜ୍ରପାତ ହେଲା ମୋର ଶିରେ ।
ତୁମ ଉପାସନାରେ ତ
ହେଳା ମୁଁ କରିନି
ଅତି ଉତ୍ସାହିତ ହୋଇ
କରେ ଆରାଧନା ।
ମୋ ପାଇଁ ମାଆ ଗୋ କୁହ
ତୁମର କରୁଣା
ଜାଣି ମୁଁ ପାରେନା କିମ୍ପା
ହୋଇଗଲା ଊଣା ।

ତୁମ ପରି ମାତା ଥାଉ
ହେଲି ନିରିମାଖୀ
କୁହ କି ଦୋଷରେ ମୁହିଁ
ହେଲି ଏତେ ଦୁଃଖି ।
ତୁମ ପାଦେ ସ୍ମରୁ ଥିଲି
ମୋ ଦୁର୍ଦ୍ଦଶା କାଟି
ଦେବ ମୋତେ ଆଶାର
ଆଲୋକ ଦିବ୍ୟଜ୍ୟୋତି ।
ଅସମ୍ଭବ ହୁଏ ତୁମ
ଦୟାରେ ସମ୍ଭବ
କିନ୍ତୁ ସବୁ ଆଶା ମୋର
ହେଲା ଦୁଃଖ ଭାବ ।
କିପରି କାଟିବି ଦିନ
ଭାବି ମୁଁ ପାରେନା
କେତେ ନିଷ୍ଠୁର ହୋଇଲ
ତୁମେ ମାତା ସିନା ।

ଆଇ. ଆର୍. ସି. ଭିଲେଜ୍,
ଭୁବନେଶ୍ୱର

# ମାଆ

ଶ୍ରୀମତୀ ପ୍ରତିମା ମିଶ୍ର

ଶରତ ଋତୁର ନିର୍ମଳ ଆକାଶ
ଋତୁ ଚକ୍ରର ଘୂର୍ଣ୍ଣନ
ଜଣେ ଅପରକୁ ବିନମ୍ରେ ଜଣାଏ
ଶାରଦୀୟ ଅଭିନନ୍ଦନ।
ମୃଣ୍ମୟୀ ମାଆର ପୂଜାର୍ଚ୍ଚନା ପାଇଁ
ବହୁ ଆଡମ୍ବର ତୋର
ନିଜ ମାଆ ସାଥେ କରୁ କେତେ ଛଳ
ନାହିଁ ତାର ପଟାନ୍ତର।
କାଶତଣ୍ଡୀ ହସ ସୁନିର୍ମଳ ଦିଶେ
ଲାଖିଛି ତୋ ମାଆ ଓଠେ
ମାତା ଆବାହନେ ବାମନର ଦାନ
ଦେ'ଦୁଇ ମାଆଙ୍କୁ ଏ ଧରା ପୃଷ୍ଠେ ।
ଅସତ୍ୟ ଉପରେ ସତ୍ୟର ସ୍ଥାପନା
ଉଡେ ବିଜୟ କେତନ
ପ୍ରାର୍ଥନା ତୋ ହେଉ ଉଭୟ ମାଆଙ୍କୁ
କର ପୁନଃ ପ୍ରବର୍ତ୍ତନ ।

ସୃଷ୍ଟି ନିଳୟ, ଡୁମୁଡୁମା, ଭୁବନେଶ୍ୱର

# ଜଗନ୍ନାଥ

ସରୋଜଲକ୍ଷ୍ମୀ ମହାନ୍ତି

ନିଃଶ୍ୱ ମୋର ଏଇ ହୃଦ ସିଂ ହାସନେ
ଗଢିଛି ବିଶ୍ୱାସ ରଥ
ମୋ ମନ ମନ୍ଦିର ମୁକୁଳା ଦୁଆରେ
ଆସହେ ଜଗତ ନାଥ
ମାଗିନିତ କିଛି ହାତପାତି ପ୍ରଭୁ
ଦେଇଛି ମୁଁ ହାତ ଟେକି
ପ୍ରଭୁପଣ ତୁମ ଉଦ୍ଧାର ରହିବ
ଆର ଜନ୍ମକୁ ବାକି
କେତେ ଭାଗ୍ୟ ମୋର ଏଇ ଜନମରେ
ପାଇଛି ତୁମ ସାନ୍ନିଧ୍ୟ
ଡାକନ୍ତକି ଥରେ ରଥ ଯାତ୍ରାକୁ
ହୁଅନ୍ତି ମୁଁ କୃତକୃତ୍ୟ
ଦେବଦାସୀ ପରି ନାଚୁଥାଆନ୍ତି ମୁଁ
ତୁମ ନାଟ ମଣ୍ଡପ ରେ
ଜଳାଇ ବସନ୍ତି ଅଖଣ୍ଡ ଦିପାଳି
ତୁମ ରଥର ପଥରେ
ଆନନ୍ଦାଶ୍ରୁ ଯେତେ ଝରି ମୋ ଯାଆନ୍ତା
ଚକାନୟନ କୁ ଚାହିଁ
ଏତିକି ଆଶା ମୋ ରଖିବ ଗୋସେଇଁ
ଆଉକିଛି ମିଗୁନାହିଁ।

ନନ୍ଦନବିହାର, ଭୁବନେଶ୍ୱର

# ପାଷାଣୀ କନ୍ୟା

ମଧୁସ୍ମିତା ମହାପାତ୍ର

ଆଜି ବି ଜୀବନ୍ତ ମୋ
ନୀରବ ସ୍ପନ୍ଦନ
ଜୀବନର ପ୍ରତିଟି ସୋପାନ
ତା' ମୂନେ ହୁଅଇ ଜୀବନ୍ତ ।

ଜୀବନର ପ୍ରତି ସୋପାନ ମୋର
ତା' ପ୍ରାଣଛୁଆଁରେ ହୁଏ ସଜୀବ,
ରଙ୍ଗ ଓ ରୂପର ଅପାର ସମ୍ଭାରେ
ସଜାଏ ସେ ମୋ ସ୍ୱପ୍ନର ଦ୍ୱୀପ ।

ଲାଳିତ୍ୟ ମୋର ପ୍ରସ୍ଫୁଟିତ ହୁଏ
ତା' କଳ୍ପନାର ସୁଧାସିକ୍ତ ଧାରାରେ,
ବାସ୍ତବତାର ମାଟି ଛୁଇଁବାକୁ ଚାହେଁ
ସ୍ୱପ୍ନସଜା ରଙ୍ଗିନ ସଂସାରେ ।

ମୋ ଆଖିକୋଣେ ଅସଂଖ୍ୟ ସ୍ୱପ୍ନ,
ରଙ୍ଗବେରଙ୍ଗ ଫୁଲବନର ଡାକ;
ପ୍ରଜାପତି ପରି ଉଡ଼ି ବୁଲିବାକୁ,
ବ୍ୟାକୁଳ ହୁଏ ମନର ପାଖି ।

ପାଷାଣ ବନ୍ଧନ ଭାଙ୍ଗି ଦେଇ,
ଜ୍ୟୋତ୍ସ୍ନାସ୍ନାତ ରଜନୀର କୋଳେ;
ନୃତ୍ୟର ଛନ୍ଦେ ଝଙ୍କାର ତୋଳି,
ହଜିଯିବାକୁ ଚାହେଁ ଆନନ୍ଦ ଢୋଳେ ।

କିନ୍ତୁ ! ଅଭିଶପ୍ତ ପାଷାଣୀ କନ୍ୟା ମୁଁ,
ସ୍ୱାଧୀନତା ମୋ ପାଇଁ ଦିବାସ୍ୱପ୍ନ;
ଶତ ଆକାଙ୍‌କ୍ଷା ହୃଦୟେ ଥାଇ,
ବନ୍ଧନେ ଲେଖା ମୋ ଜୀବନ ।

ଯୁଗ ଯୁଗ ଧରି ପ୍ରତୀକ୍ଷାରେ ମୁଁ,
କେବେ ଆସିବେ ମର୍ଯ୍ୟାଦାପୁରୁଷ;
କରୁଣାମୟ ପରଶ ଦେଇ,
ମୋ ଭାଗ୍ୟର ଖୋଲିବେ ଅବରୋଧ ଦ୍ୱାର ।

ତାଙ୍କ ସ୍ପର୍ଶେ ଜାଗିଉଠିବ
ନିଷ୍ପ୍ରାଣ ଦେହେ ନବ ଚେତନା;
ପାଷାଣ ହୃଦୟ ପାଇବ ପ୍ରାଣ,
ସାର୍ଥକ ହେବ ମୋ ସାଧନା ।

କଳ୍ପନାର ଅନ୍ତ ଘଟିବ ସେଦିନ,
ସତ୍ୟ ହେବ ମୋ ସବୁ ଅଭିଳାଷ;
ପାଷାଣୀ କନ୍ୟା ନୁହେଁ ଆଉ ମୁଁ,
ହେବି ଜୀବନର ନବ ।

ନୀଳାଦ୍ରୀ ବିହାର, ଭୁବନେଶ୍ୱର

# ପ୍ରେମର ପରିଭାଷା

ସୁବ୍ରତା ମିଶ୍ର

ପ୍ରେମ ଏକ ନିର୍ମଳ ନିର୍ଝରିଣୀ ପରି
ଚିର ପ୍ରବହମାନ
ଛଳ ଛଳ ଢଳ ଢଳ
ଛନ୍ଦମୟୀ ସଲୀଳର ଧାରାଟିଏ
ବହି ଚାଲିଥାଏ ନିରନ୍ତର
ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପଥରେ

ପ୍ରେମ କେବେ ପ୍ରତାରଣା,ପ୍ରତିଶ୍ରୁତି
କି ଛଳନାର ଧାରପାଶ ମାଡେନା
ସୀମାର ଅତୀତ ଏହା
କେଉଁ ସାଧୁ ସନ୍ଥ
ସନ୍ୟାସୀ, ଫକୀରଙ୍କ
ଜନ୍ମ ତିଥିର ପରିସୀମା ତାକୁ
ଆବଦ୍ଧ କରିପାରେନା....

ବହି ଚାଲିଥାଏ ସୁଦୂର ଅତୀତରୁ
ବର୍ତ୍ତମାନ ଯାଏଁ ଏହା।
ସେଠୁ ପୁଣି ଏକ ଅନାଗତ ଭବିଷ୍ୟତର
ସୂତ୍ରଧର ସାଜେ ଅନନ୍ତ କାଳ ପର୍ଯ୍ୟନ୍ତ
ତାଳ ଦେଇ ଏହି
ଘୂର୍ଣ୍ଣୀୟମାନ ପୃଥିବୀ ସହିତ;

ପ୍ରେମ ଅଜର,ଅମର
ସମ୍ପୂର୍ଣ୍ଣ ସମର୍ପଣର ସ୍ଥିର ଏକ ସ୍ୱର
ପ୍ରେମ ପାର୍ଥିବ ନୁହେଁ
ଏକ ସ୍ୱର୍ଗୀୟ ଅନୁଭବ
ଈଶ୍ୱରଙ୍କର ଅନିର୍ବଚନୀୟ, ଶାଶ୍ୱତ ବରଦାନ।

ଜୟଦୁର୍ଗା ନଗର, ଭୁବନେଶ୍ୱର
ମୋ- ୮୨୪୯୮୩୨୦୯୩

# କବି ଓ କବିତା

ଶ୍ୱାତି ମହାନ୍ତି

ଅନ୍ତର ଆତ୍ମାର ଭାବ, ଅଭାବ,
ଘଟଣା, ଦୁର୍ଘଟଣା,
ପ୍ରେମ ଓ ପ୍ରତାରଣା
ନାୟକ ନାୟିକା
ଆଉ କେବେ ରାଗ ରାଗିଣୀ,
ଚାନ୍ଦର ଚାନ୍ଦିନୀ, ସନ୍ଧ୍ୟାର ସଳିତା
ସେଠି କଲମ କେବେ
ଯୁଦ୍ଧ କରେ ଆଉ କେବେ
ସତ କହି ଭୋକେ ମରେ
ବିଶିଷ୍ଟ କେବେ ଅବଶିଷ୍ଟ
ଛି' ଛା କେତେ ତାହି ଟାପରା
ତାର ଲେଖନୀ କିନ୍ତୁ ଅମର, ଚିର ସବୁଜ
ତାକୁ କେବେ ମୁହଁରେ ଧଳା,
ମୁଣ୍ଡରେ କଳା ଲଗେଇବାକୁ ପଡ଼ିନି
ସେ ସବୁବେଳେ ଦୃଢ଼,
ଦାମ୍ଭିକ, ସୁନ୍ଦର, ଅନନ୍ତ ଓ ଆତ୍ମୀୟ
ପର, ନିଜର ଭାରି ଆପଣାର !

ଜେଡ୍ ୱାନ୍ ଇଷ୍ଟେଟ୍,
ଭୁବନେଶ୍ୱର

# ଶରତର ଆଗମନ

ଦମୟନ୍ତୀ ଷଡ଼ଙ୍ଗୀ

ଶରତ ଆସିଲା ମରତ ହସିଲା
ଧରଣୀ ରାଣୀ ହସିଲା
ନାନା ଫଳ ପୁଷ୍ପେ ସଜେଇ ହୋଇ
ସଭିଙ୍କ ମନ ମୋହିଲା ।

ନୀଳ ଆକାଶରେ ତାରା ମେଳେ ଜହ୍ନ
ଅତୀବ ସୁନ୍ଦର ଦିଶେ
ସରସୀ ଜଳରେ ନିଜ ମୁଖ ଦେଖି
ଲାଜେଇ ଲାଜେଇ ହସେ ।

ନଈପଠା ପରେ ଶୁଭ୍ର କାଶ ତଣ୍ଡି
ନାଚଇ କେଡେ ସୁନ୍ଦର
ସତେ କି ଯେମିତି ମାଆଙ୍କ ଅପେକ୍ଷା
କଲାଣି ତାକୁ ଅଧିର ।

ଟଗର,ମନ୍ଦାର, ଜହ୍ନି ଫୁଲ ସାଥେ
ଅପରାଜିତାର ସମ୍ଭାର
ମାଆ ଦଶ ଭୁଜା ସଜେଇ ହେବେ
ଦିଶିବେ କେଡେ ସୁନ୍ଦର ।

ଶରତ ଋତୁ ର ଆଗମନେ ଆଜି
ବଢେ ଚତୁର୍ଦ୍ଦିଗ ଶୋଭା
ବିଶ୍ୱବାସୀଙ୍କର ଦୁଃଖ ହରିବାକୁ
ମାଆ ଆଜି  ମର୍ତ୍ତ୍ୟରେ ଉଭା ।

ହେ ଦଶ ଭୁଜା,ହେ ମହାମାୟୀ
ହେ ମାଆ ଜଗତ ଜନନୀ
ଉଭା ହୁଅ ମାଆ ଏ ଧରା ଧାମରେ
କରୁଛୁ ପଦେ ଦୟିନୀ ।

ଅଧ୍ୟାପିକା, ଅନୁଗୋଳ

# ମହୋଦଧି ପାପ ଧୁଏ

ଗୀତା ପଟ୍ଟନାୟକ

ତୋର ମହୋଦଧି ପାପ ଧୁଏ
ତୋର କୈବଲ୍ୟ ବୈକୁଣ୍ଠ ନିଏ
ନୀଳ ଚକ୍ରେ ତୋର ନେତ ଦେଖିଦେଲେ
ନୟନ ପବିତ୍ର ହୁଏ ।

କେହି ନ ଜାଣତି ତୁହି କେତେ ନାଟୁଆ
ସଭିଏଁ ତୋ ମାୟା ଖେଳେ ହୁଅନ୍ତି ବାୟା
କାହାକୁ ହସାଉ କାହାକୁ ଭସାଉ
ତୋ ମାୟା କୁ କିଏ ବୁଝିବ ହାଏ ।

ନୀ ଳାଚଳେ ଧରିଅଛୁ ଦାରୁ ମୁରତି
ଅତ୍ର ତତ୍ର ସର୍ବତ୍ର ତ ତୋହର ଗତି
କେବେ ପାଖେ ଥାଉ କେବେ ଦୂରେ ଯାଉ
ତୋତେ ଯେ ବୁଝିଛି ଜାଣିଛି ସିଏ ।

ତୋହର ଭାବରେ ଯିଏ ହୁଏ ବାଇଆ
ତୁଟି ଯାଏ ତାର ସବୁ ମୋହ ମାଇଆ
ତଥାପି ତୋହର ପରୀକ୍ଷା କକ୍ଷରେ
ପରୀକ୍ଷା ତା ଚାଲିଥାଏ ।

ପରୀକ୍ଷା ତୋହର ଗଲେ ତ ସରି
ଆପେ ଢାଳିଦେଉ କରୁଣା ବାରି
ତୋ ଭାବ ରସକୁ ପାନ କଲା ପରେ
ଇଛା ସବୁ ମରିଯାଏ ।

ହୁଏ ନାହିଁ କିଛି  ଆଉ ତ ଲୋଡା
ନୀଳାଚଳିଆର ଆଶ୍ରୟ ଛଡା,
ଚରଣ କମଳେ ଶରଣ ମିଳିଲେ
ମୁକତି ସେ ପାଇ ଯାଏ ।

ଆଦର୍ଶ ବିହାର, ଭୁବନେଶ୍ୱର
ମୋ– ୭୯୭୮୯୦୨୩୭୩

# ମାଆ ଦୁର୍ଗା ଓ ମାନବୀ କନ୍ୟା

ଜୟନ୍ତୀ ନାୟକ

ମାଟିରେ ଗଢ଼ି ଦୁର୍ଗା ମୂର୍ତ୍ତି, ସଜାଉ କେତେ ରଙ୍ଗେ,
ଶହ ଶହ ପ୍ରଦୀପ ଜାଳି, ଡାକୁ ମାଆଙ୍କୁ ଭକ୍ତି ସଙ୍ଗେ ।
ମେଢ଼ ତୋଳି ରୋଷଣୀ ଜାଳି, ବାଜେ ବାଜା ସୁରେ,
ମାଆଙ୍କ ଆଗମନେ ଧରଣୀ, ହସ ଉଲ୍ଲାସ ଭରେ ।

"ନାରୀ ଶକ୍ତି" ମାଆଙ୍କୁ ଡାକି, କରୁ ତାଙ୍କ ବନ୍ଦନା,
ତଥାପି କାହିଁ ଭୟରେ ବଞ୍ଚେ, ଘରର ମାନବୀ କନ୍ୟା ?
ଜନ୍ମ ପୂର୍ବରୁ କେତେ କନ୍ୟା, ହୁଅନ୍ତି ଯେ ଅଜନ୍ମା,
ଜନ୍ମିଲେ ବି ତା'ର ଭାଗ୍ୟ, କାହିଁଯେ ହୁଏ ଅବହେଳିତା ?

ଦୁର୍ଗା ପାଦେ ପୁଷ୍ପ ଅର୍ପି, କରୁ ମାଆଙ୍କ ଆରତି,
କନ୍ୟା ପଥ କଣ୍ଟକିତ, କାହିଁ ନିର୍ଦ୍ଦୟତା ଏମିତି ?
ମାଆଙ୍କ ହାତେ ତ୍ରିଶୂଳ ଦେଇ, କହୁ ଶକ୍ତିର ରୂପ,
ଜୀବନ୍ତ ଝିଅ ଲୁହ ଝରାଇ, କାହିଁ ହୁଏ ନିସ୍ତବ୍ଧ ?

ମହିଷାସୁର ମାଆ ସଂହାରି, କରିଲେ ଧରା ରକ୍ଷା,
ଶହ ଶହ ମହିଷାସୁର ମଧ୍ୟେ, କିଏ କରିବ କନ୍ୟାର ରକ୍ଷା ?
ମାଆଙ୍କୁ ଦେଉ ନବରାତ୍ରୀରେ, ଭକ୍ତି ଓ ଆରାଧନା,
କନ୍ୟାକୁ ଦେବା ନଅ ମାସରେ, ବଞ୍ଚିବାର ଅଧିକାର ।

ମାଆ ଦୁର୍ଗାଙ୍କୁ ପୂଜିବା ଆଗରୁ, ନେବା ଗୋଟିଏ ଶପଥ,
ପ୍ରତିଟି ଝିଅକୁ ଦେବା ଆମେ, ନିରାପଦ ଜୀବନ ପଥ ।
ମାଟିର ପ୍ରତିମା ଜଳେ ବୁଡ଼ିବ, ପୂଜା ସରିବ ଦିନେ,
ଜୀବନ୍ତ ଦୁର୍ଗା ହସିବ ଯେବେ, ପୂଜା ସାର୍ଥକ ତେବେ ।

ଦେବୀ ନୁହେଁ, ପ୍ରଥମେ ତାକୁ, ମଣିଷ ଭାବେ ଚିହ୍ନ,
ତା'ର ହସରେ ଦୁର୍ଗା ଦେଖି, ଗଢ଼ିବା ନୂଆ ସ୍ୱପ୍ନ ।
ମାଆ ଦୁର୍ଗା ମନ୍ଦିରେ ନୁହେଁ, ରହନ୍ତି ପ୍ରତି ମନରେ,
ପ୍ରତି କନ୍ୟାକୁ ସମ୍ମାନ ଦେଲେ, ମାଆ ହସିବେ ଧରାରେ

ତ୍ରିଶୁଳିଆ, କଟକ
ମୋ– ୯୮୬୮୫ ୮୦୩୨୫

ଅନୁସ୍ୱର
ମାସିକ ଇ-ପତ୍ରିକା

# ହାତ ନାହିଁ ମହାବାହୁ

ସ୍ୱର୍ଣ୍ଣଲତା ମହାପାତ୍ର

ହାତ ନାହିଁ ମହାବାହୁ ଦୁଃଖ ନେଇ ସୁଖ ଦେଉ
ଚକା ବଇଠିରେ ବସି ଦିଶୁଥାଉ ଦାଉଦାଉ ।

ତୋର ପାଶେ ଜାତିପାତି ଭେଦଭାବ ନାହିଁ କିଛି
ନିରେଖଜନକୁ ଡାକି ଆଶରା ତୁ ଦେଉ ଯାଚି ।
ଭାବରେ ବିଭୋର ହୋଇ ଭକତ ନଚାଉ ଥାଉ,
ଚକା ବଇଠିରେ ବସି ଦିଶୁଥାଉ ଦାଉଦାଉ ।

ଅନାଦି ଅନନ୍ତ ତୁହି ଆଦିମୂଳ ଶୂନ୍ୟଦେହୀ
ପୂର୍ଣ୍ଣବ୍ରହ୍ମ ବୋଲାଉଛୁ ଅଧାଗଢା ଦିଶୁଁ ହୋଇ ।
ଶ୍ରୀଗୀତଗୋବିନ୍ଦ ଶୁଣି ରତନପଲଙ୍କେ ଶୋଉ,
ଚକାବଇଠିରେ ବସି ଦିଶୁଥାଉ ଦାଉଦାଉ ।

ଆଡ ନୟନରେ ଚାହିଁ ପାଖକୁ ତୋ ଡାକିନେଇ
ଭରସା କରିଛି ତୋତେ ପାତକ ମୋ ଦିଏ ଧୋଇ ।
ଅନୁପମ ବେଶ ଦେଖି ଦିନ ମୋର ବିତିଯାଉ,
ଚକାବଇଠିରେ ବସି ଦିଶୁଥାଉ ଦାଉଦାଉ ।

ନୀଳାଦ୍ରିବିହାର, ଭୁବନେଶ୍ୱର
ମୋ– ୯୦୪୦୬ ୮୮୦୧୨

# ଏଇତ ଜୀବନ

ଶ୍ରୀମତୀ ଗୋପା ଦାସ

ପ୍ରକୃତି ଓ ଜୀବନ କ୍ଷଣ କ୍ଷଣକେ ଆନ,
ସୁନ୍ଦର ସବୁଜିମା ଭରା
କେବେ କରାଳ ଭୟନାଶନ ।
ମୋ'ଦେଶ ହେଉ କି ପଡୋଶୀ
ସୁଖଦୁଃଖର ସାଥି ଆମେ,
ଏଇତ ଜୀବନ ଜିଇଁବା
ଉପଭୋଗ ପ୍ରତି ସ୍ପନ୍ଦନେ।
ମୁହୂର୍ତ୍ତ ମୁହୂର୍ତ୍ତ ଲେଖା
ପ୍ରତି ଫର୍ଦ୍ଦ କପାଳ ଲିଖନ,
ଏଇ ଅଛି ଏଇ ନାହିଁ
ହଁ ନାହିଁରେ ଜୀବନ।
କୁନି ୪ବର୍ଷର ପିଲା କାନ୍ଧରେ
ଦାଇତ୍ୱ ତାର କୁନି ଭଉଣୀ,
ରକ୍ଷାକର୍ତ୍ତା ସ୍ୱୟଂ ଭଗବାନ ଟାଣେ
ତା'ର ମଜଭୁତ ଭାଇପଣିଆର ଡୋରି।
ସିଏ କି ଜାଣିଛି ବନ୍ୟା ମାଡିଆସେ
ଉଚ୍ଚ ପାହାଡ଼ ଶିଖରୁ,
ବଂଚିବାର ସୂତାଖିଏ ଭାସିଆସେ
ବନ୍ୟାର ସ୍ରୋତରୁ।
ଶିଶୁକନ୍ୟା ଜୁଳୁଜୁଳୁ ଆଖିତାର
ଖୋଜୁଥାଏ ଟିକି ଜୀବନକୁ,
କାଦୁଅଭିତରୁ ଟାହିଁରହି ଆଦରିନିଏ
ନୂଆ ବନ୍ୟା ନାମକୁ।
ପାଶୋରି ଓ ଭୁଲି ସମସ୍ତ ଅତୀତ
ଆଗକୁ ବଢିବାର ସେ ନୂଆ ଧାରାକୁ,
ଏଇତ ଜୀବନ କ୍ଷଣ କ୍ଷଣକେ ଆନ
ଆସ ଆଗେଇ ଯିବା ଆଗକୁ ଆଗକୁ।
ବିଚିତ୍ର ଏ ସୃଷ୍ଟି କୋଟିପତି
ଆଜି ରାଜରାସ୍ତା ର ଭିକାରି,
କ୍ଷଣିକ ଜୀବନ ଏଠି ଅହଂକାର ତେଜି....
ଖୋଜ ମହାପ୍ରଭୁ ବିଜେ ଅତ୍ର ତତ୍ର ସବୁଠି।

କଟକ

# ସବୁଥର ପରି ପୂଜା ଆସେ

ନୀଳମଣି ଚାନ୍ଦ

ସବୁଥର ପରି  ଆଶ୍ୱିନରେ ଆସେ ପୂଜା
ବିରାଜନ୍ତି ମା' ଦଶଭୁଜା
ମଣ୍ଡପ, ମେଢ଼ ,ତୋରଣ ହୁଏ ସାଜସଜ୍ଜା
ଢୋଲିଆଭାଇ ବଜାଏ ଢୋଲ ବାଜା ,
କାଶତଣ୍ଡୀ କରଇ ଚାମର
ବଢ଼ଇ ଖୁସିଟି ଆମର
ଶରତ ଖୁବ୍ ବ୍ୟସ୍ତ ସଫେଇ କାମର
ଶୂଳରେ ନାଶହୁଏ ମହିଷା ପାମର,
ପୂଜା ସଂଖ୍ୟା କିଣାଯାଏ ସବୁ ବର୍ଷ ପରି
ବର୍ଷଯାକ ପଢ଼ିବା ପାଇଁ ରଖାଯାଏ ଗଚ୍ଛିତ କରି
କାଶତଣ୍ଡୀ ଯାଏ ମରି, ଏ ପୂଜା ଯାଏ ସରି
ଶୀତ ଆସିବାକୁ ଆଉ କରେନାହିଁ ଡେରି,
ପୂଜା ତ ସବୁଦିନେ ପୂଜା ଦଶହରା ପରି
ଡାକିପାରିବା ମହାପାର୍ବଣ ନାଆଁଟିକୁ ଧରି ।

ମହ ମାନୋର୍, ଗୋଠପାଟଣା
ଭୁବନେଶ୍ୱର
ମୋ : ୯୫୮୩୨୦୨୩୫୭

# ଆସ ମାଆ ତୁମେ ଏ ଧରା ଧାମକୁ

ଅଜୟ କୁମାର ସେଠୀ

ଆସ ମାଆ ତୁମେ ଏ ଧରା ଧାମକୁ
ଶାନ୍ତି, ମଇତ୍ରୀ,ପ୍ରୀତି ଧରି
ସାରା ବିଶ୍ୱେ ଖେଳୁ ଆନନ୍ଦ,ଉଲ୍ଲାସ
ଭାଇଚାରା ଭାବ ଭରି ।
ପ୍ରତି ମଣିଷର ହୃଦୟ ଭିତରେ
ରହୁ ଦୟା,ମାୟା,କ୍ଷମା
ଗର୍ବ,ଅହଙ୍କାର ହୋଇ ଯାଉ ଦୂର
ନ ଫୁଟୁ ହିଂସାର ବୋମା ।
କାଳ ଭୟ ଦୂର ହେଉ ପୃଥିବୀରୁ
ନ ଆସୁ ନେପାଳ ଦୁଃଖ
ବାତ୍ୟା ଭୂମିକମ୍ପ ପ୍ରକୃତି କୋପରୁ
ସଭିଙ୍କୁ ତୁମେ ହିଁ ରଖ ।
ଶାନ୍ତିର କପୋତ ଉଡୁ ଆକାଶରେ
ଚାରିଆଡେ ଖେଳୁ ଖୁସି
ବଦଳି ଯାଉ ଏ ମଣିଷ ପ୍ରକୃତି
ନିରୀହ ନପାଉ ଫାଶୀ ।

ନିଶାମୁକ୍ତ ହେଉ ମୋର ମାଟି ମାଆ
ନଉଜୁଡୁ କାହା ଘର
ସବୁଜ ସୁନ୍ଦର ରହୁ ଏ ଧରଣୀ
ପ୍ରକୃତି ହସୁ ଆମର ।
ପ୍ରକୃତି ଆଖିରୁ ଲୁହ ଝୁରୁଅଛି
ଆମରି ମଣିଷ ପାଇଁ
ସଦବୁଦ୍ଧି ଦିଅ ମଣିଷକୁ ତୁମେ
ଗଛଟି ଦେଉ ଲଗାଇ ।
ତୁମରି ପୂଜାକୁ ପ୍ରଦୂଷଣ ମୁକ୍ତ
କରିବାକୁ ବୁଦ୍ଧି ଦିଅ
ଡିଜେ ପାଇଁ ଆଉ ଜୀବନ ନ ଯାଉ
ମାଆ ତୁମେ ସାହା ହୁଅ ।
ଧର୍ଷଣ,ଶୋଷଣ ନ ହେଉ ମହୀରେ
ଚାରିଆଡେ ଖେଳୁ ଶାନ୍ତି
ତୁମରି ବାଟକୁ ଅନେଇ ରହିଛୁ
ଦିଅ ମାଆ ଆମକୁ ମୁକ୍ତି ।।

ଅଙ୍ଗିରା, ଓହ୍ଲାଣ, ପୁରୀ
ମୋ :୯୯୩୭୧ ୯୮୮୭୮

ଅନୁସ୍ୱାର
ମାସିକ ଇ-ପତ୍ରିକା

# ଛେଳି

ଭୁବନେଶ୍ୱର ବିଶି

ମେଁ ମେଁ କାନ୍ଦ ଆଉ କଡ଼ମ୍ କଡ଼ମ
କଣ୍ଟା ସହିତ ଡାଳ ଖାଇବା ମୋର ଧର୍ମ ।
ମୁଣ୍ଡରେ ଦୁଇଟି ବଳିଷ୍ଠ ଶିଙ୍ଗ ବୋହି
ଟିକେ ଲମ୍ବା ଦାଢ଼ି ରଖିବା ମୋର ସଉକ ।

ବେକ ଦେଖେଇ ଦିଏ ସୁନା ପିଲାଟା ପରି
ଦେବୀ ପାଖରେ ଅର୍ପଣ ହେବା ପାଇଁ
କିମ୍ବା ତମର ଅରମାନ୍ ମେଣ୍ଟାଇବା ପାଇଁ
ମୋତେ ଦୁଇଖଣ୍ଡ କରି ଟାଙ୍ଗିରେ ହାଣି
ମୋର ରକ୍ତମାଂସକୁ ଖାଇଯାଅ
ତମ ହାତେ ହଣା ହେବା ପାଇଁ ତ ମୋର ଜନ୍ମ

ଖାଇ ଯାଅ ମୋତେ
କଲବଲ କରି ମାରିଦିଅ ମୋତେ
କାହାକୁ କିଛି କହିବିନି
ଛେଳି ଜନ୍ମ ପାଇଚି ଯେତେବେଳେ
କର୍ମଫଳତ ଭୋଗିବି
ତମର କିଛି କରିବିନି ।

ଦୁଇ ଗୋଡ଼ ଟେକି ସାଥି ଭାଇଙ୍କୁ
ଶିଙ୍ଗରେ ବିଦାରିବା ପାଇଁ
ଯୁଦ୍ଧର ଆହ୍ୱାନ ଦେବି, ଆଉ
କଣ୍ଟା ଡାଳକୁ ହିଁ ଖାଉଥିବି କଡ଼ମ୍ କଡ଼ମ୍
ପାଟିରୁ ରକ୍ତ ବାହାରିଲେ ବି ଚୁପ୍ ରହିଥିବି
ନିଜର ଅପୌରୁଷତ୍ୱ ଆଉ ନପାରିଲାପଣକୁ
ଜାହିର କରିବା ପାଇଁ ।

ରେଳବାଇ କଲିନୀ, ଜୟପୁର,
କୋରାପୁଟ
ମୋ : ୭୫୮୭୪୪୫୮୦୩

# ଦେବୀ

ହରପ୍ରିୟା ପଣ୍ଡା

ମା' ଗୋ ତୁମେ ଶକ୍ତି ସ୍ୱରୂପା
ବିରାଜିତ ସବୁରି ଅନ୍ତରେ
କରିଥାଅ ଅସାଧ୍ୟ ସାଧନ
ତୁମେ ପ୍ରେମମୟୀ କରୁଣାମୟୀ
ବାନ୍ଧି ରଖିଛ ଏ ଧରାକୁ
ତୁମ କାନି ପଣତରେ
ଭିଜାଇ ଦେଉଛ ତୁମ କରୁଣା ବାରିରେ
ଦେବୀ , ମାତୃ ରୂପେ କରିଥାଅ ତୁମେ
ସଂସାରକୁ ସୃଷ୍ଟି
ହାତ ଧରି ସନ୍ତାନକୁ ଦେଖାଅ ବି ପଥ
ତା ମୁଖେ ଆଧାର ଦେଇ
କରିଥାଅ ତାକୁ ଶକ୍ତିଶାଳୀ
ତୁମେ ବିଦ୍ୟାଦାତ୍ରୀ ପୁଣି ପଥ ପ୍ରଦର୍ଶିକା
ଦୂର କରି ଅମା ଅନ୍ଧକାର
ଭରିଦିଅ ଜୀବନରେ ଜ୍ଞାନର ଆଲୋକ
ଆଶିଷ ଦାୟିନୀ ତୁମେ ଅଭୟ ଦାୟିନୀ
କାତରେ ଡାକିଲେ କର ସନ୍ତାନର ରକ୍ଷା
ସ୍ୱୟଂ ଆବିର୍ଭୁତା ହୋଇ
କରିଥାଅ ଦୁଷ୍ଟର ସଂହାର
କାଳୀ ତୁମେ ସଂହାର କାରିଣୀ
ତୁମେ ପୁଣି ଗୌରୀ ନାରାୟଣୀ
ବିରାଜିତ ଏ ସଂସାରେ ତୁମ୍ଭେ ନାନା ରୂପେ
ଦେଖିବାକୁ ଚିହ୍ନିବାକୁ ତୁମ୍ଭର ସ୍ୱରୂପ
ଲୋଡ଼ା ଖାଲି ତୁମ୍ଭ ପଦେ ସମର୍ପଣ ଭାବ ।

କଟକ

# ମା ଦୁର୍ଗେ ଦୁର୍ଗତି ନାଶିନୀ

ରାଧାରାଣୀ ପଟ୍ଟନାୟକ

ଜୟ ମାଁ ଭବାନୀ ଦୁର୍ଗତି ନାଶିନୀ
ଦଶ ଭୁଜା ମାହେଶ୍ୱରୀ
ଯେବେ ଏ ସୃଷ୍ଟି ରେ ପ୍ରଳୟ ଉପୁଜେ
ତୁମେ ଆସ ଅବତରୀ
ସମସ୍ତଙ୍କ ମୁହେଁ ହସ ଫୁଟାଅ ଗୋ
ମାତା ତୁମ ଆଗମନେ
ଚତୁର୍ଦ୍ଦିଗେ ହେବ ତୁମରି ପୂଜା
ତୁମ ଚରଣ ବନ୍ଦନେ ।
ନବ ରାତ୍ରେ ମାଗୋ ନବ ରୂପଧରି
ଜଗତେ ଆସ ଓହ୍ଲାଇ
ଆଶିଷ ର ଧାରା ବରଷି ଦିଅ ଗୋ
ତୁମ ଭକ୍ତ ଜନ ପାଇଁ ।
ଶୈଳପୁତ୍ରୀ ରୁପ ପ୍ରଥମ ରାତ୍ରରେ
ତୁମ ପୁଜା ଉପାସନା
ଦ୍ୱିତୀୟ ରାତ୍ରୀ ରେ ବ୍ରହ୍ମଚାରିଣୀ ରୂପେ
ପୁର୍ଣ୍ଣ କର ଆମ କାମନା ।
ତୃତୀୟରେ ଆସ ଚନ୍ଦ୍ରଘଣ୍ଟା ନାମେ
ଜଗତର ରକ୍ଷା କାରି
ଚତୁର୍ଥ ରୂପ ତମ କୁଷ୍ମାଣ୍ଡ ପରା ଗୋ
ଚାରି ଆଡେ ପୂଜା ତୁମରି ।

ସ୍କନ୍ଧ ମାତା ତୁମ ପଞ୍ଚମ ରୂପଟି
ଷଷ୍ଟେ ତୁମେ କାତ୍ୟାୟିନୀ
ସପ୍ତମରେ ତୁମେ କାଳରାତ୍ରୀ ସାଜ
ହୁଏ ତୁମ ଆବାହନୀ ।
ମହାଗୌରୀ ତୁମ ଅଷ୍ଟମ ରୂପଟି
ସିଦ୍ଧିଦାତ୍ରୀ ଅଟ ନବମରେ
ବିଧି ବିଧାନରେ ପୂଜା ହୁଏ ତୁମ
ସମସ୍ତ ଉପଚାରରେ ।
ଭକ୍ତର ବାଞ୍ଛା ପୂର୍ଣ୍ଣ କର ମାଁ ଗୋ
ତୁମ କୃପା ଦୃଷ୍ଟି ଦେଇ
ସମସ୍ତ ବିପଦୁ ଉଦ୍ଧାର କର ମାଁ
କେବେ ଆନମନା ନୋହି
ଦଶହରା ମାସେ ଚଉଦିଗେ ମା ଗୋ
ଶୁଭେ ତୁମ ଦିବ୍ୟ ନାମ
ଦୟା କର ମାଗୋ ସନ୍ତାନଗଣଙ୍କୁ
ପୋଛି ଲୁହ ତୁମ ମହିମା ।

ଚନ୍ଦନ ନଗର, ବରଗଡ଼
ମୋ -୮୯୧୭୨୩୭୧୩୭

# ଜୀବନ ଓ ମୃତ୍ୟୁର କାହାଣୀ

ନୀନା ବଳିୟାରସିଂ

ଜୀବନ..
କିଛି ସ୍ମୃତି, କିଛି ଅନୁଭୂତି
କିଛି ସ୍ୱପ୍ନ,ଆଶାର କାକଳୀ
ଜୀବନ ଉଜାଣି ବହୁଚି
ନିସ୍ତରଙ୍ଗ ଜଳେ ଢେଉ ତୋଳି।

ହୃଦୟରେ ଆଶା ଅସୁମାରୀ
ଉଚ୍ଛଳ ଉଦ୍ଦାମତା ଭରା,
ଇନ୍ଦ୍ରଧନୁ ସାତରଙ୍ଗ ନେଇ
ରଙ୍ଗାୟିତ ସସାଗର ଧରା ।

ମୃତ୍ୟୁ..
ଶତାବ୍ଦୀର ତୃଷ୍ଣା ନାଇଁ,
ନାଇଁ ଲୁହ,କୋହର ଅଞ୍ଜଳି..
ତୋ ଆଖିରେ ନାଇଁ ପ୍ରତିକ୍ଷାର
ଶ୍ରାନ୍ତ କ୍ଳାନ୍ତ ଅବସନ୍ନ ଗୋଧୂଳି ।

ସ୍ମୃତିର ସ୍ତବକ ପାଇଁ
ଭିଜିବାକୁ ନାଇଁ ଲୁହ ଧାରା.
ତୋ ଆଖିର ଶ୍ୟାମଳ ଭୂଇଁରେ
ପ୍ରଲମ୍ବିତ ବିସ୍ତୀର୍ଣ୍ଣ ସାହାରା ।

ମହାନଦୀବିହାର, କଟକ

# ନୈବେଦ୍ୟ

ଅନୀତା ମିଶ୍ର

ତୁମ ଦିବ୍ୟ ନାମ  ଗୁଞ୍ଜେ ସଦା ପ୍ରଭୁ
କାନେ କାନେ ଦିଏ କହି
ତୁମ ଦିବ୍ୟ ପ୍ରେମେ ତୁମ ଦିବ୍ୟ ଭାବେ
ମନ ପ୍ରାଣ  ଯାଏ ବହି ।

ଘନୀଭୂତ ତନ୍ଦ୍ରା ପୁଞ୍ଜିଭୂତ ଅମା
ପଥ ଯେ ଦୁର୍ଗମ ଅତି
ତୁମ ସୌମ୍ୟ ସ୍ନିଗ୍ଧ ଦିବ୍ୟ ସ୍ପର୍ଶରେ
ଦିଅ ହେ ଅଦ୍ୟମ ଶକ୍ତି ।

ସତ୍ୟ,ଜ୍ଞାନ,ସ-ପ୍ରେମ ଆଲୋକର
ପଥେ
ନିତି ଫୁଟୁ ପାରିଜାତ
ହତାଶା ନିରାଶା ଯାତନା ବେଦନା
ସଦା ହେଉ ପ୍ରଶମିତ ।

ଫୁଟି ଉଠୁ କୋଟି ସୁପ୍ତ ଶତଦଳ
ଲୁପ୍ତ ହେଉ ଅନ୍ଧକାର
ଅଟଳ ବିଶ୍ୱାସ ଅନନ୍ୟ ଭରସା
ରହୁ ଥାଉ ନିରନ୍ତର ।

ଗୁଞ୍ଜରିତ ହେଉ  ଆଶୀଷ ମହକ
ଭକ୍ତି ଭାବର ଆଶ୍ଳେଷ
ଚୈତ୍ୟ ଓ ଚେତନା ହେଉ ଉର୍ଦ୍ଧ୍ୱ ଗାମୀ
ନୈବେଦ୍ୟ ଦିବ୍ୟ ଉନ୍ମେଷ ।

ଭୁବନେଶ୍ୱର

# ମାଆ ଦଶଭୁଜା

ହେମଲତା ଜେନା

ସର୍ବଦେବଙ୍କର ଦିବ୍ୟ ଶକ୍ତିର ମିଶ୍ରଣ
ମାଆ ତୁମେ ରଚିଥିଲ ମହିଷା ମରଣ।

ବ୍ରହ୍ମା ବରେ ବଳୀୟାନ  ମହିଷା ଅସୁର
ଦୁଷ୍ଟ ବୁଦ୍ଧି ଦୌରାତ୍ମ୍ୟେ ତା' ସର୍ବତ୍ର  ଅସ୍ଥିର।

ହାରିଗଲେ ଦୁଷ୍ଟ ଠାରୁ ସର୍ବ ଦେବଗଣ
ମହିଷା ବଧ ନିମନ୍ତେ  କରିଥିଲେ ପଣ।

ଦୁର୍ଗତି ନାଶନେ ମା ଗୋ ହେଲ ଅବତୀର୍ଣ୍ଣ
ଦଶ ହସ୍ତେ ଦଶ ଅସ୍ତ୍ର ଦିବ୍ୟ ଶକ୍ତିପୂର୍ଣ୍ଣ।

ସର୍ବଦିଗ ସୁରକ୍ଷାରେ ତୁମ ଦଶଭୁଜ
ରକ୍ଷା କଲ ଦେବଗଣେ ପ୍ରକଟାଇ ତେଜ।

ତ୍ରିଶୂଳ ଓ ସର୍ପ ପୁଣି ସୁଦର୍ଶନ ଚକ୍ର
ଖଡ୍ଗ ଆଉ ବଜ୍ର, ଶଙ୍ଖ,ଧନୁ ସାଥେ ତୀର।

ହସ୍ତେ ତୁମ ବର୍ଛା,ଢାଲ  ପ୍ରସ୍ଫୁଟିତ ପଦ୍ମ
ଦର୍ଶନରେ ମହିଷାର ମତି ହେଲା ଭ୍ରମ ।

ଅନ୍ୟାୟର ସ୍ଥିତି ହେଉ ଯେତେ ଶକ୍ତଶାଳୀ
ଧର୍ମ ଶକ୍ତି ଥାଏ ସଦା ତାହାଠାରୁ  ବଳି।

ଧର୍ମ ଆଉ  ସାହସର ଉଡାଇଲ ଧ୍ୱଜା
ଅଧର୍ମ କୁ ନାଶକରି ମାଆ ଦଶଭୁଜା।

କମାଗଡ଼, ଅଣ୍ଡିଆ, ଯାଜପୁର

# ଶକ୍ତି ସ୍ୱରୂପିଣୀ- ଦେବୀ ଦୁର୍ଗା

ବାସନ୍ତୀ ବାରିକ୍

ଶରତ ଆକାଶେ ସୁଷମା ପ୍ରକାଶେ
ସୁନୀଳ-ନିର୍ମଳ ଶୋଭା।
ଶାରଦୀୟ-ଦୁର୍ଗା ମର୍ତ୍ତ୍ୟେ ବିରାଜିବେ
ପାର୍ବଣର ବର୍ଣ୍ଣ-ବିଭା।
ଶସ୍ୟ-ଶ୍ୟାମଳିନୀ ଅରଣ୍ୟ,ଅବନୀ
ଅପରୂପେ ସୁଶୋଭିତା,
ଶ୍ୱେତ-କାଶତଣ୍ଡି ସୁନା-ଜହ୍ନି ଫୁଲେ
ଧରଣୀ-ରାଣୀ ଭୂଷିତା।
ମୃତ୍ୟୁଞ୍ଜୟ-ବରେ ମୃତ୍ୟୁଞ୍ଜୟୀ ଭାବି
ପାପିଷ୍ଠ-ମହିଷାସୁର,
ଇନ୍ଦ୍ରାସନ ଲଭି ଦେବଲୋକେ କଲେ
ଦେବଗଣେ ଅତ୍ୟାଚାର।
ସର୍ବଦେବତାଙ୍କ ତେଜୋଦୀପ୍ତ-ଶକ୍ତି
ପ୍ରଦତ୍ତ ଅସ୍ତ୍ର-ସମ୍ଭାର,
ଖଡ୍ଗ,ବର୍ମ,ଚକ୍ର, ବଜ୍ର,ଲୌହ-ଦଣ୍ଡ,
ବର୍ଚ୍ଛା, ତ୍ରିଶୂଳ, ଖର୍ପର।
ସିଂହାରୁଢ଼ା ସୌମ୍ୟା, ଦେବୀ ଦଶଭୁଜା,
ଅଲୌକିକା-ଯୋଗମାୟା,
ସମ୍ମୋହନୀ ରୂପେ ତ୍ରିଶୂଳେ ଛେଦିଲେ
ଦର୍ପିଷ୍ଠ-ଦାନବ କାୟା।

ଭୁବନ-ମୋହିନୀ, ଅଭୟ-ଦାୟିନୀ,
ପୂର୍ଣ୍ଣବ୍ରହ୍ମ, ସନାତନୀ,
ଶାନ୍ତି-ପ୍ରଦାୟିନୀ, ସଦ୍ଗତି-ଦାୟିନୀ,
ଆଦ୍ୟାଶକ୍ତି,ନାରାୟଣୀ।
କଲ୍ମଷ-ନାଶିନୀ, ଦୁର୍ଗତି-ହାରିଣୀ,
ସିଦ୍‌ଧେଶ୍ୱରୀ,ବିଶ୍ୱମାତା,
କାଳୀ,କାତ୍ୟାୟିନୀ କୁଷ୍ମାଣ୍ଡା,ଚଣ୍ଡିକା,
କାଳରାତ୍ରି,ଛିନ୍ନମସ୍ତା।
ବ୍ରହ୍ମାଣୀ,ବୈଷ୍ଣବୀ ରୁଦ୍ରାଣୀ,ଭୈରବୀ
ଷୋଡ଼ଶୀ,ମାତଙ୍ଗୀ,ଗୌରୀ,
ପାପ-ବିନାଶିନୀ ପୁଣ୍ୟ-ବିକାଶିନୀ
ଦେବୀ ମହିଷା-ମର୍ଦ୍ଦିନୀ।
ଐଶ୍ୱର୍ଯ୍ୟା,ଔଦାର୍ଯ୍ୟା, ବିମଳା,ବିରଜା
ଚନ୍ଦ୍ରଘଣ୍ଟା,ସ୍କନ୍ଦମାତା,
ଶାରଦା,ବରଦା ଶିବାନୀ,ଭବାନୀ
ଧୂମାବତୀ,ଶୈଳ-ସୁତା।
ଅଧର୍ମ-ନାଶିନୀ ଧର୍ମ-ସଂସ୍ଥାପନୀ
ଧରିତ୍ରୀରେ ଧର୍ମ-ଧ୍ୱଜା,
ଶରତ ଋତୁରେ ଶାରଦୀୟ ଦୁର୍ଗା
ସର୍ବାରାଧ୍ୟା, ଗଣପୂଜ୍ୟା।

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି. ଡ.ଏ କଲୋନୀ, ଫେଜ୍ -୧ ,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ : ୬୩୭୨୦୮୪୭୧୫

# ମା ଦୁର୍ଗା

ଶ୍ରୀମତୀ ରୀତା ମିଶ୍ର

ମାଁ ଗୋ ମାଁ ଦୁର୍ଗା ଦୁର୍ଗତି ନାଶିନୀ
ସିଂହ ବାହିନୀ,ଖଣ୍ଡା - ଖର୍ପର ଧାରିଣୀ
ଦୁଷ୍ଟ ସଂହାରିଣୀ, ମହିଷାମର୍ଦ୍ଦିନୀ !
ଆଶ୍ୱିନେ ଆସୁ ମାଁ ମରତେ ଓହ୍ଲାଇ
ଦୁଃଖ ଶୋକ ସବୁ ଦେବାକୁ ଦୁରେଇ ।

କାଶତଣ୍ଡୀ ହସିହସି ବିଲ,ପାଟ,ନଦୀ ପଠାପରେ
ମାଆଙ୍କୁ ସ୍ୱାଗତ କରି ନଇ ଯାଏ ଧିରେ
ଶୁଭ୍ର ତାର କେଶରାଶି ଛୁଏଁ ମାଆ ପାଦ
ମାଆ ପାଇଁ ମର୍ତ୍ତ୍ୟପୁର ଆଜି ଗଦଗଦ ।

ଚତୁର୍ଦ୍ଦିଗ ଗହଗହ ଆନନ୍ଦ ମନରେ
ସର୍ବେ ଲାଗିଥାନ୍ତି ମାଆ ତୋତେ ପୂଜିବାରେ
କେତେ ସାଜସଜ୍ଜା ଥାଏ ପୂଜା ମଣ୍ଡପରେ
ମହକଇ ପୁଣି ଧୂପଦୀପ,ଗୁଗ୍ଗୁଳ ବାସ୍ନାରେ ।

ଘଣ୍ଟ ମୃଦଙ୍ଗ ସଙ୍ଗେ ଦିବ୍ୟ ଆଳତୀ ତୋହର
ଦେଖି କୃତ୍ୟ କୃତ୍ୟ ହୋଇଥାନ୍ତି ନାରୀନର
ନାଶିବାକୁ ଦୁଃଖ ଶୋକ କରନ୍ତି ପ୍ରାର୍ଥନା
ଦଶଭୂଜା ମାଆ ବୋଲି କରନ୍ତି ବନ୍ଦନା ।

ହେଲେ ଆଜି ଚତୁର୍ଦ୍ଦିଗେ ଶୁଭେ ହଟ୍ଟଗୋଳ
ଧରାପରେ ବଢିଅଛି ପାପରଯେ ଭାର
ଏସବୁ ଦେଖି ମାଁ ତୁ କେମିତି ରହିଅଛୁ ସ୍ଥିର ?
ନାଶିଛୁ ଯେମିତି ଭାବେ ମହିଷ ଅସୁର
ନାଶିଦେ ସେମିତି ଏ ମଣିଷ ରାକ୍ଷସଙ୍କ ଦଳ ।

ଶାସ୍ତ୍ରୀନଗର, ଭୁବନେଶ୍ୱର

# ପାର୍ବଣରେ ପ୍ରକୃତି

ମନୋରମା ପଣ୍ଡା

ଟିକେ ଖରା ଟିକେ ଛାଇ
ଶରତ ଆସିଛି ଧରାକୁ ଓହ୍ଲାଇ
ଅଶିଣ ମାରୁଛି ହାଇ।

ଭୋଦୁଅର ଖରା ଭାରି ଟାଇଁ ଟାଇଁ
ଚାରିଆଡ ଶୁଷ୍କ ଦିଶେ,
ଧରଣୀ ସାଜିଛି ଅପରୂପ ବେଶେ
ଶରତ ମୁରୁକି ହସେ।

ନଦୀ, ବିଲ ପଥ ଗହୀର ବିଲରେ
କାଶତଣ୍ଡୀ ଝୁଲା ଝୁଲେ,
ପୁଷ୍କରିଣୀ ଭରେ ଧବଳ କଇଁରେ
ଆନଂଦରେ ଖେଳିବୁଲେ।

ଗଙ୍ଗଶିଉଳି ର ମହ ମହ ବାସ
ଜନ ମନ ହରିନିଏ,
ଗୋଟିଏ ରାତ୍ରିର ଆୟୁଷ ପାଇ ସେ
ନିଜଧର୍ମେ ଝରି ପଡେ।

ପାର୍ବଣ ର ଶୋଭା ବଡ ମନଲୋଭା
ଅନନ୍ୟ ତ ରୂପରାଜି
ଧରାବତରଣ ମା କରୁଛନ୍ତି
ପାପ ତାପ ଯିବ ହଜି।

ମା' କରୁଣାମୟୀ ଗୋ
କୁସୁମିତ କର
ତବ କୃପା ବାରିଧି ରେ,
ପ୍ରାଣେ ପ୍ରାଣେ ସଦା ସଞ୍ଚରିଯାଉ
ଧର୍ମୀୟ ସଦଭାବନା ରେ।

ତୁମେ ଭକତର ତୁମେ ମୁକତି ର
ମା'ଗୋ ଅଭୟ ଦାୟିନୀ,
ତୁମେ ତ୍ରିଗୁଣର ତୁମେ ନିର୍ବାଣର
ରକ୍ଷ ମା' ଜଗତ ଜନନୀ.

ଭୁବନେଶ୍ୱର
ମୋ : ୮୭୫୮୯ ୭୧୮୧୭

# ଲେଖା

ଶ୍ରୀମତୀ ବ୍ରଜେଶ୍ୱରୀ ସିଂହ

ହଁ ହାତ ଲେଖା
କବିର ଭାବନାର ଲେଖା
ଏହା ଈଶ୍ୱର ଦତ୍ତ ନୁହେଁତ ଆଉ କଣ
ଲେଖା ପାଖରେ ବୟସ ମଧ୍ୟ ହାର ମାନିଯାଏ ।
ଭାବୁକଟିଏ କେତେ ଯେ ସୁନେଲି ସ୍ୱପ୍ନ ଦେଖେ
ତାର ହିସାବ ନାହିଁ
ଶବ୍ଦକୁ ସାଉଣ୍ଟୁ ସାଉଣ୍ଟୁ ପାହିଯାଏ ରାତି
କଲମ ଆଉ ଡ଼ାଇରୀ ତାର ମୁକସାକ୍ଷୀ ।
ଲେଖାକୁ ସାଇତି ରଖିବାର ସ୍ୱପ୍ନ ଦେଖେ
କେତେ ଯେ କାଗଜ ସରେ ତାର କଳନା ନାହିଁ
ଏଇ ଲେଖିବା ଭିତରେ ପୁଣି
କାଗଜ ଆଉ କଲମର କାଳି ସରେ
ହିସାବ ବା କିଏ ଦେଖୁଛି ।
ତାର ମନରେ ଆନନ୍ଦର ସୀମା ନଥାଏ
ତାର ଭାବନାକୁ ହୃଦୟ ମନ୍ଦିରରେ
ସାଇତି ରଖିବାକୁ ବାରମ୍ବାର
କେତେବେଳେ ଝୁଣ୍ଟୁଥାଏ ତ
କେତେବେଳେ ଆଗକୁ ମାଡିଚାଲେ ।
ଆଉ ସାଇତି ରଖିଥିବା
ସେହି କାଗଜଲେଖା ଯଦି ହଜିଯାଏ
ବା ଚେନାଚୁର ବାଲା କିଣିନିଏ
ତେବେ ସାତ ଜନ୍ମର ତପସ୍ୟା
ସୁକୁଆ ପୋଡ଼ାରେ ଗଲାଭଳି
ସବୁ ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯାଏ ।
ହୃଦୟ ଅନ୍ତରରର କୋହ ଝରିପଡ଼େ
ଅଜାଣତେ ଲୁହ ବୁନ୍ଦା ବୁନ୍ଦା ହୋଇ
ସତରେ ସେ ଲେଖାରେ
ଏମିତି କଣ ଥାଏ ଭାବୁକର ?
କିଏ ବା ବୁଝିବ ତାର ଅନ୍ତରର କଥା
ସେହି ଶବ୍ଦର ସାଉଁଟା ଫୁଲରେ
କବି ହୁଏ ସିନା ଖାଲି ଛଟପଟ
ଆଉ ହଜେଇ ଥିବା ଅତୀତକୁ
ରୋମନ୍ଥନ କରେ ବାରମ୍ବାର ।

ସମ୍ପାଦିକା 'ବଉଳଫୁଲ'
ଯାଜପୁର ରୋଡ଼, ଯାଜପୁର

# ଧରାବତରଣ

ସାବିତ୍ରୀ ଦାସ

ଆଗମନେ ତୁମରି ଭସ୍ମ ହେବ କାଳିମା-କଳୁଷ,
ଏଇ ଆଶା ଆଉ ଉଲ୍ଲାସରେ
ମା' ତୁମ ଧରା ଅବତରଣକୁ
ଚାତକ ପରି ଚାହିଁଥାଏ ସକଳ ମଣିଷ।
ବିଘ୍ନ ବିନାଶିନୀ ଶକ୍ତିରେ ତୁମରି
କରିପାର ଦୁଷ୍ଟ ଶକ୍ତିର ଦଳନ,
ଦିନେ ଯେପରି ଦୁର୍ଗା ରୂପରେ କରିଲ
ଅନ୍ୟାୟ, ଅତ୍ୟାଚାରୀର ମହିଷାମର୍ଦ୍ଦନ।
ମହାଦେବୀ, ସକଳ ଶକ୍ତିର ଜନନୀ
ସଂସ୍କୃତିରେ ସୂର୍ଯ୍ୟ ପ୍ରତୀକ ତୁମରି,
ସୂର୍ଯ୍ୟରୁ ସହସ୍ର କିରଣ ଆସିବା ପରି
ଅସ୍ତ୍ର ଧାରଣ କରିଛ ମା' ଗୋ ସହସ୍ର କରେ।
ରାତ୍ରିରୂପୀ ମହିଷାକୁ କରିବାକୁ ହତ
ମା' ଅଦିତି ଗର୍ଭରୁ ଆଦିତ୍ୟ ସମ୍ଭୂତ,
ଲକ୍ଷ୍ମୀ-ସରସ୍ୱତୀ ଦୁଇ ପାର୍ଶ୍ୱରେ ତୁମର
ସଞ୍ଜ-ସକାଳ, ଦୁଇକାଳ ଆଦିତ୍ୟର।
ମଧ୍ୟାହ୍ନ ସୂର୍ଯ୍ୟର ପ୍ରତୀକ ମା' ଅଦିତି
ଅଭୟଦାୟିନୀ ତୁମେ ହିଁ ପାର୍ବତୀ,
ତୁମେ ସ୍କନ୍ଦମାତା, ତୁମେ ଧୂମାବତୀ
ତୁମେ କାତ୍ୟାୟନୀ, ଦେବୀ ଶୈଳପୁତ୍ରୀ।
ଅନନ୍ତ ଅସୀମ ତୁମେ ଶିବଙ୍କ ଘରଣୀ
ସୃଷ୍ଟିର ଆଦ୍ୟ ଅକ୍ଷର ତୁମେ ନାରାୟଣୀ,
ସଂସାରର ଧାତ୍ରୀ ତୁମେ ସ୍ୱସ୍ତି ପ୍ରଦାୟିନୀ
ସଜାଇ ଦିଗନ୍ତ ତୁମ ଅପେକ୍ଷାରେ ଧରଣୀ।

ଅନ୍ନପୁର, କେନ୍ଦୁଝର

# ଶକ୍ତି ସ୍ୱରୂପିଣୀ ନାରୀ

ଅନୁରାଧା ମହାପାତ୍ର

ନାରୀ ହିଁ ସତୀ ନାରୀ ହିଁ ପାର୍ବତୀ
ନାରୀ ହିଁ ଦେବୀ ନାରୀ ହିଁ ଦୁର୍ଗା
ନାରୀ ହିଁ ଆଦିଶକ୍ତି ନାରୀ ହିଁ ମହାମାୟା।
ହେ ମା..
ତୁମେ ଅଛ ଏ ସୃଷ୍ଟିର
ପ୍ରତ୍ୟେକ ନାରୀଙ୍କ ଆତ୍ମସତ୍ତାରେ
ତଥାପି ନାରୀକୁ କାହିଁକି ଏ ସମାଜ କହେ
ସେ ଅବଳା ଓ ଦୁର୍ବଳା।
ତୁମେ ଜାଗ୍ରତ ହୁଅ
ଏ ସଂସାରରୁ ଦୃଷ୍ଟ ମାନଙ୍କୁ ସଂହାର କର
କହିଦିଅ ଏ ପୁରୁଷ ସମାଜକୁ
ନାରୀ ହିଁ ଜନନୀ ନାରୀ ହିଁ ଭଗିନୀ
ନାରୀ ହିଁ ପ୍ରେମିକା ନାରୀ ହିଁ ଜାୟା
ନାରୀ ହିଁ ଦୁହିତା।
ନାରୀର ଏପରି ଅନେକ ରୂପ
ସେ ସାହସର ପ୍ରତୀକ
ଏ ସଂସାର ତା ପାଖରେ
ଯୁଗେ ଯୁଗେ ନତମସ୍ତକ।
ହେ ମହିଷାସୁର ମର୍ଦ୍ଦିନୀ
ଚଣ୍ଡ ମୁଣ୍ଡ ବିନାଶିନୀ
ଏ ସଂସାର ତୁମକୁ ପୂଜାକରୁ
ମୂର୍ତ୍ତି ରୂପରେ ନୁହେଁ
କେବେ ଜୀବନ୍ତ ନାରୀ ଭିତରେ।

ବୈତରଣୀ ରୋଡ଼, ଯାଜପୁର

# ଦିନକୁ ଦିନ ବଢୁଛି ତାତି

ନିବେଦିତା ଭଦ୍ର

ଦିନକୁ ଦିନ ବଢୁଛି ତାତି
ବଢ଼େ ଖରାର ଦାଉ
ଝାଞ୍ଜି ଖରାରେ ରହିବା କଷ୍ଟ
ସହି ହେଉନି ଆଉ।।

କାହିଁକି ଏତେ ଖରା ହେଉଛି
ବୁଝାଇ କୁହ ଅଜା
ଛୁଟି ଦିନଟା ଗରମ ପାଇଁ
ଲାଗୁନି ଜମା ମଜା।।

ବିଜ୍ଞାନ ଜାଣି ଅଜ୍ଞାନ ହେଲା
ମଣିଷ ଜାତି ଆଜି
ବଣ ଜଙ୍ଗଲ କରିଲା ସଫା
ବିନାଶ ବୃକ୍ଷ ରାଜି।।

କାରଖାନା ଯେ କରେ ତିଆରି
କାଟିଲେ ଗଛ କେତେ
ସଡ଼କ ପଥ ଗାଡ଼ି ମଟର
ବଢୁଛି ଯେତେ ଯେତେ।।

ଗରମ ଧୂଆଁ ଲଗାଏ ନିଆଁ
ଗଛର ଛାଇ ନାହିଁ
କେଉଁ ଶୀତଳ ପବନ ତାର
ପାଇବା ଆଉ କାହିଁ।।

ଏବେ ଠୁଁ ବୁଝ ଲଗାଅ ଗଛ
କର ନାହିଁ ରେ ହେଳା
ପ୍ରକୃତି ସଙ୍ଗେ ବସିଲେ ମିତ
ଫେରିବ ଶୁଭ ବେଳା।।

ପାହାଳ, ଭୁବନେଶ୍ୱର

# ଆମେ ବୋଧେ ଶେଷ ପିଢ଼ି

ରାମ ଚନ୍ଦ୍ର ପ୍ରଧାନ

ନଡ଼ା ଛପରର ଝାଟିମାଟି ଘରେ
ଆମେ ବୋଧେ ଶେଷ ପିଢ଼ି
କାନ୍ଧରେ ବସ୍ତାନି ପଟା, ଖଡ଼ି ଧରି
ଯାଉଥିଲୁ ପାଠ ପଢ଼ି ।
ଜେଜେ ମା' ଆଇ ଠୁ ଶୁଣୁଥିଲୁ ଆମେ
ପରୀ ରାଇଜର କଥା
ଗୁରୁଜନ ପ୍ରତି ଭକ୍ତି ଭାବ ରଖି
ନୋଉଁଥିଲୁ ଆମେ ମଥା ।
ଲଣ୍ଠନ,ଡିବିରି ଲୋଡ଼ା ହେଉଥିଲା
ସେତେବେଳେ ଅନ୍ଧାରରେ
ଟେଲିଗ୍ରାମ୍ ଯୋଗେ ଜରୁରୀ ଖବର
ପହଞ୍ଚୁଥିଲା ପାଖରେ ।
ଗାଆଁ ପିଲାମାନେ ମଜା ନେଉଥିଲେ
ଟାୟାର, ରିମ୍ ଗଡ଼ାରେ
କବାଡ଼ି, ଦାଣ୍ଡିଆ ପୁଚି, ବୋହୁଚୋରୀ
ଜମୁଥିଲା ଗାଁ' ଦାଣ୍ଡରେ ।
ଆମ ଠାରୁ ଶେଷ ତାଳପତ୍ର ପଙ୍ଖା
ଆଟୁ ଘରେ ଶୁଆ ମଜା
ଶେଷ ପିଢ଼ି ଆମେ ଖାଉଥିଲୁ କିଣି
ଗୁଡ଼ିଆ ଦୋକାନ ଖଜା ।
ଟିଣ ଡ଼ବା ପିଟି ଗଡ଼ି ଯାଉଥିଲୁ
ସାଙ୍ଗସାଥି ମିଳିମିଶି
କଙ୍କି ଲାଙ୍ଗୁଡ଼େର ସୁତା ବାନ୍ଧି ଆମେ
ମଜା କରୁଥିଲୁ ବେଶି ।
ସେକାଳ ପଖାଳ ଆଜି ଆଉ ନାହିଁ
ଯାଇଛି କୁଆଡ଼େ ହଜି
ଏ ଯାନ୍ତ୍ରିକ ଯୁଗେ ପଥଭ୍ରଷ୍ଟ ଆମେ
ପାଶ୍ଚାତ୍ୟ ଢଙ୍ଗରେ ମଜି ।

ଆସିକା, ଗଞ୍ଜାମ
ମୋ :୯୮୬୧୬୩୮୭୩୬

# ମୋଟା ମଲାଟ ଟିଏ

ଡ. ବାମନ ଚନ୍ଦ୍ର ଦୀକ୍ଷିତ

ମୋଟା ମଲାଟଟିଏ ମୁଁ
କିଛି ସୁନ୍ଦର,ସମୃଦ୍ଧ  କିଛି ସମ୍ଭ୍ରାନ୍ତ ବି
ଭିତରର ଫର୍ଦ୍ଦ ଫର୍ଦ୍ଦ ସମ୍ପର୍କଙ୍କୁ ଧରି
ସୁରକ୍ଷିତ ରଖିବାର ହାତଟିଏ ମୁଁ ।
ଅନେକ ରଂଗଢଙ୍ଗ ଚାକଚକ୍ୟର ଚେହେରା
ସମଗ୍ର କଥାବ୍ୟଥାକୁ ଆବୋରି ଧରିଥିବା
ଶୀର୍ଷକର ସମ୍ପୂର୍ଣ୍ଣତା ଠାରୁ କିଛି ଭିନ୍ନ
ତଥାପି ବି ଅଭିନ୍ନ ଏକ ଅନ୍ତଃସ୍ୱର ମୁଁ,
କିଛି କଠୋର ନିଷ୍ଠୁର ସମ୍ବାଦ ମାନଙ୍କ
ସଂକ୍ଷିପ୍ତ ସ୍ୱାକ୍ଷରଟିଏ ମୁଁ ।

ଆଉଜା କବାଟ ଟେ ମୁଁ...
ପ୍ରତିବନ୍ଧ ଶୁନ୍ୟ ମାତ୍ର କିଛିଟା ଆକଟ
ମାନିବା ଠାରୁ ଅବମାନନା ଯାଏ ବ୍ୟାପ୍ତ,
ଅନୁପ୍ରବେଶକାରୀଙ୍କ ଭିଡ଼ ଏଠି
ଠିଆ ହେବାର ଗାରୀମାକୁ
ଠାବ ଦେବା ନଦେବାର ଅଧିକାର ଶୁନ୍ୟ ,
ନିର୍ବାକ ନିଃଶବ୍ଦ ଆକଟଟିଏ ମୁଁ,
ଆଉଜା କବାଟଟିଏ ମୁଁ ।

ଏଡ଼େଇ ଦିଅ, ଆପତ୍ତି ଅଛି
ମାତ୍ର ମୋର  ଅଭିଯୋଗ ନାହିଁ
ଅଡ଼ିବା ଭୁଲିଲିଣି କାହିଁ କେବେଠାରୁ ,
ଆଡ଼େଇ ଯାଏ ଆପେଆପେ
ଖୋଲ ଅବା ଆଉଜାଅ ତୁମ ଇଛା
ପରିଚାଳିତ ହୋଇ ଯାଏ ଅନାୟାସେ ।

ନିଜେ ନିଜେ ଚାଲିବା ଭୂଲିଗଲା ଠାରୁ
ଇଙ୍ଗିତରେ ତୁମ ଉଠୁଛି ବସୁଛି
ଖୋଲୁଛି ବନ୍ଦ ହେଉଛି ମାତ୍ର
ଧ୍ୟେୟ ଏକ ସାଇତି ରଖିଛି ଆଜି ,
ଅନ୍ତେବାସୀ ପୃଷ୍ଠା ଚେଷ୍ଟା ପ୍ରତିଷ୍ଠାମାନଙ୍କ
ସୁରକ୍ଷା ସଂରକ୍ଷା ର ଜାଗ୍ରତ ପ୍ରହରି ସାଜି
ରଖିଆସୁଥିଲି ଯେମିତି କାହିଁ କେତେ କାଲୁ
ଏବଂ ରଖୁଥିବି ବି ଠିକ ସେଇମିତି
ଏ ଜନ୍ମରୁ କାହିଁ କେତେ ଜନ୍ମ ଯାଏ
କାହିଁକି ନା, ପୃଷ୍ଠା ର ପ୍ରତିଷ୍ଠା ଟୀକା ଲେଖା
ବିସ୍ତୀର୍ଣ୍ଣ ଲଲାଟଟିଏ ମୁଁ
ହଁ  ମୋଟା ମଲାଟଟିଏ ମୁଁ ।।

ସମ୍ପାଦକ 'ଉତ୍କଳ ବିକାସ'
ବିଳାସପୁର, ଛତିଶଗଡ଼

The Anuswaar
Monthly e-Magazine
Vol - 1/Issue- X
October -2026

# ଅନୁସ୍ୱାର

ମାସିକ ଇ-ପତ୍ରିକା

ଅକ୍ଟୋବର -୨୦୨୬

ସମ୍ପାଦନା : ସରୋଜ କୁମାର ଶତପଥୀ

Publisher :
Newtra Creations, Bhubaneswar
Contact Us : +91 9937128547 / Email : anuswaar.emagazine@gmail.com / Website : www.anuswaar.com